## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ପ୍ରଗତିବାଦୀ ପ୍ରତିଷ୍ଠାତା ପ୍ରଦ୍ୟୁମ୍ନ ବଳଙ୍କ ଜୟନ୍ତୀ ସମାରୋହ, ପ୍ରଗତିବାଦୀ ଅଫିସ, ମଞ୍ଚେଶ୍ୱର, ସକାଳ ୯ଟା।
- ଉତ୍କଳିକା ପକ୍ଷରୁ ହସ୍ତଶିଳ୍ପ ପ୍ରଦର୍ଶନୀ, ଏକାମ୍ର ହାଟ, ପୂର୍ବାହ୍ନ ୧୦ଟା।
- ଓଡ଼ିଆ ଭାଷା ପ୍ରତିଷ୍ଠାନ ପକ୍ଷରୁ ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷାର ବ୍ୟବହାର ସମ୍ପର୍କିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସଂସ୍କୃତି ଭବନସ୍ଥିତ ସମ୍ମିଳନୀ କକ୍ଷ, ପୂର୍ବାହ୍ନ ୧୦ଟା ୩୦।
- ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପକ୍ଷରୁ ଆଲୋଚନାଚକ୍ର, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ, ପୂର୍ବାହ୍ନ ୧୦ଟା ୩୦।
- ଓଡ଼ିଶା ରାଜ୍ୟ ଅସଙ୍ଗଠିତ ଶ୍ରମିକ ସଂଘ ସମନ୍ୱୟ କମିଟି ପକ୍ଷରୁ ଗଣଧାରଣା, ରାଜ୍ୟ ଶ୍ରମ କମିଶନରଙ୍କ କାର୍ଯ୍ୟାଳୟ, ପୂର୍ବାହ୍ନ ୧୧ଟା।
- ଓଡ଼ିଶା ବିକାଶ ପରିଷଦ ପକ୍ଷରୁ ପୋଲାଭରମ ପ୍ରକଳ୍ପ ବିସ୍ଥାପିତଙ୍କ ସମସ୍ୟାର ସ୍ଥାୟୀ ସମାଧାନ ଦାବିରେ କାର୍ଯ୍ୟକ୍ରମ, ଲୋୟର ପିଏମ୍‌ଜି, ମଧ୍ୟାହ୍ନ ୧୨ଟା।
- ଗାଁ ସାଥୀ(ମେଟ୍) ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ରାଲି କାର୍ଯ୍ୟକ୍ରମ, ଲୋୟର ପିଏମ୍‌ଜି, ଅପରାହ୍ନ ୩ଟା ୩୦।
- ଭାରତୀୟ ବିଦ୍ୟାଭବନ ଓ ଇନ୍‌ଫୋସିସ୍ ଫାଉଣ୍ଡେସନ ପକ୍ଷରୁ ପାଲା ପରିବେଷଣ, ଭାରତୀୟ ବିଦ୍ୟାଭବନ, ସନ୍ଧ୍ୟା ୬ଟା।

## ସଂକ୍ଷେପରେ

### ବାଙ୍କୀରେ ଐତିହ୍ୟ ପଦଯାତ୍ରା

**ବାଙ୍କୀ,୭।୧୧(ସ୍ୱ.ପ୍ର.):** କଟକ ହେରିଟେଜ୍ ୱାର୍କସ ଓ ପର୍ଯ୍ୟଟନ ବିଭାଗର ମିଳିତ ଆନୁକୂଲ୍ୟରେ ବାଙ୍କୀରେ ରବିବାର ଐତିହ୍ୟ ପଦଯାତ୍ରା ଆରମ୍ଭ ହୋଇଛି। କଟକ ହେରିଟେଜ୍ ୱାର୍କସର ଆବାହକ ଦୀପକ କୁମାର ସାମନ୍ତରାୟଙ୍କ ନେତୃତ୍ୱରେ ରବିବାର ଏକ ୨୫ ଜଣିଆ ପ୍ରତିନିଧି ଦଳ ବାଙ୍କୀରେ ପହଞ୍ଚି ବିଭିନ୍ନ ଐତିହ୍ୟ ପର୍ଯ୍ୟଟନସ୍ଥଳ ବୁଲି ଦେଖିଥିଲେ। ସେମାନେ ବାଙ୍କୀର ଗୟଳବାଙ୍କ ନିକଟରେ ଥିବା ଦେବୀଦ୍ୱାର ମନ୍ଦିରଠାରୁ ଆରମ୍ଭ କରି ସରଣ୍ଡାଗଡ଼ାର କୀର୍ତ୍ତିରାଜି , ଘୋଡାବର ରାଧାକାନ୍ତ ମନ୍ଦିର, ସୁବର୍ଣ୍ଣପୁର ଗ୍ରାମର ତୃତୀୟ ଦେବ ଜଗନ୍ନାଥ ମନ୍ଦିର , ରଗଡିର ମହିମାମଣି ମନ୍ଦିର ଏବଂ ତନ୍ତ ବାନ୍ଧ କାମ ବୁଲିଦେଖିଥିଲେ। ଶେଷରେ ଚର୍ଚ୍ଚିକା ମନ୍ଦିର ପରିଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ସିଆରଟିଡିର ସମ୍ପାଦକ ଲଳିତମୋହନ ପଣ୍ଡା ଓ ସଂଯୋଜକ ଅମିତ୍ କୁମାର ସାହୁଙ୍କ ସମେତ ଦିଲୀପ କୁମାର ଦାସ, ପଲ୍ଲଭିକା ତ୍ରିପାଠୀ, ଗୌତମ ମିଶ୍ର, ମନୋଜ ମହାପାତ୍ର, ଦିଲୀପ ପରିଡା, ସନ୍ତୋଷ ସିଂ, ମଧୁଜ୍ୟୋତ୍ସ୍ନା ସିଂହ, ଦୀକ୍ଷଣା କାଜରିଆ, ଅଞ୍ଜନା ପାଲଟା ସିଂହ ଓ ସିଦ୍ଧାର୍ଥ ଦେ ପ୍ରମୁଖ ଉପସ୍ଥିତ ଥିଲେ।

### ବାର୍‌ହା ଆକ୍ରମଣରେ ପୂର୍ବତନ ସରପଞ୍ଚଙ୍କ ସମେତ ୨ ଆହତ

**ବେଗୁନିଆ,୭।୧୧(ଡି.ଏନ୍.ଏ.):** ବେଗୁନିଆ ଥାନା ଅନ୍ତର୍ଗତ ମାଣିବନ୍ଧ ଗ୍ରାମରେ ରବିବାର ବାର୍‌ହା ଆକ୍ରମଣରେ ଦୁଇଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ମାଣିବନ୍ଧ ପଞ୍ଚାୟତର ପୂର୍ବତନ ସରପଞ୍ଚ ହରିହର ରଣସିଂହ ଓ ଭାଗ୍ୟଧର ନାୟକ। ସୂଚନା ମୁତାବକ, ଅପରାହ୍ନ ପ୍ରାୟ ୧ଟା ୩୦ରେ ହରିହର କଳାପଥରରୁ ବଜାରରୁ ଘରକୁ ଫେରୁଥିଲେ। ଏହି ସମୟରେ ଗାଁ ନିକଟରେ ଏକ ବାର୍‌ହା ପଲ ଯାଉଥିଲେ। ସେଥିରୁ ଏକ ବାର୍‌ହା ଆସି ହରିହରଙ୍କ ସାଇକେଲକୁ ଧକ୍କା ଦେଇଥିଲା। ଫଳରେ ହରିହର ତଳେ ପଡିଯାଇଥିଲେ। ବାର୍‌ହା ତାଙ୍କୁ ଆକ୍ରମଣ କରିବା ସମୟରେ ଚିତ୍କାର ଶୁଣି ଭାଗ୍ୟଧର ଆସିବାରୁ ତାଙ୍କୁ ମଧ ବାର୍‌ହା ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଆମ୍ବୁଲାନ୍ସରେ ଖୋର୍ଦ୍ଧା ମେଡିକାଲ ପଠାଇଥିଲେ।

# କେବିଏନ୍ ଗ୍ୟାଙ୍ଗର ନୂଆ ଭିଡିଓ ଭାଇରାଲ

**ଭୁବନେଶ୍ୱର,୭।୧୧(ବ୍ୟୁରୋ)**

ରାଜଧାନୀ ଭୁବନେଶ୍ୱର ଅସୁରକ୍ଷିତ ହୋଇଗଲାଣି। ଆପରାଧିକ ଶ୍ରେଣୀର ଯୁବକମାନେ ବିଭିନ୍ନ ମାରଣାସ୍ତ୍ର ଧରି ରାତିରେ ରାସ୍ତାରେ ବୁଲୁଛନ୍ତି। ସେମାନେ ସିନେମା ଶୈଳୀରେ ଖଣ୍ଡା, ଭୁଜାଲି, ବନ୍ଧୁକ ଧରି ରାସ୍ତାମଝିରେ ସଙ୍ଗୀତ ବଜାଇ ନାଚଗୀତ କରୁଛନ୍ତି। ସେମାନଙ୍କୁ କେବିଏନ୍ ଗ୍ୟାଙ୍ଗ କୁହାଯାଉଛି। ସେମାନଙ୍କ ଆତଙ୍କର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଲୋକେ ଭୟଭୀତ ହୋଇଯାଇଛନ୍ତି। ରାତିରେ ଘରୁ ଗୋଡ଼ କାଢ଼ିବାକୁ ଡରୁଛନ୍ତି। ଭିଡିଓ ଭାଇରାଲ ପରେ କମିଶନରେଟ୍ ପୋଲିସ କିଛିଦିନ ତଳେ ୫ ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟମାନେ ନିଶ୍ଚିନ୍ତରେ ବୁଲାବୁଲି କରୁଛନ୍ତି। ଏପରି ସ୍ଥିତିରେ ପୁଣି ଉକ୍ତ ଗ୍ୟାଙ୍ଗର ଆଉ ଏକ ଭିଡିଓ ଭାଇରାଲ ହୋଇଛି। ଜଣେ ଯୁବକ ଏକ ବନ୍ଧୁକ ଧରି ଫାଙ୍କା ଗୁଳିଚାଳନା କରୁଥିବା ଭିଡିଓରେ ଦେଖାଯାଉଛି।

**ରାଜଧାନୀ ରାସ୍ତାରେ ସଶସ୍ତ୍ର ଆତଙ୍କ**

**■ ଗ୍ୟାଙ୍ଗ ସଦସ୍ୟଙ୍କୁ ଧରିବାକୁ ସ୍ୱତନ୍ତ୍ର ଟିମ୍**



ଭାଇରାଲ ଭିଡିଓରେ ଦେଖାଯାଉଥିବା ବନ୍ଧୁକ।

ସେହି ଭିଡିଓ କେବେକାର ତାହା ସ୍ପଷ୍ଟ ହୋଇ ନ ଥିବା ବେଳେ କମିଶନରେଟ୍ ପୋଲିସ ପ୍ରତି ସେମାନଙ୍କ ଭୟ ନ ଥିବା ଜଣାପଡୁଛି। ଏନେଇ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ କହିଛନ୍ତି ଯେ, ଏହି ଗ୍ୟାଙ୍ଗର ଅନେକ ସଦସ୍ୟ ଗିରଫ ହୋଇଛନ୍ତି। ଫାଙ୍କା ଗୁଳିଚାଳନା କରୁଥିବା ଭିଡିଓଟି ପୁରୁଣା। ଉକ୍ତ ଯୁବକ ଗିରଫ ହୋଇଥିବାବେଳେ ତାଙ୍କଠୁ ବନ୍ଧୁକ ମଧ ଜବତ ହୋଇଛି। ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉଛି ବୋଲି ସେ କହିଛନ୍ତି। ଡିସିପି ଉମାଶଙ୍କର ଦାଶଙ୍କ କହିବା କଥା, ବନ୍ଧୁକ ଧରି ଗୁଳି ଫୁଟାଉଥିବା ଯୁବକ ଗିରଫ ହୋଇ ଜେଲ ଯାଇଛନ୍ତି। ଏହି ଗ୍ୟାଙ୍ଗକୁ ଆଖି ଆଗରେ ରଖି ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ତଦନ୍ତ କରାଯାଉଛି। ଗ୍ୟାଙ୍ଗର ଅନ୍ୟ ସଦସ୍ୟମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ସେ କହିଛନ୍ତି।




ପୁରୀ ସାଲବେଗ ପୀଠ ପରିସରରେ ରବିବାର ପୂର୍ଣ୍ଣଦାସ ଫାଉଣ୍ଡେସନ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସତ୍ୟଭାମା ପ୍ରଧାନଙ୍କୁ ପୂର୍ଣ୍ଣବ୍ରହ୍ମ ସମ୍ମାନ -୨୦୨୧ ପ୍ରଦାନ କରାଯାଉଛି।

# ଏସ୍‌ସିବିରେ ହେବ ଥାର୍ଡ ସ୍ପେସ୍ ଏଣ୍ଡୋସ୍କୋପି

**କଟକ ଅଫିସ,୭।୧୧**

**ମିଳିବ ମାଗଣା ଚିକିତ୍ସା**

ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲର ପ୍ଲାଟିନମ ଜୁବୁଲି ପାଳନ ପରିପ୍ରେକ୍ଷୀରେ ଗ୍ୟାଷ୍ଟ୍ରୋଲୋଜି ବିଭାଗ ପକ୍ଷରୁ ମେଡିକାଲ ପରିସରରେ ରବିବାର ଏକ କର୍ମଶାଳା ଆୟୋଜିତ ହୋଇଯାଇଛି। ଏଥିରେ ନୂଆଦିଲ୍ଲୀସ୍ଥିତ ମେଦାନ୍ତ ହସ୍ପିଟାଲ ଏଣ୍ଡୋସ୍କୋପି ବିଭାଗର ନିର୍ଦ୍ଦେଶକ ଡ. ରାଜେଶ ପୁରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଏସ୍‌ସିବିରେ ଥାର୍ଡ ସ୍ପେସ୍ ଏଣ୍ଡୋସ୍କୋପି ଆରମ୍ଭ ହେବ ବୋଲି ଘୋଷଣା କରାଯାଇଛି। ଏହା ସାହାଯ୍ୟରେ ଖାଦ୍ୟନଳୀର ୱାଲ୍‌ରେ ଏକ ଛୋଟ କଣା କରାଯିବ। ଦୁଇ ୱାଲ ମଝିରେ ଯାଇ ସମସ୍ୟା ସୃଷ୍ଟିକାରୀ ମାଂସପେଶୀକୁ କାଟି କାଢ଼ି ଦିଆଯିବ। ତେବେ ପ୍ରଥମ ସରକାରୀ ହସ୍ପିଟାଲ ଭାବେ ଏସ୍‌ସିବିରେ ଏହି ଚିକିତ୍ସା ବ୍ୟବସ୍ଥା ଆରମ୍ଭ ହେବ ବୋଲି ବିଭାଗୀୟ ମୁଖ୍ୟ ପ୍ରଫେସର ଡ. ଚିତ୍ତରଞ୍ଜନ ପଣ୍ଡା କହିଛନ୍ତି। ପୂର୍ବରୁ ଏହି ଚିକିତ୍ସା ବ୍ୟବସ୍ଥା ଓଡ଼ିଶାର ବିଭିନ୍ନ ଘରୋଇ ହସ୍ପିଟାଲରେ ରହିଛି। ହେଲେ ଚିକିତ୍ସା ପାଇଁ ରୋଗୀଙ୍କୁ ୨ରୁ ୩ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ପଡୁଥିଲା। ଏବେ ଏସ୍‌ସିବିରେ ଏହି ଚିକିତ୍ସା ମାଗଣାରେ କରାଯିବ। ଏହି କର୍ମଶାଳାରେ ଏସ୍‌ସିବି ମେଡିକାଲ ଅଧକ୍ଷ ପ୍ରଫେସର ଦଣ୍ଡେଶ୍ୱର ହୋତା, ଡ. ଏସ୍.ପି. ସିଂ, ବନବିହାରୀ ମିଶ୍ର, ଗ୍ୟାଷ୍ଟ୍ରୋଲୋଜି ବିଭାଗର ଆସୋସିଏଟ ପ୍ରଫେସର ପ୍ରଶାନ୍ତ ପରିଡ଼ା ପ୍ରମୁଖ ଉପସ୍ଥିତ ରହି ନୂତନ ଚିକିତ୍ସା ବ୍ୟବସ୍ଥା ସମ୍ପର୍କରେ ଆଲୋକପାତ କରିଥିଲେ।

# ମେଡିକାଲ ଏଣ୍ଟ୍ରାନ୍ସ ପାଇଲେ ଆଦିବାସୀ ଗରିବ ପିଲା

**ଭୁବନେଶ୍ୱର,୭।୧୧(ବୁରୋ)**

ସ୍ଥାନୀୟ ଆଇଆର୍‌ସି ଭିଲେଜ ସ୍ଥିତ ଶ୍ରୀ ବିନାୟକ ଶିକ୍ଷାନୁଷ୍ଠାନ ନିଟ୍-୨୧(ମେଡିକାଲ ଏଣ୍ଟ୍ରାନ୍ସ) ପରୀକ୍ଷାରେ ସଫଳ ଛାତ୍ରୀଛାତ୍ରମାନଙ୍କୁ କଲେଜ ତରଫରୁ ଆନୁଷ୍ଠାନିକ ଭାବେ ସମ୍ବର୍ଦ୍ଧନା ଦିଆଯାଇଛି। ଆଦୀବାସୀ ଅଧୁଷିତ ଅଞ୍ଚଳର ବହୁ ଗରିବ ପିଲାମାନେ ଚଳିତ ବର୍ଷ ପରୀକ୍ଷାରେ ସଫଳତା ହାସଲ କରିପାରିଛନ୍ତି। ଅନୁଷ୍ଠାନର ନିର୍ଦ୍ଦେଶକ ସଞ୍ଜୟ ରାଜଙ୍କ ତତ୍ତ୍ୱାବଧାନରେ ଗ୍ରାମାଞ୍ଚଳରୁ ଅନେକ ଗରିବ ଛାତ୍ରୀଛାତ୍ରଙ୍କୁ ଆଣି ଏଠାରେ ମାଗଣାରେ ଶିକ୍ଷା ଦାନ କରାଯାଉଥିଲା। ପ୍ରଫେସର ଦେବୀଦତ୍ତ ମିଶ୍ର ଏବଂ ପ୍ରଫେସର ଜୟକୃଷ୍ଣ ବଳିୟାରସିଂଙ୍କ ପରିଶ୍ରମର ଫଳ ଆଜି ଆସିଛି। ଆଗକୁ ଏହିଭଳି ଅନୁଷ୍ଠାନକୁ ସଫଳତା ମିଳୁ ବୋଲି କଲେଜର କୃତି ଛାତ୍ରୀଛାତ୍ରଙ୍କ ଅଭିଭାବକ ମତ ରଖିଛନ୍ତି। ଏହି ସମ୍ବର୍ଦ୍ଧନା ସଭାରେ ଅନୁଷ୍ଠାନର କର୍ମକର୍ତ୍ତା ଏବଂ କୃତି ଛାତ୍ରୀଛାତ୍ରଙ୍କ ଅଭିଭାବକ ଉପସ୍ଥିତ ରହିଥିଲେ।

### ଦିଅର ମାଡ଼ରେ ଭାଉଜ ମୃତ

**ଜଟଣୀ,୭।୧୧(ଡି.ଏନ୍.ଏ.)**

ଜଟଣୀ ପୌରାଞ୍ଚଳ କୁଦିଆରୀ ଗ୍ରାମରେ ରବିବାର ଦିଅର ମାଡ଼ରେ ଭାଉଜଙ୍କ ମୃତ୍ୟୁ ଘଟିଛି। ମୃତା ଭାଉଜ ହେଲେ ପୁଷ୍ପଶ୍ରୀ ସାହୁ। ପୋଲିସ ଏକ ହତ୍ୟା ମାମଲା(ନଂ.୫୮୭/୨୧) ରୁଜୁକରି ଅଭିଯୁକ୍ତ ଦିଅର ଅଜୟ ସାହୁଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ସୂଚନା ମୁତାବକ, କୁଦିଆରୀ ଗ୍ରାମ ମୁଖ୍ୟ ରାସ୍ତା ପାର୍ଶ୍ୱରେ ରହୁଥିବା ଅଜୟ ଏବଂ ଅଶୋକ ସାହୁଙ୍କ ମଧ୍ୟରେ ଘରବାରି ଭାଗବଣ୍ଟାକୁ ନେଇ ବିବାଦ ଲାଗି ରହିଥିଲା। ଅଜୟ ନିଜ ରୁମ୍‌ରୁ ସାମଗ୍ରୀ ନେବାକୁ ଆସିଥିଲେ। ଏହି ସମୟରେ ଅଶୋକ ପହଞ୍ଚି ଘରବାରି ସମସ୍ୟା ସମାଧାନ ହେବା ପରେ ସାମଗ୍ରୀ ନେବାକୁ କହିଥିଲେ। ଏନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ଓ ପରେ ଗଣ୍ଡଗୋଳ ହୋଇଥିଲା। ଏହା ଦେଖି ପୁଷ୍ପଶ୍ରୀ ଚାଲିଆସିଥିବାରୁ ତାଙ୍କୁ ଆଘାତ ଲାଗିଥିଲା। ସେ ତଳେ ପଡିଯିବାରୁ ଚିକିତ୍ସା ପାଇଁ ତାଙ୍କୁ ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଧର୍ମପରାୟଣା ମହିଳାଙ୍କ ପରଲୋକ

**ଜଟଣୀ,୭।୧୧(ଡି.ଏନ୍.ଏ.)**

ଭାଜପା ନେତା ସୁଦୀପ୍ତ ରାୟଙ୍କ ମା' ସୁହାସିନୀ ପାଇକରାୟଙ୍କ ରବିବାର ସକାଳେ ପରଲୋକ ହୋଇଯାଇଛି। ସେ ଗତ କିଛିଦିନ ହେବ ବିଭିନ୍ନ ରୋଗରେ ପୀଡ଼ିତ ହୋଇ ଏମ୍‌ସରେ ଚିକିତ୍ସିତ ହେଉଥିଲେ। ସୁହାସିନୀ ଜଣେ ପରୋପକାରୀ, ମିଷ୍ଟଭାଷି, ସ୍ନେହୀ, ଧର୍ମପରାୟଣ ମହିଳା ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଭାଜପା ଏବଂ ବିଭିନ୍ନ ରାଜନୈତିକ ଦଳର ନେତା, ବିଧାୟକ ଶେଷ ଦର୍ଶନ କରିଥିଲେ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଏବଂ ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି ଏବଂ ଭାଜପା ରାଷ୍ଟ୍ରୀୟ ଉପ ସଭାପତି ବୈଜୟନ୍ତ ପଣ୍ଡା ପ୍ରମୁଖ ଶୋକ ବ୍ୟକ୍ତ କରିଛନ୍ତି। ପୁରୀ ସ୍ୱର୍ଗଦ୍ୱାରରେ ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ସୁଦୀପ୍ତ ମୁଖାଗ୍ନି ଦେଇଥିଲେ।

### ବିଦାୟ ନେଲେ ମା'କାଳୀ

**ଭୁବନେଶ୍ୱର,୭।୧୧**

ଶହୀଦନଗର ଦୁର୍ଗା ପୂଜା ସମିତି ତରଫରୁ ମା' କାଳୀଙ୍କ ବିସର୍ଜନ ରବିବାର ସମ୍ପନ୍ନ ହୋଇଛି। ଅଳ୍ପ କର୍ମକର୍ତ୍ତାଙ୍କ ସହ କୁଆଖାଇ କୃତ୍ରିମ ପୋଖରୀରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତିକୁ ବିସର୍ଜନ କରାଯାଇଛି। ବିସର୍ଜନରେ ନାରାୟଣ ମହାପାତ୍ର, ଅଚ୍ୟୁତ ପ୍ରସାଦ ବେହେରା, ହରିଶ ପ୍ରସାଦ ରଥ, ଗୋପାଳ କୃଷ୍ଣ ମହାନ୍ତି, ଶ୍ରୀନିବାସ ରାଓ, କାଳିଆ ସାମଲ, ସନ୍ତୋଷ ଓଝା ଓ ଲିଙ୍ଗା ରାଓ ପ୍ରମୁଖ ଯୋଗ ଦେଇ ସହଯୋଗ କରିଥିଲେ। ସେହିପରି ଲକ୍ଷ୍ମୀସାଗର ଗୁପ୍ତ କୋଠରୀ ପକ୍ଷରୁ ପ୍ରତି ବର୍ଷ ମା'କାଳୀଙ୍କ ପୂଜା ଅନୁଷ୍ଠିତ ହୋଇଆସୁଛି। କିନ୍ତୁ ଏ ବର୍ଷ କରୋନା କଟକଣା ସହ ପାଇଁ ଅଳ୍ପ ସଂଖ୍ୟକ ମହିଳାମାନେ ଏକାଠି ହୋଇ ମା'କାଳୀଙ୍କୁ ପାନପତ୍ରରେ ମୁହଁ ସେକିଛନ୍ତି। ପରେ ମିଠା ଖୁଆଇ ସିନ୍ଦୁର ଖେଳ ଖେଳିଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଭାଗ୍ୟରଥି



@ ହିତାଂଶୁ



@ ହାପି



@ ସୁଜଟି



@ ରାହୁଲ



ତହେସିନ୍

# ବିଏମ୍‌ସିରେ ରାତି ଅଧିଆ ବଦଳିକୁ ନେଇ ଚର୍ଚ୍ଚା

**ଭୁବନେଶ୍ୱର, ୭।୧୧ (ବ୍ୟୁରୋ)**

**ମୁଖ୍ୟାଳୟକୁ ଗଲେ ଅଂଶୁମାନ ରଥ, ମହେନ୍ଦ୍ର କୁମାର ବଡ଼େଇ ନୂଆ ଜେଡିସି**

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ରେ ପୁଣି ରାତି ଅଧିଆ ବଦଳି ଆରମ୍ଭ ହୋଇଛି। ଦକ୍ଷିଣ ପୂର୍ବ ଜୋନ୍‌ର ଡେପୁଟି କମିଶନ(ଜେଡିସି)ର ଅଂଶୁମାନ ରଥଙ୍କୁ ହଠାତ୍ ମୁଖ୍ୟାଳୟକୁ ବଦଳି କରାଯାଇଥିବାବେଳେ ତାଙ୍କ ସ୍ଥାନରେ ମହେନ୍ଦ୍ର କୁମାର ବଡ଼େଇଙ୍କୁ ନୂଆ ଜେଡିସି ଭାବେ ନିଯୁକ୍ତି ମିଳିଛି। ମହେନ୍ଦ୍ର ହେଉଛନ୍ତି ପୁରୀ ଜିଲା ଡେଲାଙ୍ଗ ବ୍ଲକ୍‌ର ପୂର୍ବତନ ତହସିଲ୍‌ଦାର ତଥା ଓଏଏସ୍-୧(ଜେଡି)। ତେବେ ଏଭଳି ହଠାତ୍ ବଦଳି ଓ ନୂଆ ଅଧିକାରୀଙ୍କୁ ସାମିଲ୍ କରିବାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ମିଳିଥିବା ସୂଚନାନୁସାରେ, ଜେଡିସି ଅଂଶୁମାନ ରଥଙ୍କୁ ଜୋନ୍ କାର୍ଯ୍ୟାଳୟରୁ ମୁଖ୍ୟ କାର୍ଯ୍ୟାଳୟକୁ ବଦଳି କରାଯାଇ ଆସିଷ୍ଟାଣ୍ଟ କମିଶନର ଭାବେ ନିଯୁକ୍ତ କରାଯାଇଛି। ସେ ବିଏମ୍‌ସି ରାଜସ୍ୱ ବିଭାଗ ଉପଆୟୁକ୍ତଙ୍କ ଅଧୀନରେ ରହି କାର୍ଯ୍ୟ ନିର୍ବାହ କରିବେ। ସେହିପରି ସହକାରୀ ଆୟୁକ୍ତ ଲିଲନ ପ୍ରସାଦ ସାହୁ ପୂର୍ବପରି ବିଏମ୍‌ସି ଯୋଗାଯୋଗ ବିଭାଗ ଦାୟିତ୍ୱ ସହ ଜମିବାଡ଼ି ଓ ଉଚ୍ଛେଦ ସମ୍ବନ୍ଧୀୟ କାର୍ଯ୍ୟ ନିର୍ବାହ କରିବେ ବୋଲି ନିର୍ଦ୍ଦେଶ ପ୍ରକାଶ ପାଇଛି। ତେବେ ହଠାତ୍ କ'ଣ ପାଇଁ ଜଣେ ବରିଷ୍ଠ ଅଧିକାରୀଙ୍କୁ ରାତି ଅଧିଆ ବଦଳି କରାଗଲା ତାକୁ ନେଇ ବିଏମ୍‌ସିରେ ନାନା ଆଲୋଚନା ଚାଲିଛି। ବିଶେଷସୂତ୍ର ଅନୁଯାୟୀ, ଖୁବ୍‌ଶୀଘ୍ର ୩ରୁ ୪ ଉପଆୟୁକ୍ତଙ୍କ ବଦଳି ହେବାର ସମ୍ଭାବନା ରହିଛି। ସେହିଭଳି ଟିକସ ସଂଗ୍ରହକୁ ଗୁରୁତ୍ୱ ଦେଇ ଟ୍ୟାକ୍ସ କଲେକ୍ଟରଙ୍କ ମଧ୍ୟରେ ବଡ଼ ଧରଣର ଅଦଳବଦଳ ହେବାର ସୂଚନା ମିଳିଛି।

### ଭାରତ ସ୍କାଉଟ୍ସ ଓ ଗାଇଡ୍ସର ପ୍ରତିଷ୍ଠା ଦିବସ

**ଭୁବନେଶ୍ୱର,୭।୧୧**

ଭାରତ ସ୍କାଉଟ୍ ଓ ଗାଇଡ୍‌ର ପ୍ରତିଷ୍ଠା ଦିବସ ଭୁବନେଶ୍ୱରସ୍ଥିତ ମୁଖ୍ୟାଳୟଠାରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଧାୟକ ତଥା ସଂସ୍ଥାର ସଭାପତି ଅତନୁ ସବ୍ୟସାଚୀ ନାୟକ, ସମ୍ମାନିତ ଅତିଥି ଭାବେ ସ୍କାଉଟ୍ସ ଆଣ୍ଡ୍ ଗାଇଡ୍‌ସର ରାଜ୍ୟ ମୁଖ୍ୟ କମିଶନର ଡ. କାଳି ପ୍ରସାଦ ମିଶ୍ର ଏବଂ ପ୍ରଫୁଲ୍ଲ ଚନ୍ଦ୍ର ଦାଶ ଯୋଗଦେଇ ସ୍କାଉଟ୍ ମାଷ୍ଟର ଓ ଗାଇଡ୍ କ୍ୟାପଟେନ୍‌ଙ୍କୁ ବହୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ପୋଖରୀରୁ ଦଳ କାଢ଼ିବା ସହ ମହାପୁରୁଷଙ୍କ ପ୍ରତିମୂର୍ତ୍ତିକୁ ସଫା କରିଥିଲେ। ମୁଖ୍ୟାଳୟ ଦ୍ୱାରା ଆୟୋଜିତ ବେସିକ୍ ସ୍କାଉଟ ମାଷ୍ଟର, ଗାଇଡ୍ କ୍ୟାପଟେନ, ରୋଭର ଓ ରେଞ୍ଜରମାନେ ବିଭାଗୀୟ ଉଚ୍ଚ ଅଧିକାରୀଙ୍କ ନିକଟକୁ ଯାଇ ଦିବସର ପ୍ରତୀକ ପତାକା ଲଗାଇ ସଂଗଠନର ବାର୍ତ୍ତା ପ୍ରଚାର କରିଥିଲେ। ରାଜ୍ୟ ସମ୍ପାଦକ ଶରତ କୁମାର ପାଇକରାୟ ଓ ରାଜ୍ୟ କୋଷାଧକ୍ଷ ଭବାନୀ ପ୍ରସାଦ ମିଶ୍ରଙ୍କ ଉପସ୍ଥିତିରେ ଆଡ୍‌ମିନିଷ୍ଟ୍ରେଟିଭ୍ ଅଫିସର ଅନାମିକା ଦାସ ଅତିଥିଙ୍କୁ ସ୍ୱାଗତ କରିଥିଲେ। ଯୁଗ୍ମ ସମ୍ପାଦକ ମିହିର ରଞ୍ଜନ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।



ଶିଶୁ ଅଧିକାର ଦିବସ ଅବସରରେ ରବିବାର ପୁରୀ ସ୍ୱର୍ଗଦ୍ୱାର ବାଳିକା ବିଦ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଶିଶୁ ସମାଚାର ପତ୍ରିକାକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।



ସାରଳା ସାହିତ୍ୟ ସଂସଦ ପକ୍ଷରୁ ରବିବାର କଟକ ସାରଳା ଭବନରେ ଆୟୋଜିତ ସମାରୋହରେ କବି ହରପ୍ରସାଦ ପରିଚ୍ଛା ପଟ୍ଟନାୟକଙ୍କୁ ସଚ୍ଚି ରାଉତରାୟ ସାରସ୍ୱତ ସମ୍ମାନ ପ୍ରଦାନ କରାଯାଉଛି।



କଟକ ଶ୍ରୀରାମଚନ୍ଦ୍ର ଭବନରେ ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ରବିବାର ଅନୁଷ୍ଠିତ ସାରସ୍ୱତ ସାଧକ ପ୍ରଫେସର ଗଣେଶ୍ୱର ମିଶ୍ରଙ୍କ ତୈଳଚିତ୍ର ଉନ୍ମୋଚନ ଉତ୍ସବରେ ଉପସ୍ଥିତ ଅତିଥିବୃନ୍ଦ।

## ସଂକ୍ଷେପରେ

### କୂଅରୁ ଚିତ୍ରଶିଳ୍ପୀଙ୍କ ମୃତଦେହ ଜବତ

**ପୁରୁଣା ଭୁବନେଶ୍ୱର,୭।୧୧(ଡି.ଏନ୍.ଏ.):** ପୁରୁଣା ଭୁବନେଶ୍ୱରସ୍ଥିତ ତାରାସୁନ୍ଦରୀ ଲେନ ଅଞ୍ଚଳରେ ରହୁଥିବା ପ୍ରଖ୍ୟାତ ଚିତ୍ରଶିଳ୍ପୀ ତଥା ଲେଖକ ଅଜୟ କୁମାର ବୀର(୮୧)ଙ୍କ ମୃତଦେହ ରବିବାର ଲିଙ୍ଗରାଜ ଥାନା ପୋଲିସ କୂଅରୁ ଜବତ କରିଛି। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପ୍ରଦୀପ ସେବା ଟ୍ରଷ୍ଟର ଅଧ୍ୟକ୍ଷ ପ୍ରଦୀପ ପୃଷ୍ଟି କୂଅରୁ ତାଙ୍କ ମୃତଦେହ ଉଦ୍ଧାର କରିଥିଲେ। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୪୨/୨୧)ରୁଜୁ ହୋଇଛି। ତେବେ ଅଜୟଙ୍କ ଭାଉଜ ବମ୍ବେରୁ ଫେରିବା ପରେ ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ପଡୋଶୀ ଗୌରୀଶଙ୍କର ଶତପଥୀ କହିଛନ୍ତି।

### କୁଆଖାଇ ନଦୀବନ୍ଧ ପ୍ରଶସ୍ତୀକରଣର ଶିଳାନ୍ୟାସ

**ବାରଙ୍ଗ,୭।୧୧(ଡି.ଏନ୍.ଏ.):** କୁଆଖାଇ ନଦୀ ବନ୍ଧ ପ୍ରଶସ୍ତ ହେବ। ୧୨ଫୁଟ ଚଉଡ଼ା ଥିବା ନଦୀବନ୍ଧ ରାସ୍ତା ୧୮ଫୁଟ ହେବ। ଏହି ବନ୍ଧ ରାସ୍ତାର ଆଲୋକୀକରଣ କାର୍ଯ୍ୟ ସରିଥିବା ବେଳେ ରାସ୍ତା ପ୍ରଶସ୍ତୀକରଣ ଆବଶ୍ୟକତା ରହିଥିଲା। ଗ୍ରାମ୍ୟ ଉନ୍ନୟନ ବିଭାଗ ମାଧ୍ୟମରେ ୧କୋଟି ୪୭ଲକ୍ଷ ୩୦ହଜାର ଟଙ୍କା ବ୍ୟୟରେ ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ ହେବା ସହ ମାର୍ଚ୍ଚ ୨ ତାରିଖ ସୁଦ୍ଧା ସରିବ। ଏନେଇ ରବିବାର ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ଏହାର ଶିଳାନ୍ୟାସ କରିଛନ୍ତି। ବାଲିପଡା ଗ୍ରାମ ନିକଟରେ ଆୟୋଜିତ ସଭାରେ ବିଧାୟକ ରାଉତ ମୁଖ୍ୟ ଅତିଥିଭାବେ ଯୋଗଦେଇ ୫ପଞ୍ଚାୟତର ବିକାଶ ପାଇଁ ସବୁ ସମୟରେ ଉଦ୍ୟମ ଜାରି ରହିଛି। କାର୍ଯ୍ୟକ୍ରମରେ ସ୍ଥାନୀୟ ବାସିନ୍ଦାଙ୍କ ସହ ବିଜେଡିର ବହୁ କର୍ମୀ ଉପସ୍ଥିତ ଥିଲେ।

### ଭାରତ ବିକାଶ ପରିଷଦର ବାର୍ଷିକ ଉତ୍ସବ

**ଭୁବନେଶ୍ୱର,୭।୧୧:** ଭାରତ ବିକାଶ ପରିଷଦ ଉତ୍ତର ଶାଖାର ବାର୍ଷିକୋତ୍ସବ ରବିବାର ଲୋହିଆ ଏକାଡେମୀଠାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ନୀଳମଣି କର ଅତିଥିଙ୍କୁ ସ୍ୱାଗତ କରିବା ସହ ପରିଷଦର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଶାଖାର ପୂର୍ବତନ ସଭାପତି ଅଜୟ କୁମାର ଦାସ ଅତିଥି ପରିଚୟ ଦେଇଥିଲେ। ସମ୍ପାଦକ ଡ.ତ୍ରିନାଥ ହୋତା ବିବରଣୀ ପାଠ କରିଥିଲେ। ମୁଖ୍ୟ ଅତିଥି ଭାବେ ପ୍ରଫେସର ଜିତେନ୍ଦ୍ର ନାରାୟଣ ଦାଶ (ଦାସବେନେହୁର) ଯୋଗଦେଇ ଭାରତ ବିକାଶ ପରିଷଦର ସେବା କାର୍ଯ୍ୟକୁ ପ୍ରଶଂସା କରିଥିଲେ।

### କବିତା ପୁସ୍ତକ 'ରାତି ଏବେ ସରିନାହିଁ' ଉନ୍ମୋଚିତ

**ଭୁବନେଶ୍ୱର, ୭।୧୧ (ବ୍ୟୁରୋ):** ବର୍ଷା ପବ୍ଲିକେଶନ ପକ୍ଷରୁ ରୋଟାରୀ କ୍ଲବ୍ ସଭାକକ୍ଷରେ ଶନିବାର ଯୁବ କବି ପ୍ରିୟବ୍ରତ ଦାଶଙ୍କ ପ୍ରଥମ କବିତା ପୁସ୍ତକ 'ରାତି ଏବେ ସରିନାହିଁ' ଉନ୍ମୋଚିତ ହୋଇଯାଇଛି। ଉତ୍ସବରେ ବିଶିଷ୍ଟ କଥାକାର ଅଜୟ ସ୍ୱାଇଁ, କବି କାର୍ତ୍ତିକ ସ୍ୱାଇଁ, ଉଦ୍ୟୋଗପତି ନୀହାର ସାମନ୍ତରାୟ, କବି ସୁରେନ୍ଦ୍ର କୁମାର ସାହୁ ଓ କବିଙ୍କ ପିତା ବିବେକାନନ୍ଦ ଦାଶ ପ୍ରମୁଖ ଯୋଗଦେଇଥିଲେ। ସତ୍ୟବ୍ରତ ଦାଶ ମଞ୍ଚ ପରିଚାଳନା କରିଥିବାବେଳେ ବର୍ଷା ପବ୍ଲିକେଶନର କାର୍ଯ୍ୟନିର୍ବାହୀ ପରିଚାଳକ ବାଦଲ ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ଉନ୍ମୋଚିତ କବିତା ପୁସ୍ତକରୁ କିଛି କବିତାକୁ ଯୁବ କବି ଅଶ୍ୱିନୀ ପୂଜାରୀ, ଲକ୍ଷ୍ମୀନାରାୟଣ ସାହୁ, ସ୍ୱୟଂପ୍ରକାଶ ପଣ୍ଡା ପାଠ କରିଥିଲେ।

# ରାତ୍ରି ଜଗୁଆଳିଙ୍କ ଭରସାରେ ପକ୍ଷୀ ସୁରକ୍ଷା

**ଖୋର୍ଦ୍ଧା ଅଫିସ, ୭।୧୧**

■ ନାହାନ୍ତି ଆବଶ୍ୟକ ସଂଖ୍ୟକ କର୍ମଚାରୀ

■ ଦେଶୀୟ ପକ୍ଷୀଙ୍କୁ ନେଇ ପର୍ଯ୍ୟଟକଙ୍କ ଅସନ୍ତୋଷ

ମରାଳ ମାଳିନୀ ନୀଳାମ୍ବୁ ଚିଲିକାରେ ବିଦେଶାଗତ ପକ୍ଷୀଙ୍କ ଭିଡ଼ ଜମିଲାଣି। ପ୍ରଥମ ପର୍ଯ୍ୟାୟରେ ଚିଲିକାକୁ ୬୦ରୁ ଊର୍ଦ୍ଧ୍ୱ ପ୍ରଜାତିର ପ୍ରାୟ ୨୨ହଜାର ବିଦେଶାଗତ ପକ୍ଷୀଙ୍କ ଆଗମନ ହୋଇଥିବା ଚିଲିକା ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ସୂଚନା ମିଳିଛି। ଟାଙ୍ଗୀ ବନ୍ୟପ୍ରାଣୀ ବିଭାଗ ଅଧୀନ ମଙ୍ଗଳାଯୋଡି ଏବଂ ଅନ୍ୟ ଅଞ୍ଚଳକୁ ୨୦ରୁ ଊର୍ଦ୍ଧ୍ୱ ପ୍ରଜାତିର ପକ୍ଷୀ ଆସିଥିବା ଜଣାପଡ଼ିଛି। ପକ୍ଷୀଙ୍କ ସୁରକ୍ଷା ପାଇଁ ବିଭାଗ ପକ୍ଷରୁ ମୁଖ୍ୟତଃ ମଙ୍ଗଳାଯୋଡ଼ି, ଭୂଷଣ୍ଡପୁର, ବାଲିପାଟପୁର, ଦେଏପୁର, ଢୋଲପୁର, ବରୁଣପଡା, ହାଲିସିଙ୍ଗ, ଅଭିମାନପୁର, ସୁନ୍ଦରପୁର, ନଇରୀ, ସୋରଣ ପ୍ରଭୃତି ୧୧ଟି ଅସ୍ଥାୟୀ କ୍ୟାମ୍ପ କରାଯାଇଛି। ପ୍ରତି କ୍ୟାମ୍ପରେ ଜଣେ ଫରେଷ୍ଟରଙ୍କ ସମେତ ଫରେଷ୍ଟ ଗାର୍ଡ ଏବଂ ରାତ୍ରି ଜଗୁଆଳି (ନାଇଟ ୱାଚର)ଙ୍କୁ ନିୟୋଜିତ କରାଯାଇଛି। ପ୍ରତିବର୍ଷ ଶୀତଋତୁରେ ବିଦେଶାଗତ ପକ୍ଷୀଙ୍କ ଆଗମନ ବଢିଲେ, ଚିଲିକା ଉପକୂଳବର୍ତ୍ତୀ ଅଞ୍ଚଳରେ ବ୍ୟାପକ ପକ୍ଷୀ ଶିକାର ହୋଇଥାଏ। ଏହାକୁ ରୋକିବା ପାଇଁ ବିଭାଗ ପକ୍ଷରୁ ଅସ୍ଥାୟୀ କ୍ୟାମ୍ପ କରାଯାଉଛି। ତେବେ ଅଧିକାଂଶ କ୍ୟାମ୍ପ କେବଳ ରାତ୍ରି ଜଗୁଆଳିଙ୍କ ଭରସାରେ ଚାଲିଛି। କ୍ୟାମ୍ପଗୁଡ଼ିକୁ ରାତ୍ର ଜଗୁଆଳି ଜଗି ଥିବାବେଳେ କର୍ମଚାରୀଙ୍କ ଦେଖାନାହିଁ। ଉପରୋକ୍ତ ଗ୍ରାମଗୁଡ଼ିକରେ ବିଭାଗ ପକ୍ଷରୁ ଅସ୍ଥାୟୀ ଶିବିର ନାମଫଳକ ଲଗାଯାଇଛି।




ପକ୍ଷୀ ସୁରକ୍ଷା ପାଇଁ ରହିଥିବା ଅସ୍ଥାୟୀ କ୍ୟାମ୍ପ୍।

ଚିଲିକାର ନୀଳ ଜଳରାଶି, ମନୋରମ ଦୃଶ୍ୟ ସହ ବିଭିନ୍ନ ରଙ୍ଗବେରଙ୍ଗ ପକ୍ଷୀଙ୍କ ସମାଗମ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ନଳବଣ ଓ ରାଜଦଳରେ ଖାଦ୍ୟ ଅନ୍ୱେଷଣ କରୁଥିବା କିମ୍ବା ଉଡୁଥିବା ପକ୍ଷୀଙ୍କ ଫଟୋ ଉଠାଇବା ପାଇଁ ପର୍ଯ୍ୟଟକ ଆଗ୍ରହ ପ୍ରକାଶ କରିଥାନ୍ତି। ତେବେ ମଙ୍ଗଳାଯୋଡ଼ିକୁ ଆଖିଦୃଶିଆ ଭାବେ ବିଦେଶାଗତ ପକ୍ଷୀଙ୍କ ଆଗମନ ଘଟି ନ ଥିବା ଏବଂ ଦେଶୀୟ ପକ୍ଷୀ ବିଚରଣ କରୁଥିବା ଦେଖିବାକୁ ମିଳିଛି ବୋଲି ରବିବାର ମଙ୍ଗଳାଯୋଡ଼ି ବୁଲିବାକୁ ଆସିଥିବା କେତେଜଣ ପର୍ଯ୍ୟଟକ କହିଛନ୍ତି। ଭୁବନେଶ୍ୱରରୁ ଆସିଥିବା ଏକ ପର୍ଯ୍ୟଟକ ଟିମ କହିଛନ୍ତି, ପ୍ରତିବର୍ଷ ନଭେମ୍ବର ପହିଲାରେ ମଙ୍ଗଳାଯୋଡ଼ିକୁ ବିଦେଶାଗତ ପକ୍ଷୀଙ୍କୁ ଦେଖିବାକୁ ଆସିଥାଉ। ତେବେ ବୁଲିବା ବେଳେ ଦେଖାଯାଉଥିବା ଅଧିକାଂଶ ପକ୍ଷୀ ଦେଶୀୟ ପ୍ରଜାତିର ବୋଲି ଜଣାପଡୁଛି। ସେହିପରି କେତେଜଣ ଗାଇଡ୍‌ସଙ୍କ ସୂଚନା ଅନୁସାରେ ବର୍ତ୍ତମାନ ଦେଶୀୟ ପକ୍ଷୀଙ୍କ ଆଗମନ ବେଶି ରହିଛି। ଶୀତ ବଢିଲେ ବିଦେଶାଗତ ପକ୍ଷୀଙ୍କ ଆଗମନ ବଢିବ। ଟାଙ୍ଗୀ ବନ୍ୟପ୍ରାଣୀ ଅଧିକାରୀ ସି.ଏଚ୍. ମୁର୍ମୁ କହିଛନ୍ତି,ସମସ୍ତ ଅସ୍ଥାୟୀ କ୍ୟାମ୍ପରେ ଫରେଷ୍ଟ ଗାର୍ଡ ନିୟୋଜିତ ଅଛନ୍ତି। ସେମାନେ ନିଜ ପରିସୀମା ମଧ୍ୟରେ ସ୍ଥାନୀୟ ଲୋକଙ୍କ ସହିତ ଯୋଗାଯୋଗ ରଖି ପକ୍ଷୀଙ୍କ ସୁରକ୍ଷା ଉପରେ ଗୁରୁତ୍ୱ ଦେଉଛନ୍ତି। ଫରେଷ୍ଟରଙ୍କ ସଂଖ୍ୟା କମ୍ ଥିବାରୁ ଜଣେ ଗାର୍ଡଙ୍କୁ ଦୁଇଟି କ୍ୟାମ୍ପ ଦାୟିତ୍ୱ ଦିଆଯାଇଛି। ଅନ୍ୟପକ୍ଷରେ ପରିବେଶବିତ୍ ଜୟକୃଷ୍ଣ ପାଣିଗ୍ରାହୀ କହିଛନ୍ତି, ମଙ୍ଗଳାଯୋଡ଼ିରେ ଧୀରେ ରାଜଦଳ ଓ ନଳଘାସ ମାଡ଼ିଗଲାଣି। ଚିଲିକା ଧୀରେ ଧୀରେ ପୋତି ହୋଇଗଲାଣି। ଜୈବ ବିବିଧତା ନଷ୍ଟ ହେବା ସହ ବହୁ ଜଳଚର ଜୀବଙ୍କ ସଂଖ୍ୟା ମଧ୍ୟ କମିବାରେ ଲାଗିଛି। ବିଦେଶାଗତ ପକ୍ଷୀ ଖାଦ୍ୟ ଅନ୍ୱେଷଣରେ ଏଠାକୁ ଆସନ୍ତି। ଯଦି ଏଠାରେ ଖାଦ୍ୟ ଉପଲବ୍ଧ ନ ହେବ, ତେବେ ପକ୍ଷୀଙ୍କ ଆଗମନ ମଧ୍ୟ କମିଯିବ। ଏଣୁ ଚିଲିକାକୁ ବର୍ଜ୍ୟବସ୍ତୁ ଓ ପ୍ରଦୂଷଣମୁକ୍ତ ରଖିବା ସହ ଏହାର ସୁରକ୍ଷା ପାଇଁ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ, ବନ୍ୟପ୍ରାଣୀ ବିଭାଗ, ମତ୍ସ୍ୟ ବିଭାଗ ଏବଂ ଜିଲା ପ୍ରଶାସନ ମିଳିତ ଭାବେ ପଦକ୍ଷେପ ନେବା ଉଚିତ।

## ମହିଳା ବେଶରେ ଘରେ ପଶି ଆକ୍ରମଣ

■ ଦୋକାନ ମାଲିକ ଗୁରୁତର

■ ଯୁବକ ଗିରଫ, ୫୦ହଜାର ଟଙ୍କା ଜବତ

**ନିମାପଡ଼ା,୭।୧୧(ଡି.ଏନ୍.ଏ.)**

ନିମାପଡ଼ା ବଡ଼ ବଜାରରେ ରବିବାର ସକାଳେ ଅଭାବନୀୟ ଘଟଣା ଘଟିଛି। ଜଣେ ଯୁବକ ମହିଳା ବେଶରେ କଳିଙ୍ଗ ହାର୍ଡୱେର ଦୋକାନ ମାଲିକ ଫକିର ଚନ୍ଦ୍ର ସାହୁଙ୍କ ଘରେ ପଶି ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିସହ ଆଲମିରାରୁ ୫୦ହଜାର ଟଙ୍କା ନେଇ ଖସି ପଳାଇବାକୁ ଉଦ୍ୟମ କରୁଥିବାବେଳେ ଚିତ୍କାର ଶୁଣି ପରିବାର ଲୋକେ ପହଞ୍ଚି ଯୁବକଙ୍କୁ କାବୁ କରିଥିଲେ। ନିମାପଡ଼ା ଥାନା ପୋଲିସ ପହଞ୍ଚି ସମ୍ପୃକ୍ତ ଯୁବକଙ୍କୁ ଧରି ଥାନାକୁ ଆଣିଥିଲା। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୩୯୭/୨୧)ରୁଜୁ କରିବା ସହ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଅଭିଯୁକ୍ତ ହେଲେ ଏହି ଥାନା ଅଧୀନ ରଟିଲୋ ମେଳକସାହି ଗ୍ରାମର ବିନାୟକ ପରିଡ଼ା(୨୭)। ତାଙ୍କ ନିକଟରୁ ଲୁଟ୍ ହୋଇଥିବା ୫୦ହଜାର ଟଙ୍କା, ବେଲଣା କାଠି ଏବଂ ମୋବାଇଲ ଫୋନ ଜବତ ହୋଇଛି। ଜାମିନ ନାମଞ୍ଜୁର ପରେ ଅଭିଯୁକ୍ତ ବିନାୟକଙ୍କୁ ଜେଲ ପଠାଇ ଦିଆଯାଇଛି। ଅନ୍ୟପଟେ ଫକିରଙ୍କୁ ଆହତ ଅବସ୍ଥାରେ ପରିବାର ଲୋକେ ନିମାପଡ଼ା ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର କରାଯାଇଛି।

## ମହିଳାଙ୍କ ଆତ୍ମହତ୍ୟା

**ଡେଲାଙ୍ଗ,୭।୧୧(ଡି.ଏନ୍.ଏ.)**

ରେଙ୍ଗଳ ଗ୍ରାମରେ ଜଣେ ମହିଳା ରୋଗ ଯନ୍ତ୍ରଣା ସହିନପାରି ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତା ହେଲେ ଝୁନା ସାହୁ(୪୧)। ସୂଚନା ମୁତାବକ, ଝୁନା ମଧୁମେହ ରୋଗରେ ପୀଡ଼ିତ ଥିବା ବେଳେ ତାଙ୍କ ହାତ ଓ ଗୋଡ ଫୁଲିଯାଇଥିଲା। ଫଳରେ ସେ କଷ୍ଟ ଅନୁଭବ କରୁଥିଲେ। ଯନ୍ତ୍ରଣା ସହି ନ ପାରି ଶନିବାର ରାତିରେ ଝୁନା ଆତ୍ମହତ୍ୟା କରିଛି ବୋଲି ତାଙ୍କ ଭାଇ ବାରଙ୍ଗ ଥାନା କଣ୍ଟାପାଟଣା ଗ୍ରାମର ଲକ୍ଷ୍ମୀଧର ସାହୁ ଅଭିଯୋଗ କରିଛନ୍ତି। ଖବରପାଇ ହରିରାଜପୁର ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୯/୨୧)ରୁଜୁ ହୋଇଥିବା ଡେଲାଙ୍ଗ ଥାନାଧିକାରୀ ରଶ୍ମିରଞ୍ଜନ ପଟ୍ଟନାୟକ କହିଛନ୍ତି।

## ପ୍ରମୋଦ ଭଗତଙ୍କୁ 'ପ୍ରଦ୍ୟୁମ୍ନ କ୍ରୀଡ଼ା ସମ୍ମାନ'

**ଭୁବନେଶ୍ୱର, ୭।୧୧(ବ୍ୟୁରୋ)**

ପ୍ରଗତିବାଦୀର ପ୍ରତିଷ୍ଠାତା ତଥା ଜନନେତା ପ୍ରଦ୍ୟୁମ୍ନ ବଳଙ୍କ ୮୯ତମ ଜୟନ୍ତୀ ସମାରୋହ ସୋମବାର ଅନୁଷ୍ଠିତ ହେବ। ଏହାର ଅବ୍ୟବହିତ ପୂର୍ବରୁ ରବିବାର ସନ୍ଧ୍ୟାରେ ପ୍ରଗତିବାଦୀ ପରିସରରେ ଫଟୋ ପ୍ରଦର୍ଶନୀ ଓ 'ପ୍ରଦ୍ୟୁମ୍ନ କ୍ରୀଡ଼ା ସମ୍ମାନ' ପ୍ରଦାନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଉନ୍ନୟନ କମିଶନର ପ୍ରଦୀପ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ବ୍ୟକ୍ତିଗତ ଭାବେ ପ୍ରଥମ କ୍ୟାରିୟରେ ମୁଁ ପ୍ରଦ୍ୟୁମ୍ନ ବଳଙ୍କ ସହ ଦୁଇତିନି ଥର ଭେଟିବାର ସୁଯୋଗ ପାଇଛି। ସେହି ସମୟରେ ସେ କହିଥିଲେ ଯେ, ତମେ ଚାକିରି କରୁଛ ବିଭିନ୍ନ ପ୍ରକାର ଲୋକଙ୍କ ସଂସ୍ପର୍ଶରେ ଆସିବ। କିଏ ଖରାପ କିଏ ଭଲ ତାହା ଜାଣିପାରିବ ନାହିଁ। ଦ୍ୱନ୍ଦ୍ୱ ଭିତରେ ଆଗକୁ ବଢ଼ିବାକୁ ହେବ। ନିଜର ବିଚାରଧାରାକୁ ନେଇ କାର୍ଯ୍ୟ କରିବ ବୋଲି ପରାମର୍ଶ ଦେଇଥିଲେ। ମୁଁ ତାଙ୍କର ସମ୍ପାଦକୀୟକୁ ଭଲ ଭାବେ ପଢ଼େ। ସେ ପ୍ରସଙ୍ଗ ଭିତ୍ତିକ ସମ୍ପାଦକୀୟ ଲେଖନ୍ତି, ତାହା ନିର୍ଭୀକତା ଥାଏ। ନିର୍ଭୀକ ସାମ୍ବାଦିକତା କଷ୍ଟକର ହେଲେ ବି ସେ ତାହାକୁ ପ୍ରତିପାଦିତ କରନ୍ତି ବୋଲି ଜେନା କହିଥିଲେ। ପ୍ରଗତିବାଦୀର ଅଧ୍ୟକ୍ଷା ଶାଶ୍ୱତୀ ବଳ ତାଙ୍କ ବକ୍ତବ୍ୟରେ ସ୍ୱତନ୍ତ୍ରତା ବଜାୟ ରଖିବା ଉପରେ କହିଥିଲେ। ଏହି ଅବସରରେ ପ୍ରମୋଦ ଭଗତଙ୍କୁ ପ୍ରଦ୍ୟୁମ୍ନ କ୍ରୀଡ଼ା ସମ୍ମାନ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ପ୍ରଗତିବାଦୀର କାର୍ଯ୍ୟନିର୍ବାହୀ ସମ୍ପାଦକ ବିରୂପାକ୍ଷ ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ।



କ୍ରୀଡ଼ାବିତ୍ ପ୍ରମୋଦ ଭଗତଙ୍କୁ 'ପ୍ରଦ୍ୟୁମ୍ନ କ୍ରୀଡ଼ା ସମ୍ମାନ' ପ୍ରଦାନ ଅବସରରେ ଉନ୍ନୟନ କମିଶନର ପ୍ରଦୀପ ଜେନା, ପ୍ରଗତିବାଦୀର ଅଧ୍ୟକ୍ଷା ଶାଶ୍ୱତୀ ବଳ ଓ ଅନ୍ୟ ଅତିଥିମାନେ।

## ସ୍ମାର୍ଟ ଜନପଥରେ ବ୍ୟବସାୟୀଙ୍କୁ ୨୧୫ କିଓସ୍କ ଆବଣ୍ଟନ

**ଭୁବନେଶ୍ୱର, ୭।୧୧ (ବ୍ୟୁରୋ)**

ସ୍ମାର୍ଟସିଟି ପ୍ରକଳ୍ପ କାର୍ଯ୍ୟ ଧୀରେ ଧୀରେ ଆଗେଇ ଚାଲିଛି। ସ୍ମାର୍ଟ ଜନପଥରେ ପୂର୍ବରୁ ବର୍ଷ ବର୍ଷ ଧରି ବ୍ୟବସାୟ କରିଆସୁଥିବା ଓ ସର୍ଭେରେ ଚିହ୍ନଟ ହୋଇଥିବା ବ୍ୟବସାୟୀଙ୍କୁ ସ୍ମାର୍ଟ କିଓସ୍କ ଯୋଗାଇ ଦିଆଯାଇଛି। ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଏବଂ ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ୍ (ବିଏସ୍‌ସିଏଲ୍)ର ମିଳିତ ପ୍ରୟାସରେ ସ୍ମାର୍ଟ କିଓସ୍କର ତିଆରି ଓ ଆବଣ୍ଟନ ଜାରି ରହିଛି। ଇତିମଧ୍ୟରେ ସ୍ମାର୍ଟ ଜନପଥରେ ମୋଟ ୨୩୧ଟି କିଓସ୍କକୁ ବିଏସ୍‌ସିଏଲ୍ ବିଏମ୍‌ସିକୁ ହସ୍ତାନ୍ତର କରିଛି। ବିଏମ୍‌ସି ପକ୍ଷରୁ ୨୧୫ଟି କିଓସ୍କ ସମ୍ପୃକ୍ତ ବ୍ୟବସାୟୀଙ୍କୁ ହସ୍ତାନ୍ତର କରାଯାଇଛି। ଆଉ ୧୬ କିଓସ୍କ ବିଭିନ୍ନ କାଗଜାତ ଓ ପ୍ରାମାଣିକ ନଥି ଜନିତ ଆବଶ୍ୟକତା ହେତୁ ଦିଆଯାଇନାହିଁ। ୨୦୨୦ ଏପ୍ରିଲ ୨୯ରୁ ଅଦ୍ୟାବଧି ୬ଟି ପର୍ଯ୍ୟାୟରେ ଏହି କିଓସ୍କଗୁଡ଼ିକର ଆବଣ୍ଟନ ହୋଇଛି। ପ୍ରଥମ ପର୍ଯ୍ୟାୟରେ ୯୦, ଦ୍ୱିତୀୟ ପର୍ଯ୍ୟାୟରେ ୩ ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ୨୫, ୨୨, ୩୬ ଏବଂ ୩୮ ଏହିପରି ମୋଟ ୨୧୪ କିଓସ୍କ ଯୋଗାଇ ଦିଆଯାଇଛି। ଅପରପକ୍ଷେ ଏକ ସ୍ୱତନ୍ତ୍ର କିଓସ୍କକୁ ମୋ ଖତ ବିକ୍ରୟ କେନ୍ଦ୍ର ଭାବେ ପ୍ରଦାନ କରାଯାଇଛି। ଏ ସମ୍ପର୍କରେ ବିଏମ୍‌ସି କମିଶନର ସଞ୍ଜୟ କୁମାର ସିଂହ କହିଛନ୍ତି, ଅଧିକାଂଶ ହିତାଧିକାରୀ କିଓସ୍କ ପାଇସାରିଛନ୍ତି। ଜନପଥରେ ଅବ୍ୟବସ୍ଥିତ ଢ଼ଙ୍ଗରେ ଥିବା କିଓସ୍କଗୁଡ଼ିକ ବର୍ତ୍ତମାନ ବ୍ୟବସ୍ଥିତ ଢ଼ଙ୍ଗରେ ରହି ସ୍ମାର୍ଟ ଜନପଥରେ ବିପଣନ ଚାଲୁରହିବା ସହିତ ଜନପଥର ଶୋଭା ମଣ୍ଡନ କରୁଛି।

## ଜୋରଦାର ହେଲା ବସ୍ତିକୁ ଚାଲ ଅଭିଯାନ

**ଭୁବନେଶ୍ୱର,୭।୧୧(ବ୍ୟୁରୋ)**

### ୧୦୦ 'ପୋଲିସମିତ୍ର' ନିଯୁକ୍ତ ହେଲେ

ରାଜଧାନୀରେ ଅନେକ ସମୟରେ ଛୋଟମୋଟ ଘଟଣାକୁ ନେଇ ବସ୍ତିରେ ଉତ୍ତେଜନା ଦେଖାଯାଉଛି। ଗୋଷ୍ଠୀ ସଂଘର୍ଷ ଘଟି ବସ୍ତି ଅଶାନ୍ତ ହେଉଛି। ବସ୍ତିରେ ଅପରାଧ ବଢୁଥିବାରୁ କମିଶନରେଟ ପୋଲିସ ବସ୍ତିକୁ ଚାଲ ଅଭିଯାନ ଆରମ୍ଭ କରିଥିଲା। ଏହି ଅଭିଯାନକୁ ଜୋରଦାର କରିବାକୁ କମିଶନରେଟ ପୋଲିସ ଏକ ନୂଆ ପଦକ୍ଷେପ ନେଇଛି। ସହରର ବସ୍ତିଗୁଡ଼ିକରେ ପୋଲିସକୁ ସହଯୋଗ କରିବା ପାଇଁ କମିଶନରେଟ୍ ପୋଲିସ ପକ୍ଷରୁ 'ପୋଲିସମିତ୍ର' ନିଯୁକ୍ତ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ୩୦ଟି ବସ୍ତିରୁ ୧୦୦ଜଣ ଯୁବକ ନାମ ପଞ୍ଜୀକରଣ କରିଛନ୍ତି। ରବିବାର କମିଶନରେଟ୍ ପୋଲିସ ରିଜର୍ଭ ପଡ଼ିଆରେ ଏହି 'ପୋଲିସମିତ୍ର'ଙ୍କୁ ନେଇ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଯୋଗ ଦେଇଥିଲେ। ଏହି ଅବସରରେ ଭୁବନେଶ୍ୱର ଡିସିପି ଡ଼. ଉମାଶଙ୍କର ଦାଶ ବିଭିନ୍ନ ବସ୍ତିରୁ ଆସିଥିବା 'ପୋଲିସମିତ୍ର'ଙ୍କୁ ସମାନ ରଙ୍ଗର ଟି-ଶାର୍ଟ ସମେତ ଟୋପି ପ୍ରଦାନ କରିଥିଲେ। ଏହାସହ କାର୍ଯ୍ୟଶୈଳୀ ସମ୍ପର୍କରେ ସେମାନଙ୍କୁ ଡିସିପି ଅବଗତ କରାଇଥିଲେ। ଏମାନେ ବସ୍ତିରେ ଆପରାଧିକ କାର୍ଯ୍ୟକଳାପ ସମ୍ପର୍କରେ ପୋଲିସକୁ ସୂଚନା ଦେବେ। ଆଗାମୀ ଦିନରେ ଏମାନଙ୍କ ସଂଖ୍ୟାକୁ ୧ହଜାରକୁ ବୃଦ୍ଧି କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ସେମାନେଙ୍କୁ କମିଶନରେଟ ପୋଲିସ ପକ୍ଷରୁ ଦିଆଯାଇଥିବା କ୍ଷମତାର ଅପବ୍ୟବହାର ନ କରି ଠିକ୍ କାର୍ଯ୍ୟରେ ଲଗାଇବାକୁ ପୋଲିସ ପକ୍ଷରୁ ପରାମର୍ଶ ଦିଆଯାଇଛି। ତେବେ ପୋଲିସମିତ୍ର ଭାବେ ନିୟୋଜିତ ହୋଇଥିବା ଯୁବକଙ୍କ ଆପରାଧିକ ଇତିହାସ ସମ୍ପର୍କରେ ଯାଞ୍ଚ କରାଯାଇ ନିଯୁକ୍ତ କରାଯାଇଛି। ପୂର୍ବରୁ ଏହି ୩୦ଟି ବସ୍ତିରେ 'ବସ୍ତିମିତ୍ର' ଭାବେ ପୋଲିସ କର୍ମଚାରୀଙ୍କୁ ନିୟୋଜିତ କରାଯାଇଥିଲା। ଏବେ ପୋଲିସ କର୍ମଚାରୀଙ୍କୁ 'ପୋଲିସମିତ୍ର' ମାନେ ସହଯୋଗ କରିବେ ବୋଲି କମିଶନରେଟ୍ ପୁଲିସ ପକ୍ଷରୁ କୁହାଯାଇଛି। ଏମାନେ ଜଣେ ଜଣେ ସମାଜସେବୀ ଭାବେ ବସ୍ତିରେ କାର୍ଯ୍ୟ କରିବେ ବୋଲି ଡିସିପି ଉମାଶଙ୍କର ଦାଶ କହିଛନ୍ତି।

## ସହରାଞ୍ଚଳର ଭୂଭାଗ ଦୃଶ୍ୟକୁ ଉନ୍ନତ କରିବା ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ

**ଭୁବନେଶ୍ୱର, ୭।୧୧ (ବ୍ୟୁରୋ)**

ସହରାଞ୍ଚଳଗୁଡ଼ିକ କ୍ରମଶଃ ବର୍ଦ୍ଧିତ ଚାପର ସମ୍ମୁଖୀନ ହୋଇ ଚାଲିଛି। ବିଭିନ୍ନ ଉତ୍ସରୁ ପ୍ରଦୂଷଣ, ଯାନବାହନର ବର୍ଦ୍ଧିତ ଟ୍ରାଫିକ୍, ଗହଳି ପୂର୍ଣ୍ଣ ଜନବସତି, ବୃହତ କଂକ୍ରିଟ୍ ସରଞ୍ଜନା ଏବଂ ସବୁଜିମାର ହ୍ରାସ ଦ୍ୱାରା ସହରର ପରିବେଶୀୟ ଗୁଣାତ୍ମକ ମାନରେ ଅବକ୍ଷୟ ଘଟିଚାଲିଛି। ତେଣୁ ପରିବେଶ ଅନୁକୂଳ ପଦକ୍ଷେପ ଗ୍ରହଣ କରିବା ଆଜି ସମୟର ଆବଶ୍ୟକତା ବୋଲି ମତ ପ୍ରକାଶ ପାଇଛି। ଓଡ଼ିଶା ପରିବେଶ ସମିତି (ଓଇଏସ୍) ଆନୁକୂଲ୍ୟରେ ରବିବାର 'ପରିବେଶ ଦୃଷ୍ଟିକୋଣରୁ ସହରାଞ୍ଚଳ ଲ୍ୟାଣ୍ଡସ୍କେପ୍' ଉପରେ ଆୟୋଜିତ ଏକ ସେମିନାର୍‌ରେ ଅଂଶଗ୍ରହଣ କରି ବିଶେଷଜ୍ଞମାନେ ଏପରି ମତ ପୋଷଣ କରିଛନ୍ତି । ଓଇଏସ ସଭାପତି ଡ. ସୁନ୍ଦର ନାରାୟଣ ପାତ୍ର କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ରାଜ୍ୟର ସହରାଞ୍ଚଳରେ ଆଇୟୁସିଏନ୍ ଦ୍ୱାରା ଚିହ୍ନଟ ହୋଇଥିବା ବିପଦପୂର୍ଣ୍ଣ ସ୍ଥାନୀୟ ଉଦ୍ଭିଦ ପ୍ରଜାତିର ଚାରାରୋପଣ ଉପରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟ ବକ୍ତା ରୂପେ କୃଷି ବିଶ୍ୱବିଦ୍ୟାଳୟର ଫ୍ଲୋରିକଲଚର ଏବଂ ଲ୍ୟାଣ୍ଡସ୍କେପିଂ ବିଭାଗର ମୁଖ୍ୟ ପ୍ରଫେସର ଶଶିକଳା ବେଉରା ଯୋଗଦେଇ କହିଲେ, ବର୍ତ୍ତମାନ ପରିସ୍ଥିତିରେ ସହରାଞ୍ଚଳର ଭୂଭାଗ ଦୃଶ୍ୟକୁ ଉନ୍ନତ କରିବା ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ସମ୍ପାଦକ ଡ଼. ଜୟକୃଷ୍ଣ ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେଇଥିଲେ।

## ବିଶ୍ୱ ଓଡ଼ିଆ ସମାଜ ପକ୍ଷରୁ 'ଆଲୋକ ଉତ୍ସବ'

**ଭୁବନେଶ୍ୱର,୭।୧୧**

କଳା, ସଂସ୍କୃତି ଓ ଐତିହ୍ୟର ମହିମା, ମହାନତା ଓ ମହନୀୟତାକୁ ବିଶ୍ୱ ଦରବାରରେ ପରିଚିତ, ପ୍ରତିପାଦିତ ଓ ପ୍ରତିଷ୍ଠିତ କରାଇବାରେ ବିଶ୍ୱ ଓଡିଆ ସମାଜ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କହିଛନ୍ତି। ଭୁବନେଶ୍ୱର ନୟାପଲ୍ଲୀଠାରେ ଓଡ଼ିଆ ସମାଜର ଆନ୍ତର୍ଜାତିକ ମୁଖ୍ୟାଳୟ ଉଦ୍‌ଘାଟନ ଓ ଆଲୋକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଭର୍ଚ୍ଚୁଆଲରେ ଯୋଗଦେଇ ରାଜ୍ୟପାଳ ଭବିଷ୍ୟତରେ ସାରା ପୃଥିବୀର ମାନବ ସମାଜକୁ ଜ୍ଞାନ, ଗୁଣ ଓ ଗାରିମା ବାବଦରେ ଦିଗ୍‌ଦର୍ଶନ ଦେବାକୁ ଓଡ଼ିଆଙ୍କ ପାଖରେ ଭୌତିକ ଓ ବୌଦ୍ଧିକ ଭଣ୍ଡାର ମହଜୁଦ ଥିବା ଦର୍ଶାଇଥିଲେ। ଏହି ଉତ୍ସବରେ ବହୁ ବିଶିଷ୍ଟ ପ୍ରବାସୀ, ଶୁଭେଚ୍ଛୁ, ବିଭିନ୍ନ ଦେଶରେ ଥିବା ଓଡ଼ିଆ ସମାଜର କର୍ମକର୍ତ୍ତାମାନେ ସାମିଲ ହୋଇଥିଲେ।



ପୁରୀ ସମବାୟ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ରବିବାର ଅତିଥିମାନେ ଅକ୍ଷର ଯଜ୍ଞ ଓ ସ୍ୱର କବିତା ପୁସ୍ତକକୁ ଉନ୍ମୋଚନ କରୁଛନ୍ତି।



ଭୁବନେଶ୍ୱର ଲକ୍ଷ୍ମୀସାଗର ରିଫ୍ୟୁଜି କଲୋନୀସ୍ଥିତ ଗୁପ୍ତାକୁଟିରରେ ମା' କାଳୀଙ୍କ ସମ୍ମୁଖରେ ମହିଳାମାନେ ସିନ୍ଦୂର ଖେଳ ଖେଳୁଛନ୍ତି।




ଭୁବନେଶ୍ୱରସ୍ଥିତ ଭାରତ ସ୍କାଉଟ୍‌ସ ଏବଂ ଗାଇଡ୍‌ସ ପରିସରରେ ରବିବାର ଅନୁଷ୍ଠିତ ଡଃ ଏସ୍.ଏନ୍.ସୁବାରାଓଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ଅତିଥିମାନେ।

## ସଂକ୍ଷେପରେ

### ବାର୍‌ହା ଆକ୍ରମଣରେ ପୂର୍ବତନ ସରପଞ୍ଚଙ୍କ ସମେତ ୨ ଆହତ

**ବେଗୁନିଆ,୭।୧୧(ଡି.ଏନ୍.ଏ.):** ବେଗୁନିଆ ଥାନା ଅନ୍ତର୍ଗତ ମାଣିବନ୍ଧ ଗ୍ରାମରେ ରବିବାର ବାର୍‌ହା ଆକ୍ରମଣରେ ଦୁଇ ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ମାଣିବନ୍ଧ ପଞ୍ଚାୟତର ପୂର୍ବତନ ସରପଞ୍ଚ ହରିହର ରଣସିଂହ ଓ ଭାଗ୍ୟଧର ନାୟକ। ସୂଚନା ମୁତାବକ, ଅପରାହ୍ଣ ପ୍ରାୟ ୧ଟା ୩୦ରେ ହରିହର କଳାପଥରରୁ ବଜାରରୁ ଘରକୁ ଫେରୁଥିଲେ। ଏହି ସମୟରେ ଗାଁ ନିକଟରେ ଏକ ବାର୍‌ହା ପଲ ଯାଉଥିଲେ। ସେଥିରୁ ଏକ ବାର୍‌ହା ଆସି ହରିହରଙ୍କ ସାଇକେଲକୁ ଧକ୍କା ଦେଇଥିଲା। ଫଳରେ ହରିହର ତଳେ ପଡିଯାଇଥିଲେ। ବାର୍‌ହା ତାଙ୍କୁ ଆକ୍ରମଣ କରିବା ସମୟରେ ଚିତ୍କାର ଶୁଣି ଭାଗ୍ୟଧର ଆସିଥିଲେ। ଉଭୟଙ୍କୁ ବାର୍‌ହା ଆକ୍ରମଣ କରିବା ପରେ ପାଳାଯାଇଥିଲା। ସ୍ଥାନୀୟ ଲୋକେ ପହଞ୍ଚି ଚିକିତ୍ସା ପାଇଁ ଉଭୟଙ୍କୁ ଆମ୍ବୁଲାନ୍ସରେ ଖୋର୍ଦ୍ଧା ମେଡିକାଲ ପଠାଇଥିଲେ।

### ରାମଚରିତ ମାନସ ନବାହ୍ନ ପାରାୟଣ ଆରମ୍ଭ

**ନିରାକାରପୁର,୭।୧୧(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତରେ ଥିବା ରାମ ମନ୍ଦିର ପ୍ରାଙ୍ଗଣରେ ରାମଦୟା ପରିଷଦ ଆନୁକୂଲ୍ୟରେ ୩୯ତମ ରାମଚରିତ ମାନସ ନବାହ୍ନ ପାରାୟଣ ରବିବାରଠାରୁ ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମ ଆସନ୍ତା ୧୫ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଶନିବାର ସନ୍ଧ୍ୟାରେ ରଘୁନାଥ ଦେବଙ୍କୁ ଯଜ୍ଞମଣ୍ଡପକୁ ବିଜେ କରାଯାଇ ହରିହର ଭେଟ କରାଯାଇଥିଲା। ଏକ ଶୋଭାଯାତ୍ରାରେ ସୁସଜ୍ଜିତ ବିମାନରେ ଶ୍ରୀଜୀଉମାନଙ୍କୁ ଯଜ୍ଞ ମଣ୍ଡପରେ ଆସନ ପରେ ପୂଜା କାର୍ଯ୍ୟ ଆରମ୍ଭ ହୋଇଥିଲା। କରୋନା ଗାଇଡଲାଇନ ଅନୁଯାୟୀ ପାଳନ କରାଯାଉଛି ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି।

### ଧର୍ମପରାୟଣା ମହିଳାଙ୍କ ପରଲୋକ

**ଜଟଣୀ,୭।୧୧(ଡି.ଏନ୍.ଏ.):** ଭାଜପା ନେତା ସୁଦୀପ୍ତ ରାୟଙ୍କ ମା' ସୁହାସିନୀ ପାଇକରାୟଙ୍କ ରବିବାର ସକାଳେ ପରଲୋକ ହୋଇଯାଇଛି। ସେ ଗତ କିଛିଦିନ ହେବ ବିଭିନ୍ନ ରୋଗରେ ପୀଡିତ ହୋଇ ଏମ୍ସ ମେଡିକାଲରେ ଚିକିତ୍ସିତ ହେଉଥିଲେ। ସୁହାସିନୀ ଜଣେ ପରୋପକାରୀ, ମିଷ୍ଟଭାଷୀ, ସ୍ନେହୀ, ଧର୍ମପରାୟଣା ମହିଳା ଥିଲେ। ନାରୀ ସଶକ୍ତୀକରଣ ଦିଗରେ ବିଭିନ୍ନ କାର୍ଯ୍ୟକରି ସୁନାମ ଅର୍ଜନ କରିଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଭାଜପା ଏବଂ ବିଭିନ୍ନ ରାଜନୈତିକ ଦଳର ନେତା, ବିଧାୟକ ଶେଷ ଦର୍ଶନ କରିଥିଲେ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଏବଂ ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି ଏବଂ ଭାଜପା ରାଷ୍ଟ୍ରୀୟ ଉପ ସଭାପତି ବୈଜୟନ୍ତ ପଣ୍ଡା ପ୍ରମୁଖ ଶୋକ ବ୍ୟକ୍ତ କରିଛନ୍ତି। ପୁରୀ ସ୍ୱର୍ଗଦ୍ୱାରରେ ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ସୁଦୀପ୍ତ ମୁଖାଗ୍ନି ଦେଇଥିଲେ।

### ୯୨ ୟୁନିଟ୍ ରକ୍ତ ସଂଗ୍ରହ

**ଜଟଣୀ,୭।୧୧(ଡି.ଏନ୍.ଏ.):** ଜଟଣୀ ଅରଗୁଳସ୍ଥିତ ଆଇଆଇଟି ଭୁବନେଶ୍ୱର ପକ୍ଷରୁ ରବିବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଆଇଆଇଟି ଗୋଷ୍ଠୀ ସଭାଗୃହରେ ଆୟୋଜିତ ଏହି ଶିବିରକୁ ନିର୍ଦ୍ଦେଶକ ପ୍ରଫେସର ଆର.ଭି. ରାଜକୁମାର ଉଦ୍‌ଘାଟନ କରିଥିଲେ। କରୋନା ମହାମାରୀ ସମୟରେ ଉକ୍ତ ଶିବିର ଆୟୋଜନ କରିଥିବାରୁ ଆୟୋଜକଙ୍କୁ ପ୍ରଶଂସା କରିଥିଲେ। ଏହା ଦ୍ୱାରା ଛାତ୍ରୀଛାତ୍ରଙ୍କ ମଧ୍ୟରେ ସାମାଜିକ ମୂଲ୍ୟବୋଧ ଜାଗ୍ରତ ହେବ ବୋଲି କହିଥିଲେ। ଶିବିରରେ ମୋଟ ୯୨ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଏନ୍‌ଏସ୍‌ଏସ୍ ସଂଯୋଜକ ଡ.ଶଶୀଧର କଣ୍ଡୋରାଜୁ, ଇଏଏ ସଂଯୋଜକ ଡ.ଶ୍ରୀକାନ୍ତ ଗୋଲାପଡି, ମେଡିକାଲ ଅଧିକାରୀ ଡ.ଅସୀମା ସରଖେଲ, ଡ.ବଙ୍କିମ ଚନ୍ଦ୍ର ମଣ୍ଡଳ ଉପସ୍ଥିତ ଥିଲେ।

# କେବିଏନ୍ ଗ୍ୟାଙ୍ଗର ନୂଆ ଭିଡିଓ ଭାଇରାଲ

**ଭୁବନେଶ୍ୱର,୭।୧୧(ବ୍ୟୁରୋ)**

**ରାଜଧାନୀ ରାସ୍ତାରେ ସଶସ୍ତ୍ର ଆତଙ୍କ**

- ଗ୍ୟାଙ୍ଗ ସଦସ୍ୟଙ୍କୁ ଧରିବାକୁ ସ୍ୱତନ୍ତ୍ର ଟିମ୍



ଭାଇରାଲ ଭିଡିଓରେ ଦେଖାଯାଉଥିବା ବନ୍ଧୁକ।

ରାଜଧାନୀ ଭୁବନେଶ୍ୱର ଅସୁରକ୍ଷିତ ହୋଇଗଲାଣି। ଆପରାଧିକ ଶ୍ରେଣୀର ଯୁବକମାନେ ବିଭିନ୍ନ ମାରଣାସ୍ତ୍ର ଧରି ରାତିରେ ରାସ୍ତାରେ ବୁଲୁଛନ୍ତି। ସେମାନେ ସିନେମା ଶୈଳୀରେ ଖଣ୍ଡା, ଭୁଜାଲି, ବନ୍ଧୁକ ଧରି ରାସ୍ତାମଝିରେ ସଙ୍ଗୀତ ବଜାଇ ନାଚଗୀତ କରୁଛନ୍ତି। ସେମାନଙ୍କୁ କେବିଏନ୍ ଗ୍ୟାଙ୍ଗ କୁହାଯାଉଛି। ସେମାନଙ୍କ ଆତଙ୍କର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଲୋକେ ଭୟଭୀତ ହୋଇଯାଇଛନ୍ତି। ରାତିରେ ଘରୁ ଗୋଡ଼ କାଢ଼ିବାକୁ ଡରୁଛନ୍ତି। ଭିଡିଓ ଭାଇରାଲ ପରେ କମିଶନରେଟ୍ ପୋଲିସ କିଛିଦିନ ତଳେ ୫ ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟମାନେ ନିଶ୍ଚିନ୍ତରେ ବୁଲାବୁଲି କରୁଛନ୍ତି। ଏପରି ସ୍ଥିତିରେ ପୁଣି ଉକ୍ତ ଗ୍ୟାଙ୍ଗର ଆଉ ଏକ ଭିଡିଓ ଭାଇରାଲ ହୋଇଛି। ଜଣେ ଯୁବକ ଏକ ବନ୍ଧୁକ ଧରି ଫାଙ୍କା ଗୁଳିଚାଳନା କରୁଥିବା ଭିଡିଓରେ ଦେଖାଯାଉଛି। ସେହି ଭିଡିଓ କେବେକାର ତାହା ସ୍ପଷ୍ଟ ହୋଇ ନ ଥିବା ବେଳେ କମିଶନରେଟ୍ ପୋଲିସ ପ୍ରତି ସେମାନଙ୍କ ଭୟ ନ ଥିବା ଜଣାପଡୁଛି। ଏନେଇ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ କହିଛନ୍ତି ଯେ, ଏହି ଗ୍ୟାଙ୍ଗର ଅନେକ ସଦସ୍ୟ ଗିରଫ ହୋଇଛନ୍ତି। ଫାଙ୍କା ଗୁଳିଚାଳନା କରୁଥିବା ଭିଡିଓଟି ପୁରୁଣା। ଉକ୍ତ ଯୁବକ ଗିରଫ ହୋଇଥିବାବେଳେ ତାଙ୍କଠୁ ବନ୍ଧୁକ ମଧ୍ୟ ଜବତ ହୋଇଛି। ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉଛି ବୋଲି ସେ କହିଛନ୍ତି। ଡିସିପି ଉମାଶଙ୍କର ଦାଶଙ୍କ କହିବା କଥା, ବନ୍ଧୁକ ଧରି ଗୁଳି ଫୁଟାଉଥିବା ଯୁବକ ଗିରଫ ହୋଇ ଜେଲ ଯାଇଛନ୍ତି। ଏହି ଗ୍ୟାଙ୍ଗକୁ ଆଖି ଆଗରେ ରଖି ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ତଦନ୍ତ କରାଯାଉଛି। ଗ୍ୟାଙ୍ଗର ଅନ୍ୟ ସଦସ୍ୟମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ସେ କହିଛନ୍ତି।

## ଏସ୍‌ସିବିରେ ହେବ ଥାର୍ଡ ସ୍ପେସ୍ ଏଣ୍ଡୋସ୍କୋପି

**କଟକ ଅଫିସ,୭।୧୧**

ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲର ପ୍ଲାଟିନମ ଜୁବୁଲି ପାଳନ ପରିପ୍ରେକ୍ଷୀରେ ଗ୍ୟାଷ୍ଟ୍ରୋଲୋଜି ବିଭାଗ ପକ୍ଷରୁ ମେଡିକାଲ ପରିସରରେ ରବିବାର ଏକ କର୍ମଶାଳା ଆୟୋଜିତ ହୋଇଯାଇଛି। ଏଥିରେ ନୂଆଦିଲ୍ଲୀସ୍ଥିତ ମେଦାନ୍ତ ହସ୍ପିଟାଲ ଏଣ୍ଡୋସ୍କୋପି ବିଭାଗର ନିର୍ଦ୍ଦେଶକ ଡ. ରାଜେଶ ପୁରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଏସ୍‌ସିବିରେ ଥାର୍ଡ ସ୍ପେସ୍ ଏଣ୍ଡୋସ୍କୋପି ଆରମ୍ଭ ହେବ ବୋଲି ଘୋଷଣା କରାଯାଇଛି। ଏହା ସାହାଯ୍ୟରେ ଖାଦ୍ୟନଳୀର ୱାଲ୍‌ରେ ଏକ ଛୋଟ କଣା କରାଯିବ। ଦୁଇ ୱାଲ ମଝିରେ ଯାଇ ସମସ୍ୟା ସୃଷ୍ଟିକାରୀ ମାଂସପେଶୀକୁ କାଟି କାଢ଼ି ଦିଆଯିବ। ତେବେ ପ୍ରଥମ ସରକାରୀ ହସ୍ପିଟାଲ ଭାବେ ଏସ୍‌ସିବିରେ ଏହି ଚିକିତ୍ସା ବ୍ୟବସ୍ଥା ଆରମ୍ଭ ହେବ ବୋଲି ବିଭାଗୀୟ ମୁଖ୍ୟ ପ୍ରଫେସର ଡ. ଚିତ୍ତରଞ୍ଜନ ପଣ୍ଡା କହିଛନ୍ତି। ପୂର୍ବରୁ ଏହି ଚିକିତ୍ସା ବ୍ୟବସ୍ଥା ଓଡ଼ିଶାର ବିଭିନ୍ନ ଘରୋଇ ହସ୍ପିଟାଲରେ ରହିଛି। ହେଲେ ଚିକିତ୍ସା ପାଇଁ ରୋଗୀଙ୍କୁ ୨ରୁ ୩ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ପଡୁଥିଲା। ଏବେ ଏସ୍‌ସିବିରେ ଏହି ଚିକିତ୍ସା ମାଗଣାରେ କରାଯିବ। ଏହି କର୍ମଶାଳାରେ ଏସ୍‌ସିବି ମେଡିକାଲ ଅଧ୍ୟକ୍ଷ ପ୍ରଫେସର ଦଣ୍ଡେଶ୍ୱର ହୋତା, ଡ. ଏସ୍.ପି. ସିଂ, ବନବିହାରୀ ମିଶ୍ର, ଗ୍ୟାଷ୍ଟ୍ରୋଲୋଜି ବିଭାଗର ଆସୋସିଏଟ ପ୍ରଫେସର ପ୍ରଶାନ୍ତ ପରିଡ଼ା ପ୍ରମୁଖ ଉପସ୍ଥିତ ରହି ନୂତନ ଚିକିତ୍ସା ବ୍ୟବସ୍ଥା ସମ୍ପର୍କରେ ଆଲୋକପାତ କରିଥିଲେ।



ପୁରୀ ସାଲବେଗ ପୀଠ ପରିସରରେ ରବିବାର ପୂର୍ଣ୍ଣଦାସ ଫାଉଣ୍ଡେଶନ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସତ୍ୟଭାମା ପ୍ରଧାନଙ୍କୁ ପୂର୍ଣ୍ଣବ୍ରହ୍ମ ସମ୍ମାନ -୨୦୨୧ ପ୍ରଦାନ କରାଯାଉଛି।

## ଦିଅର ମାଡ଼ରେ ଭାଉଜ ମୃତ

**ଜଟଣୀ,୭।୧୧(ଡି.ଏନ୍.ଏ.)**

ଜଟଣୀ ପୌରାଞ୍ଚଳ କୁଦିଆରୀ ଗ୍ରାମରେ ରବିବାର ଦିଅର ମାଡ଼ରେ ଭାଉଜଙ୍କ ମୃତ୍ୟୁ ଘଟିଛି। ମୃତା ହେଲେ ପୁଷ୍ପଶ୍ରୀ ସାହୁ। ଏ ସମ୍ପର୍କରେ ପୋଲିସ ଏକ ହତ୍ୟା ମାମଲା(ନଂ.୫୮୭/୨୧) ରୁଜୁକରି ଅଭିଯୁକ୍ତ ସାନଭାଇ ଅଜୟ ସାହୁଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ସୂଚନା ମୁତାବକ, କୁଦିଆରୀ ଗ୍ରାମ ମୁଖ୍ୟ ରାସ୍ତା ପାର୍ଶ୍ୱରେ ରହୁଥିବା ଅଜୟ ଏବଂ ଅଶୋକ ସାହୁଙ୍କ ମଧ୍ୟରେ ଘରବାରି ବଣ୍ଟନକୁ ନେଇ ଯୁକ୍ତିତର୍କ ହୋଇଥିଲା। ଅଜୟ ନିଜ ରୁମରୁ ସାମଗ୍ରୀ ନେବାକୁ ଆସିଥିଲେ। ଏହି ସମୟରେ ଅଶୋକ ପହଞ୍ଚି ଘରବାରି ସମସ୍ୟା ସମାଧାନ ହେବା ପରେ ସାମଗ୍ରୀ ନେବାକୁ କହିଥିଲେ। ଏନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ଓ ପରେ ଗଣ୍ଡଗୋଳ ହୋଇଥିଲା। ଏହା ଦେଖି ପୁଷ୍ପଶ୍ରୀ ମଝିକୁ ଆସିଯିବାରୁ ତାଙ୍କୁ ଆଘାତ ଲାଗିଥିଲା। ଫଳରେ ସେ ତଳେ ପଡିଯାଇଥିଲେ। ଚିକିତ୍ସା ପାଇଁ ତାଙ୍କୁ ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଅଶୋକ ଥାନାରେ ଅଭିଯୋଗ କରିଥିଲେ।

# ମହିଳା ବେଶରେ ଘରେ ପଶି ଆକ୍ରମଣ

**ନିମାପଡ଼ା,୭।୧୧(ଡି.ଏନ୍.ଏ.)**

**ଦୋକାନ ମାଲିକ ଗୁରୁତର**

- ଯୁବକ ଗିରଫ, ୫୦ହଜାର ଟଙ୍କା ଜବତ
- ପୂର୍ବରୁ ଅଭିଯୁକ୍ତ ଦୋକାନରେ କାମ କରୁଥିଲେ

ନିମାପଡ଼ା ବଡ଼ ବଜାରରେ ରବିବାର ସକାଳେ ଅଭାବନୀୟ ଘଟଣା ଘଟିଛି। ଜଣେ ଯୁବକ ମହିଳା ବେଶରେ କଳିଙ୍ଗ ହାର୍ଡୱେର ଦୋକାନ ମାଲିକ ଫକିର ଚନ୍ଦ୍ର ସାହୁଙ୍କ ଘରେ ପଶି ବେଲଣା କାଠିରେ ତାଙ୍କ ମୁଣ୍ଡକୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିସହ ଆଲମିରାରୁ ୫୦ହଜାର ଟଙ୍କା ନେଇ ଖସି ପଳାଇବାକୁ ଉଦ୍ୟମ କରୁଥିବା ବେଳେ ଫକିରଙ୍କ ଚିତ୍କାର ଶୁଣି ପରିବାର ଲୋକେ ପହଞ୍ଚି ଯୁବକଙ୍କୁ କାବୁ କରିଥିଲେ। ଖବରପାଇ ନିମାପଡ଼ା ଥାନା ପୋଲିସ ପହଞ୍ଚି ସମ୍ପୃକ୍ତ ଯୁବକଙ୍କୁ ଧରି ଥାନାକୁ ଆଣିଥିଲା। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୩୯୭/୨୧)ରୁଜୁ କରିବା ସହ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଅଭିଯୁକ୍ତ ହେଲେ ଏହି ଥାନା ଅଧୀନ ରଟିଲୋ ମେଳକସାହି ଗ୍ରାମର ବିନାୟକ ପରିଡ଼ା(୨୭)। ତାଙ୍କ ନିକଟରୁ ଲୁଟ୍ ହୋଇଥିବା ୫୦ହଜାର ଟଙ୍କା, ବେଲଣା କାଠି ଏବଂ ମୋବାଇଲ ଫୋନ ଜବତ ହୋଇଛି। ଜାମିନ ନାମଞ୍ଜୁର ପରେ ଅଭିଯୁକ୍ତ ବିନାୟକଙ୍କୁ ଜେଲ ପଠାଇ ଦିଆଯାଇଛି। ତଦନ୍ତକାରୀ ଅଧିକାରୀ ଏଏସ୍‌ଆଇ ସବିତା ମାର୍ଥା ଅଧିକ ତଦନ୍ତ ଚଳାଇଛନ୍ତି। ଅନ୍ୟପଟେ ଫକିରଙ୍କୁ ଆହତ ଅବସ୍ଥାରେ ପରିବାର ଲୋକେ ନିମାପଡ଼ା ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର କରାଯାଇଛି।

ସୂଚନାଥାଉ କି, ବିନାୟକ କିଛି ମାସ ପୂର୍ବେ ଫକିରଙ୍କ ଦୋକାନରେ କାର୍ଯ୍ୟ କରୁଥିଲେ। ଦୋକାନରୁ ବାରମ୍ବାର ଚୋରି କରି ଧରାପଡ଼ିବା ପରେ ଫକିର ତାଙ୍କୁ ବାହାର କରିଦେଇଥିଲେ। ଏଥିରେ କ୍ରୋଧାନ୍ୱିତ ହୋଇ ବିନାୟକ ଏଭଳି ଘଟଣା ଘଟାଇଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

## ଚକ୍ଷୁ, ଦନ୍ତ ଚିକିତ୍ସା ଶିବିର

**ବୋଲଗଡ଼,୭।୧୧(ଡି.ଏନ୍.ଏ.)**

ବୋଲଗଡ଼ ବ୍ଲକ ରାଜସୁନାଖଳା କୁମ୍ଭାରୀ ଛକସ୍ଥିତ ମାର୍କେଟ କମ୍ପ୍ଲେକ୍ସ କଲ୍ୟାଣ ମଣ୍ଡପଠାରେ ମାଗଣା ଚକ୍ଷୁ ଓ ଦନ୍ତ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରିନ୍ସ ଫାଉଣ୍ଡେଶନ ଦ୍ୱାରା ଆୟୋଜିତ ଏହି ଶିବିରରେ ଚଣ୍ଡିଖୋଲର ସାଇ ନେତ୍ର ମନ୍ଦିର ପକ୍ଷରୁ ୭୦ଜଣ ଚକ୍ଷୁ ଓ ଦନ୍ତ ରୋଗୀଙ୍କ ପରୀକ୍ଷା କରାଯାଇ ପରାମର୍ଶ ସହ ମାଗଣା ଔଷଧ ପ୍ରଦାନ କରାଯାଇଥିଲା। ଏହି ଶିବିରକୁ ଟିକାତାଳ ରାମକୃଷ୍ଣ ଆଶ୍ରମର ସ୍ୱାମୀ ଭଗବତାନନ୍ଦ ପୁରୀ ଉଦ୍‌ଘାଟନ କରିଥିଲେ। ପ୍ରିନ୍ସ ଫାଉଣ୍ଡେଶନ ଅଧ୍ୟକ୍ଷା ରିନା ସାହୁ, ସଭାପତି ରଶ୍ମିରଞ୍ଜନ ସାହୁ, ସାମାଜିକକର୍ମୀ ଜଗନ କୁମାର ନାୟକ, ଶରତ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ସାଇ ନେତ୍ର ମନ୍ଦିରର ଡା.ଜାହିରୁଦ୍ଦିନ ସାହା ଓ କର୍ମଚାରୀମାନେ ସହାୟତା କରିଥିଲେ।

# 'ଗୁଣାତ୍ମକ ଶିକ୍ଷା ଉପରେ ଅବନୀବାବୁ ଗୁରୁତ୍ୱ ଦେଉଥିଲେ'

**ଖୋର୍ଦ୍ଧା ଅଫିସ, ୭।୧୧**

**ଓଷ୍ଟା କାର୍ଯ୍ୟାଳୟରେ ଅବନୀ ବରାଳଙ୍କ ପ୍ରତିମୂର୍ତ୍ତି ଅନାବରଣ**

ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା)ର ଖୋର୍ଦ୍ଧା ଶାଖା କାର୍ଯ୍ୟାଳୟ ଶିକ୍ଷକ ଭବନ ପରିସରରେ ରବିବାର ଶିକ୍ଷାବିତ୍ ଅବନୀ ବରାଳଙ୍କ ପ୍ରତିମୂର୍ତ୍ତି ଅନାବରଣ କରାଯାଇଛି। ଏହି ଭବନକୁ ଅବନୀ ବରାଳ ସ୍ମୃତି ଶିକ୍ଷକ ଭବନ ନାମରେ ନାମିତ କରାଯାଇଛି। ଓଷ୍ଟା ସଭାପତି ବିନୋଦ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର, ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡାଇ, ସାମାଜିକ କର୍ମୀ ଦିଲୀପ ଶ୍ରୀଚନ୍ଦନ, କମ୍ୟୁନିଷ୍ଟ ପାର୍ଟି ରାଜ୍ୟ ସମ୍ପାଦକ ଆଶିଷ କାନୁନଗୋ, ସିପିଆଇ(ଏମ୍) ସଦସ୍ୟ ସନ୍ତୋଷ ଦାସ, ଶିକ୍ଷାବିତ ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି, ବରିଷ୍ଠ ସାମ୍ବାଦିକ ରବି ଦାସ ଏବଂ ପ୍ରଦୋଷ ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ଗଣଶିକ୍ଷା ମନ୍ତ୍ରୀ ଦାଶ କହିଥିଲେ, ବିଦ୍ୟାଳୟରେ ଶୈକ୍ଷିକ ବାତାବରଣ ଓ ଗୁଣାତ୍ମକ ଶିକ୍ଷାର ବିକାଶ ଉପରେ ସ୍ୱର୍ଗତ ବରାଳଙ୍କ ଗୁରୁତ୍ୱ ଦେଇଥିଲେ। ଶିକ୍ଷାର ପ୍ରଗତି ପାଇଁ ହାଇସ୍କୁଲ ସ୍ତରରେ ରାଜ୍ୟ ସରକାର ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି ବୋଲି ମନ୍ତ୍ରୀ କହିଥିଲେ। ସ୍ୱର୍ଗତ ବରାଳ ଦୀର୍ଘ ଚାରି ଦଶନ୍ଧି ଧରି ପ୍ରାଥମିକ ବିଦ୍ୟାଳୟଠାରୁ କଲେଜ ସ୍ତର ପର୍ଯ୍ୟନ୍ତ ସମସ୍ତଙ୍କୁ ଗୋଟିଏ ସୂତାରେ ଡୋରିରେ ବାନ୍ଧି ରଖି ଗୁଣାତ୍ମକ ଶିକ୍ଷାର ବିକାଶ ଦିଗରେ କାର୍ଯ୍ୟ କରିଛନ୍ତି। ଛାତ୍ର ଜୀବନରୁ ସାମ୍ୟବାଦୀ ଚିନ୍ତାଧାରା ପ୍ରତି ଆକର୍ଷିତ ହୋଇ ଶେଷ ନିଶ୍ୱାସ ପର୍ଯ୍ୟନ୍ତ ଅବିଚଳିତ ଭାବେ କାର୍ଯ୍ୟ କରିଯାଇଛନ୍ତି। ଓଡ଼ିଶା ଶିକ୍ଷା ଇତିହାସରେ ତାଙ୍କ ବ୍ୟକ୍ତିତ୍ୱ ସ୍ୱର୍ଣ୍ଣିମ ଅଧ୍ୟାୟରେ ଲିପିବଦ୍ଧ ହୋଇ ରହିବ ବୋଲି ଅତିଥିମାନେ କହିଥିଲେ। ସମ୍ପାଦକ ପ୍ରକାଶ ଚନ୍ଦ୍ର ମହାନ୍ତି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେଇଥିବା ବେଳେ ଅମ୍ବିକା ପ୍ରସାଦ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଓଷ୍ଟାର ପ୍ରଫୁଲ୍ଲ ସାମନ୍ତରାୟ, ପ୍ରଫୁଲ୍ଲ ମହାନ୍ତି, କୃଷ୍ଣଚନ୍ଦ୍ର ବଳିଆରସିଂ, ଜୟକୃଷ୍ଣ ସାହୁ, ବୈକୁଣ୍ଠନାଥ ରାଜଗୁରୁ, ଅନିଲ ସାହୁ, ସନ୍ତୋଷ କର, କିଶୋର ଚନ୍ଦ୍ର ପରମଗୁରୁ, କୁଳମଣି ମିଶ୍ର, ମହେନ୍ଦ୍ର ସିଂଙ୍କ ସମେତ ବହୁ ଶିକ୍ଷକ ଉପସ୍ଥିତ ଥିଲେ।

**ସେଲ୍ଫି କର୍ନର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ଭାଗ୍ୟରଥି



@ ହିତାଂଶୁ



@ ହାପି



@ ସୁଇଟି



@ ରାହୁଲ



ତହେସିନ୍

## ଫୁଟ୍‌ବଲ: କଳିଙ୍ଗ ସ୍ପୋର୍ଟିଂ ସେମିରେ

**ବେଗୁନିଆ,୭।୧୧(ଡି.ଏନ୍.ଏ.)**

ବେଗୁନିଆ ବ୍ଲକ ସିମୋର ପଞ୍ଚାୟତ କଣ୍ଟାମଲିମ ଖେଳପଡ଼ିଆରେ ଜୟଦୁର୍ଗା ଫୁଟ୍‌ବଲ ଆସୋସିଏଶନ ଆନୁକୂଲ୍ୟରେ ୨୭ତମ ଫୁଟବଲ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ସରୋଜିନୀ ଖୁଣ୍ଟିଆ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିବସରେ କଳିଙ୍ଗ ସ୍ପୋର୍ଟିଂ କ୍ଲବ ଭୁବନେଶ୍ୱର ଓ ଶିବା କ୍ଲବ ଟାଙ୍ଗୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ଖେଳ ଅମୀମାଂସିତ ରହିବାରୁ ଟାଇବ୍ରେକର ସହାୟତା ନିଆଯାଇଥିଲା। ୪-୨ ଗୋଲରେ କଳିଙ୍ଗ ସ୍ପୋର୍ଟିଂ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ଉଦ୍‌ଘାଟନୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ଶରତ ଚନ୍ଦ୍ର ରାୟ, ଅଜୟ ମାର୍ଥା, ଗ୍ରାମ ସଭାପତି ଜମ୍ବେଶ୍ୱର ରାଉତରାୟ, ସମ୍ପାଦକ ଆର୍ତ୍ତତ୍ରାଣ ମାଝି, ସାମାଜିକକର୍ମୀ ନବକିଶୋର ଖୁଣ୍ଟିଆ, ସନାତନ ବେହେରା ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଅଶୋକ କଅଁର, ସେଖାବତ ଅଲ୍ଲୀ ଖାଁ, ଅମଜାତ ଖାଁ, ଯୁଧିଷ୍ଠିର ବେହେରା ପରିଚାଳନା କରିଥିଲେ।



ଶିଶୁ ଅଧିକାର ଦିବସ ଅବସରରେ ରବିବାର ପୁରୀ ସ୍ୱର୍ଗଦ୍ୱାର ନିକଟ ବାଳିକା ବିଦ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଶିଶୁ ସମାଚାର ପତ୍ରିକାକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।



ସାରଳା ସାହିତ୍ୟ ସଂସଦ ପକ୍ଷରୁ ରବିବାର କଟକ ସାରଳା ଭବନରେ ଆୟୋଜିତ ସମାରୋହରେ କବି ହରପ୍ରସାଦ ପରିଚ୍ଛା ପଟ୍ଟନାୟକଙ୍କୁ ସଚ୍ଚି ରାଉତରାୟ ସାରସ୍ୱତ ସମ୍ମାନ ପ୍ରଦାନ କରାଯାଉଛି।



କଟକ ଶ୍ରୀରାମଚନ୍ଦ୍ର ଭବନରେ ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ରବିବାର ଅନୁଷ୍ଠିତ ସାରସ୍ୱତ ସାଧକ ପ୍ରଫେସର ଗଣେଶ୍ୱର ମିଶ୍ରଙ୍କ ତୈଳଚିତ୍ର ଉନ୍ମୋଚନ ଉତ୍ସବରେ ଉପସ୍ଥିତ ଅତିଥିବୃନ୍ଦ।

## ସଂକ୍ଷେପରେ

### କୂଅରୁ ଚିତ୍ରଶିଳ୍ପୀଙ୍କ ମୃତଦେହ ଜବତ

**ପୁରୁଣା ଭୁବନେଶ୍ୱର,୭।୧୧(ଡି.ଏନ୍.ଏ.):** ପୁରୁଣା ଭୁବନେଶ୍ୱରସ୍ଥିତ ତାରାସୁନ୍ଦରୀ ଲେନ ଅଞ୍ଚଳରେ ରହୁଥିବା ପ୍ରଖ୍ୟାତ ଚିତ୍ରଶିଳ୍ପୀ ତଥା ଲେଖକ ଅଜୟ କୁମାର ବୀର(୮୧)ଙ୍କ ମୃତଦେହ ରବିବାର ଲିଙ୍ଗରାଜ ଥାନା ପୋଲିସ କୂଅରୁ ଜବତ କରିଛି। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପ୍ରଦୀପ ସେବା ଟ୍ରଷ୍ଟର ଅଧକ୍ଷ ପ୍ରଦୀପ ପୃଷ୍ଟି କୂଅରୁ ତାଙ୍କ ମୃତଦେହ ଉଦ୍ଧାର କରିଥିଲେ। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୪୨/୨୧)ରୁଜୁ ହୋଇଛି। ତେବେ ଅଜୟଙ୍କ ଭାଉଜ ବମ୍ବେରୁ ଫେରିବା ପରେ ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ପଡ଼ୋଶୀ ଗୌରୀଶଙ୍କର ଶତପଥୀ କହିଛନ୍ତି।

### କୁଆଖାଇ ନଦୀବନ୍ଧ ପ୍ରଶସ୍ତୀକରଣର ଶିଳାନ୍ୟାସ

**ବାରଙ୍ଗ,୭।୧୧(ଡି.ଏନ୍.ଏ.):** କୁଆଖାଇ ନଦୀ ବନ୍ଧ ପ୍ରଶସ୍ତ ହେବ। ୧୨ଫୁଟ ଚଉଡ଼ା ଥିବା ନଦୀବନ୍ଧ ରାସ୍ତା ୧୮ଫୁଟ ହେବ। ଏହି ବନ୍ଧ ରାସ୍ତାର ଆଲୋକୀକରଣ କାର୍ଯ୍ୟ ସରିଥିବା ବେଳେ ରାସ୍ତା ପ୍ରଶସ୍ତୀକରଣ ଆବଶ୍ୟକତା ରହିଥିଲା। ଗ୍ରାମ୍ୟ ଉନ୍ନୟନ ବିଭାଗ ମାଧମରେ ୧କୋଟି ୪୭ଲକ୍ଷ ୩୦ହାଜର ଟଙ୍କା ବ୍ୟୟରେ ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ ହେବା ସହ ମାର୍ଚ୍ଚ ୨ ତାରିଖ ସୁଦ୍ଧା ସରିବ। ଏନେଇ ରବିବାର ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ଏହାର ଶିଳାନ୍ୟାସ କରିଛନ୍ତି। ବାଲିପଡା ଗ୍ରାମ ନିକଟରେ ଆୟୋଜିତ ସଭାରେ ବିଧାୟକ ରାଉତ ମୁଖ୍ୟ ଅତିଥିଭାବେ ଯୋଗଦେଇ ୫ପଞ୍ଚାୟତର ବିକାଶ ପାଇଁ ସବୁ ସମୟରେ ଉଦ୍ୟମ ଜାରି ରହିଛି। କାର୍ଯ୍ୟକ୍ରମରେ ସ୍ଥାନୀୟ ବାସିନ୍ଦାଙ୍କ ସହ ବିଜେଡିର ବହୁ କର୍ମୀ ଉପସ୍ଥିତ ଥିଲେ।

### ଭାରତ ବିକାଶ ପରିଷଦର ବାର୍ଷିକ ଉତ୍ସବ

**ଭୁବନେଶ୍ୱର,୭।୧୧:** ଭାରତ ବିକାଶ ପରିଷଦ ଉତ୍ତର ଶାଖାର ବାର୍ଷିକୋତ୍ସବ ରବିବାର ଲୋହିଆ ଏକାଡେମୀଠାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ନୀଳମଣି କର ଅତିଥିଙ୍କୁ ସ୍ୱାଗତ କରିବା ସହ ପରିଷଦର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଶାଖାର ପୂର୍ବତନ ସଭାପତି ଅଜୟ କୁମାର ଦାସ ଅତିଥି ପରିଚୟ ଦେଇଥିଲେ। ସମ୍ପାଦକ ଡ.ତ୍ରିନାଥ ହୋତା ବିବରଣୀ ପାଠ କରିଥିଲେ। ମୁଖ୍ୟ ଅତିଥି ଭାବେ ପ୍ରଫେସର ଜିତେନ୍ଦ୍ର ନାରାୟଣ ଦାଶ (ଦାସବେନେହୁର) ଯୋଗଦେଇ ଭାରତ ବିକାଶ ପରିଷଦର ସେବା କାର୍ଯ୍ୟକୁ ପ୍ରଶଂସା କରିଥିଲେ।

### କବିତା ପୁସ୍ତକ 'ରାତି ଏବେ ସରିନାହିଁ' ଉନ୍ମୋଚିତ

**ଭୁବନେଶ୍ୱର, ୭।୧୧ (ବ୍ୟୁରୋ):** ବର୍ଷା ପବ୍ଲିକେଶନ ପକ୍ଷରୁ ରୋଟାରୀ କ୍ଲବ୍ ସଭାକକ୍ଷରେ ଶନିବାର ଯୁବ କବି ପ୍ରିୟବ୍ରତ ଦାଶଙ୍କ ପ୍ରଥମ କବିତା ପୁସ୍ତକ 'ରାତି ଏବେ ସରିନାହିଁ' ଉନ୍ମୋଚିତ ହୋଇଯାଇଛି। ଉତ୍ସବରେ ବିଶିଷ୍ଟ କଥାକାର ଅଜୟ ସ୍ୱାଇଁ, କବି କାର୍ତ୍ତିକ ସ୍ୱାଇଁ, ଉଦ୍ୟୋଗପତି ନିହାର ସାମନ୍ତରାୟ, କବି ସୁରେନ୍ଦ୍ର କୁମାର ସାହୁ ଓ କବିଙ୍କ ପିତା ବିବେକାନନ୍ଦ ଦାଶ ପ୍ରମୁଖ ଯୋଗଦେଇଥିଲେ। ସତ୍ୟବ୍ରତ ଦାଶ ମଞ୍ଚ ପରିଚାଳନା କରିଥିବାବେଳେ ବର୍ଷା ପବ୍ଲିକେଶନର କାର୍ଯ୍ୟନିର୍ବାହୀ ପରିଚାଳକ ବାଦଲ ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ଉନ୍ମୋଚିତ କବିତା ପୁସ୍ତକରୁ କିଛି କବିତାକୁ ଯୁବ କବି ଅଶ୍ୱିନୀ ପୂଜାରୀ, ଲକ୍ଷ୍ମୀନାରାୟଣ ସାହୁ, ସ୍ୱୟଂପ୍ରକାଶ ପଣ୍ଡା ପାଠ କରିଥିଲେ।

# ରାତ୍ରି ଜଗୁଆଳିଙ୍କ ଭରସାରେ ପକ୍ଷୀ ସୁରକ୍ଷା

**ଖୋର୍ଦ୍ଧା ଅଫିସ, ୭।୧୧**

■ନାହାନ୍ତି ଆବଶ୍ୟକ ସଂଖ୍ୟକ କର୍ମଚାରୀ

■ଦେଶୀୟ ପକ୍ଷୀଙ୍କୁ ନେଇ ପର୍ଯ୍ୟଟକଙ୍କ ଅସନ୍ତୋଷ

ମରାଳ ମାଳିନୀ ନୀଳାମ୍ବୁ ଚିଲିକାରେ ବିଦେଶାଗତ ପକ୍ଷୀଙ୍କ ଭିଡ଼ ଜମିଲାଣି। ପ୍ରଥମ ପର୍ଯ୍ୟାୟରେ ଚିଲିକାକୁ ୬୦ରୁ ଊର୍ଦ୍ଧ୍ୱ ପ୍ରଜାତିର ପ୍ରାୟ ୨୨ହଜାର ବିଦେଶାଗତ ପକ୍ଷୀଙ୍କ ଆଗମନ ହୋଇଥିବା ଚିଲିକା ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ସୂଚନା ମିଳିଛି। ଟାଙ୍ଗୀ ବନ୍ୟପ୍ରାଣୀ ବିଭାଗ ଅଧୀନ ମଙ୍ଗଳାଯୋଡି ଏବଂ ଅନ୍ୟ ଅଞ୍ଚଳକୁ ୨୦ରୁ ଊର୍ଦ୍ଧ୍ୱ ପ୍ରଜାତିର ପକ୍ଷୀ ଆସିଥିବା ଜଣାପଡ଼ିଛି। ପକ୍ଷୀଙ୍କ ସୁରକ୍ଷା ପାଇଁ ବିଭାଗ ପକ୍ଷରୁ ମୁଖ୍ୟତଃ ମଙ୍ଗଳାଯୋଡ଼ି, ଭୂଷଣ୍ଡପୁର, ବାଲିପାଟପୁର, ଦେଏପୁର, ଢୋଲପୁର, ବରୁଣପଡା, ହାଲିସିଙ୍ଗ, ଅଭିମାନପୁର, ସୁନ୍ଦରପୁର, ନଇରୀ, ସୋରଣ ପ୍ରଭୃତି ୧୧ଟି ଅସ୍ଥାୟୀ କ୍ୟାମ୍ପ କରାଯାଇଛି। ପ୍ରତି କ୍ୟାମ୍ପରେ ଜଣେ ଫରେଷ୍ଟରଙ୍କ ସମେତ ଫରେଷ୍ଟ ଗାର୍ଡ ଏବଂ ରାତ୍ରି ଜଗୁଆଳି (ନାଇଟ ୱାଚର)ଙ୍କୁ ନିୟୋଜିତ କରାଯାଇଛି। ପ୍ରତିବର୍ଷ ଶୀତଋତୁରେ ବିଦେଶାଗତ ପକ୍ଷୀଙ୍କ ଆଗମନ ବଢିଲେ, ଚିଲିକା ଉପକୂଳବର୍ତ୍ତୀ ଅଞ୍ଚଳରେ ବ୍ୟାପକ ପକ୍ଷୀ ଶିକାର ହୋଇଥାଏ। ଏହାକୁ ରୋକିବା ପାଇଁ ବିଭାଗ ପକ୍ଷରୁ ଅସ୍ଥାୟୀ କ୍ୟାମ୍ପ କରାଯାଉଛି। ତେବେ ଅଧିକାଂଶ କ୍ୟାମ୍ପ କେବଳ ରାତ୍ରି ଜଗୁଆଳିଙ୍କ ଭରସାରେ ଚାଲିଛି। କ୍ୟାମ୍ପଗୁଡ଼ିକୁ ରାତ୍ର ଜଗୁଆଳି ଜଗି ଥିବାବେଳେ କର୍ମଚାରୀଙ୍କ ଦେଖାନାହିଁ। ଉପରୋକ୍ତ ଗ୍ରାମଗୁଡ଼ିକରେ ବିଭାଗ ପକ୍ଷରୁ ଅସ୍ଥାୟୀ ଶିବିର ନାମଫଳକ ଲଗାଯାଇଛି।



ପକ୍ଷୀ ସୁରକ୍ଷା ପାଇଁ ରହିଥିବା ଅସ୍ଥାୟୀ କ୍ୟାମ୍ପ୍।

ଚିଲିକାର ନୀଳ ଜଳରାଶି, ମନୋରମ ଦୃଶ୍ୟ ସହ ବିଭିନ୍ନ ରଙ୍ଗବେରଙ୍ଗ ପକ୍ଷୀଙ୍କ ସମାଗମ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ନଳବଣ ଓ ରାଜଦଳରେ ଖାଦ୍ୟ ଅନ୍ୱେଷଣ କରୁଥିବା କିମ୍ବା ଉଡୁଥିବା ପକ୍ଷୀଙ୍କ ଫଟୋ ଉଠାଇବା ପାଇଁ ପର୍ଯ୍ୟଟକ ଆଗ୍ରହ ପ୍ରକାଶ କରିଥାନ୍ତି। ତେବେ ମଙ୍ଗଳାଯୋଡ଼ିକୁ ଆଖିଦୃଶିଆ ଭାବେ ବିଦେଶାଗତ ପକ୍ଷୀଙ୍କ ଆଗମନ ଘଟି ନ ଥିବା ଏବଂ ଦେଶୀୟ ପକ୍ଷୀ ବିଚରଣ କରୁଥିବା ଦେଖିବାକୁ ମିଳିଛି ବୋଲି ରବିବାର ମଙ୍ଗଳାଯୋଡ଼ି ବୁଲିବାକୁ ଆସିଥିବା କେତେଜଣ ପର୍ଯ୍ୟଟକ କହିଛନ୍ତି। ଭୁବନେଶ୍ୱରରୁ ଆସିଥିବା ଏକ ପର୍ଯ୍ୟଟକ ଟିମ କହିଛନ୍ତି, ପ୍ରତିବର୍ଷ ନଭେମ୍ବର ପହିଲାରେ ମଙ୍ଗଳାଯୋଡ଼ିକୁ ବିଦେଶାଗତ ପକ୍ଷୀଙ୍କୁ ଦେଖିବାକୁ ଆସିଥାଉ। ତେବେ ବୁଲିବା ବେଳେ ଦେଖାଯାଉଥିବା ଅଧିକାଂଶ ପକ୍ଷୀ ଦେଶୀୟ ପ୍ରଜାତିର ବୋଲି ଜଣାପଡୁଛି। ସେହିପରି କେତେଜଣ ଗାଇଡ୍‌ସଙ୍କ ସୂଚନା ଅନୁସାରେ ବର୍ତ୍ତମାନ ଦେଶୀୟ ପକ୍ଷୀଙ୍କ ଆଗମନ ବେଶି ରହିଛି। ଶୀତ ବଢିଲେ ବିଦେଶାଗତ ପକ୍ଷୀଙ୍କ ଆଗମନ ବଢିବ। ଟାଙ୍ଗୀ ବନ୍ୟପ୍ରାଣୀ ଅଧିକାରୀ ସି.ଏଚ୍. ମୁର୍ମୁ କହିଛନ୍ତି,ସମସ୍ତ ଅସ୍ଥାୟୀ କ୍ୟାମ୍ପରେ ଫରେଷ୍ଟ ଗାର୍ଡ ନିୟୋଜିତ ଅଛନ୍ତି। ସେମାନେ ନିଜ ପରିସୀମା ମଧ୍ୟରେ ସ୍ଥାନୀୟ ଲୋକଙ୍କ ସହିତ ଯୋଗାଯୋଗ ରଖି ପକ୍ଷୀଙ୍କ ସୁରକ୍ଷା ଉପରେ ଗୁରୁତ୍ୱ ଦେଉଛନ୍ତି। ଫରେଷ୍ଟରଙ୍କ ସଂଖ୍ୟା କମ୍ ଥିବାରୁ ଜଣେ ଗାର୍ଡଙ୍କୁ ଦୁଇଟି କ୍ୟାମ୍ପ ଦାୟିତ୍ୱ ଦିଆଯାଇଛି। ଅନ୍ୟପକ୍ଷରେ ପରିବେଶବିତ୍ ଜୟକୃଷ୍ଣ ପାଣିଗ୍ରାହୀ କହିଛନ୍ତି, ମଙ୍ଗଳାଯୋଡ଼ିରେ ଧୀରେ ରାଜଦଳ ଓ ନଳଘାସ ମାଡ଼ିଗଲାଣି। ଚିଲିକା ଧୀରେ ଧୀରେ ପୋତି ହୋଇଗଲାଣି। ଜୈବ ବିବିଧତା ନଷ୍ଟ ହେବା ସହ ବହୁ ଜଳଚର ଜୀବଙ୍କ ସଂଖ୍ୟା ମଧ୍ୟ କମିବାରେ ଲାଗିଛି। ବିଦେଶାଗତ ପକ୍ଷୀ ଖାଦ୍ୟ ଅନ୍ୱେଷଣରେ ଏଠାକୁ ଆସନ୍ତି। ଯଦି ଏଠାରେ ଖାଦ୍ୟ ଉପଲବ୍ଧ ନ ହେବ, ତେବେ ପକ୍ଷୀଙ୍କ ଆଗମନ ମଧ୍ୟ କମିଯିବ। ଏଣୁ ଚିଲିକାକୁ ବର୍ଜ୍ୟବସ୍ତୁ ଓ ପ୍ରଦୂଷଣମୁକ୍ତ ରଖିବା ସହ ଏହାର ସୁରକ୍ଷା ପାଇଁ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ, ବନ୍ୟପ୍ରାଣୀ ବିଭାଗ, ମତ୍ସ୍ୟ ବିଭାଗ ଏବଂ ଜିଲା ପ୍ରଶାସନ ମିଳିତ ଭାବେ ପଦକ୍ଷେପ ନେବା ଉଚିତ।

## କଂଗ୍ରେସ ନେତା ପ୍ରଦୀପ ସାହୁ ବିଜେଡିରେ ମିଶିବା ନେଇ ଚର୍ଚ୍ଚା

**ଖୋର୍ଦ୍ଧା ଅଫିସ, ୭।୧୧**

ଖୋର୍ଦ୍ଧା ଜିଲା କଂଗ୍ରେସର ଟାଣୁଆ ନେତା ପ୍ରଦୀପ ସାହୁ ବିଜେଡିରେ ଯୋଗଦେବା ନେଇ ଚର୍ଚ୍ଚା ଜୋର ଧରିଛି। ଆଗାମୀ ଦିନରେ ସେ ବେଗୁନିଆ ଓ ବୋଲଗଡ ବ୍ଲକରୁ ବିପୁଳ ସମର୍ଥକଙ୍କ ସହ ବିଜେଡିରେ ଯୋଗଦାନ ଲାଗି ଯୋଜନା କରୁଥିବା ଶୁଣିବାକୁ ମିଳୁଛି। ତେବେ ପ୍ରଦୀପ ଏଭଳି ଚର୍ଚ୍ଚାକୁ ଖଣ୍ଡନ କରିଛନ୍ତି।

ପ୍ରକାଶ ଯେ, ଆଗକୁ ପଞ୍ଚାୟତ ନିର୍ବାଚନ ଆସୁଛି। ତେଣୁ ବିରୋଧୀ କଂଗ୍ରେସ ଓ ଭାଜପାର ବହୁ କର୍ମୀ ବିଜେଡି ଆଡ଼କୁ ମୁହାଁଉଛନ୍ତି। ଏ ନେଇ ବୋଲଗଡ଼ ଓ ବେଗୁନିଆ ରାଜନୀତି ସରଗରମ ହେବାରେ ଲାଗିଛି। ପୂର୍ବରୁ ବେଗୁନିଆ ବିଜେଡି ବିଧାୟକ ରାଜେନ୍ଦ୍ର ସାହୁଙ୍କ ପ୍ରତିପକ୍ଷ କୁହାଯାଉଥିବା ପ୍ରଦୀପ ବିଜେଡିରେ ସାମିଲ ହେଲେ ତାଙ୍କୁ କେଉଁ ସାଙ୍ଗଠନିକ ଦାୟିତ୍ୱ ଦିଆଯିବ ତାହାକୁ ନେଇ କଳ୍ପନାଜଳ୍ପନା ଚାଲିଛି।

## ଟ୍ରକ୍ ଧକ୍କାରେ ୨ ଗୁରୁତର

**ଖୋର୍ଦ୍ଧା ଅଫିସ, ୭।୧୧**

ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ ବାଜପୁର ନିକଟରେ ରବିବାର ରାତିରେ ଏକ ଟ୍ରକ ଧକ୍କାରେ ୨ଜଣ ସାଇକେଲ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କ ପରିଚୟ ମିଳିପାରିନାହିଁ। ଉଭୟଙ୍କୁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱର ଏମ୍‌ସକୁ ପଠାଯାଇଛି। ଖବର ପାଇ ପୋଲିସ ପହଞ୍ଚି ଟ୍ରକ ଚାଳକଙ୍କୁ ଅଟକ ରଖି ତଦନ୍ତ କରୁଛି।

## ଚିକିତ୍ସାଳୟରେ ଖାଦ୍ୟ ବଣ୍ଟନ

**ଖୋର୍ଦ୍ଧା ଅଫିସ,୭।୧୧**

ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟରେ ରବିବାର ୟୋର୍ସ ହୋପ୍ ସଙ୍ଗଠନ ପକ୍ଷରୁ ରୋଗୀ, ସମ୍ପର୍କୀୟଙ୍କୁ ରନ୍ଧା ଖାଦ୍ୟ ବଣ୍ଟନ କରାଯାଇଛି। ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ର, ଲଳିମୋହନ ମହାପାତ୍ର, ଯୋଗେଶ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠାନର ଅଧକ୍ଷା ରୀନାରାଣୀ ନାୟକ ଏବଂ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପ୍ରମୋଦ ଭଗତଙ୍କୁ 'ପ୍ରଦ୍ୟୁମ୍ନ କ୍ରୀଡ଼ା ସମ୍ମାନ'

**ଭୁବନେଶ୍ୱର, ୭।୧୧(ବ୍ୟୁରୋ)**

ପ୍ରଗତିବାଦୀର ପ୍ରତିଷ୍ଠାତା ତଥା ଜନନେତା ପ୍ରଦ୍ୟୁମ୍ନ ବଳଙ୍କ ୮୯ତମ ଜୟନ୍ତୀ ସମାରୋହ ସୋମବାର ଅନୁଷ୍ଠିତ ହେବ। ଏହାର ଅବ୍ୟବହିତ ପୂର୍ବରୁ ରବିବାର ସନ୍ଧ୍ୟାରେ ପ୍ରଗତିବାଦୀ ପରିସରରେ ଫଟୋ ପ୍ରଦର୍ଶନୀ ଓ 'ପ୍ରଦ୍ୟୁମ୍ନ କ୍ରୀଡ଼ା ସମ୍ମାନ' ପ୍ରଦାନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଉନ୍ନୟନ କମିଶନର ପ୍ରଦୀପ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ବ୍ୟକ୍ତିଗତ ଭାବେ ପ୍ରଥମ କ୍ୟାରିୟରେ ମୁଁ ପ୍ରଦ୍ୟୁମ୍ନ ବଳଙ୍କ ସହ ଦୁଇତିନି ଥର ଭେଟିବାର ସୁଯୋଗ ପାଇଛି। ସେହି ସମୟରେ ସେ କହିଥିଲେ ଯେ, ତମେ ଚାକିରି କରୁଛ ବିଭିନ୍ନ ପ୍ରକାର ଲୋକଙ୍କ ସଂସ୍ପର୍ଶରେ ଆସିବ। କିଏ ଖରାପ କିଏ ଭଲ ତାହା ଜାଣିପାରିବ ନାହିଁ। ଦ୍ୱନ୍ଦ୍ୱ ଭିତରେ ଆଗକୁ ବଢ଼ିବାକୁ ହେବ। ନିଜର ବିଚାରଧାରାକୁ ନେଇ କାର୍ଯ୍ୟ କରିବ ବୋଲି ପରାମର୍ଶ ଦେଇଥିଲେ। ମୁଁ ତାଙ୍କର ସମ୍ପାଦକୀୟକୁ ଭଲ ଭାବେ ପଢ଼େ। ସେ ପ୍ରସଙ୍ଗ ଭିତ୍ତିକ ସମ୍ପାଦକୀୟ ଲେଖନ୍ତି, ତାହା ନିର୍ଭୀକତା ଥାଏ। ନିର୍ଭୀକ ସାମ୍ବାଦିକତା କଷ୍ଟକର ହେଲେ ବି ସେ ତାହାକୁ ପ୍ରତିପାଦିତ କରନ୍ତି ବୋଲି ଜେନା କହିଥିଲେ। ପ୍ରଗତିବାଦୀର ଅଧକ୍ଷା ଶାଶ୍ୱତୀ ବଳ ତାଙ୍କ ବକ୍ତବ୍ୟରେ ସ୍ୱତନ୍ତ୍ରତା ବଜାୟ ରଖିବା ଉପରେ କହିଥିଲେ। ଏହି ଅବସରରେ ପ୍ରମୋଦ ଭଗତଙ୍କୁ ପ୍ରଦ୍ୟୁମ୍ନ କ୍ରୀଡ଼ା ସମ୍ମାନ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ପ୍ରଗତିବାଦୀର କାର୍ଯ୍ୟନିର୍ବାହୀ ସମ୍ପାଦକ ବିରୂପାକ୍ଷ ତ୍ରିପାଠୀ ଅଧକ୍ଷତା କରିଥିଲେ।


କ୍ରୀଡ଼ାବିତ୍ ପ୍ରମୋଦ ଭଗତଙ୍କୁ ' ପ୍ରଦ୍ୟୁମ୍ନ କ୍ରୀଡ଼ା ସମ୍ମାନ' ପ୍ରଦାନ ଅବସରରେ ଉନ୍ନୟନ କମିଶନର ପ୍ରଦୀପ ଜେନା, ପ୍ରଗତିବାଦୀର ଅଧକ୍ଷା ଶାଶ୍ୱତୀ ବଳ ଓ ଅନ୍ୟ ଅତିଥିମାନେ।

## 'ପଞ୍ଚାୟତ ନିର୍ବାଚନରେ ବିଜେଡି ଯୋଦ୍ଧା ଭାବେ ଲଢ଼ିବି'

### ବାଲୁଗାଁରେ ପ୍ରଶାନ୍ତଙ୍କ ବାଇକ୍ ଶୋଭାଯାତ୍ରା



**ବାଣପୁର/ବାଲୁଗାଁ, ୭।୧୧(ଡି.ଏନ୍.ଏ.)**

ବାଣପୁର ମା'ଭଗବତୀ କଲ୍ୟାଣ ମଣ୍ଡପଠାରେ ବିଜୁ ଜନତା ଦଳ(ବିଜେଡି) ପକ୍ଷରୁ ଏକ କର୍ମୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଚିଲିକା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ବିଜେଡିରୁ ନିଲମ୍ବିତ ହୋଇଥିଲେ ମଧ୍ୟ ଦଳୀୟ କର୍ମୀଙ୍କ ସହ ଏକ ବାଇକ୍ ଶୋଭାଯାତ୍ରାରେ ବାଲୁଗାଁ ଗାନ୍ଧୀ ଛକରୁ ବାହାରି ବାଣପୁର ଭଗବତୀଙ୍କ ମନ୍ଦିର ପୀଠରେ ପହଞ୍ଚି ଥିଲେ। ମା'ଙ୍କ ପୂଜାର୍ଚ୍ଚନା କରିବା ସହ ମନ୍ଦିରର ଉନ୍ନତୀକରଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। କଲ୍ୟାଣ ମଣ୍ଡପଠାରେ ଆୟୋଜିତ ସଭାରେ କର୍ମୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ବାଣପୁର ଓ ଚିଲିକା ବ୍ଲକର ୩୪ଟି ପଞ୍ଚାୟତ ସମେତ ୬ଟି ଜିଲା ପରିଷଦ ସଦସ୍ୟ ପଦବୀକୁ ବିଜେଡି କିପରି ଅକ୍ତିଆର କରିବ ସେଥିପାଇଁ କର୍ମୀମାନଙ୍କ ପ୍ରତ୍ୟକ୍ଷ ସହଯୋଗ ଲୋଡ଼ିଥିଲେ। ଏହି ଶୋଭାଯାତ୍ରରେ ପ୍ରାୟ ୨ହଜାରରୁ ଅଧିକ କର୍ମୀ ଯୋଗଦେଇଥିଲେ। ବିଧାୟକ ଜଗଦ୍ଦେବ କହିଛନ୍ତି, ବିଜେଡିକୁ ଭଲପାଏ ଏବଂ ନବୀନ ପଟ୍ଟନାୟକଙ୍କ ଆଦର୍ଶରେ ମୁଁ ଅନୁପ୍ରାଣିତ। ଜଣେ ସାଧାରଣ କର୍ମୀଭାବେ ଦଳ ପାଇଁ କାର୍ଯ୍ୟ କରିବି। ଆଗାମୀ ପଞ୍ଚାୟତ ନିର୍ବାଚନରେ ଜଣେ ଯୋଦ୍ଧା ସୈନିକ ଭାବେ ଦଳୀୟ ସମର୍ଥକଙ୍କୁ ନେଇ ବିଜେଡିକୁ ବିପୁଳ ସଂଖ୍ୟାରେ ବିଜୟ କରିବା ମୋର ମୂଳ ଲକ୍ଷ୍ୟ ବୋଲି ସେ କହିଛନ୍ତି।

ସୂଚନା ଥାଉ କି, ଗତ ସେପ୍ଟେମ୍ବର ୮ରେ ବାଲୁଗାଁ ଏନ୍‌ଏସି କାର୍ଯ୍ୟାଳୟ ଠାରେ ଆବାସ ଯୋଜନା ଓ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମକୁ ନେଇ ଭାଜପା ଓ ବିଜେଡି ସମର୍ଥକଙ୍କ ମଧ୍ୟରେ ବିବାଦୀୟ ପରିସ୍ଥିତି ଉପୁଜିଥିଲା। ଏହି ସମୟରେ ବିଧାୟକ ଜଗଦ୍ଦେବ ଉତ୍‌କ୍ଷିପ୍ତ ହୋଇ ବାଲୁଗାଁ ନଗର ମଣ୍ଡଳ ଭାଜପା ସଭାପତିଙ୍କୁ ମାଡ଼ ମାରିବା ନେଇ ଅଭିଯୋଗ ହୋଇଥିଲା। ଏଥିସହ ତାଙ୍କୁ ବିଜେଡିରୁ ନିଲମ୍ବନ କରାଯାଇଥିଲା।

## ନଦୀରୁ ମହିଳାଙ୍କ ମୃତଦେହ ଜବତ

**କୋଣାର୍କ,୭।୧୧(ଡି.ଏନ୍.ଏ.)**

କୋଣାର୍କ ଥାନା ତେଲିକୁଦ ଗ୍ରାମର ଜଣେ ମହିଳା ନିଖୋଜ ଥିବା ବେଳେ ରବିବାର କାଦୁଆ ନଦୀରୁ ତାଙ୍କ ମୃତଦେହ ଜବତ ହୋଇଛି। ସେ ହେଲେ ଏହି ଗ୍ରାମର ଧନେଶର ଦାସଙ୍କ ସ୍ତ୍ରୀ ଗୀତାଞ୍ଜଳି ଦାସ। ଶନିବାର ରାତିରେ ଶନିମେଳା ସରିବା ପରେ ଗୀତାଞ୍ଜଳି ପୂଜା ସାମଗ୍ରୀ ନଦୀକୁ ପକାଇବାକୁ ଯାଇଥିଲେ। ସେ ଘରକୁ ନ ଫେରିବାରୁ ପରିବାରଲୋକେ କୋଣାର୍କ ଥାନାକୁ ଜଣାଇଥିଲେ। ପୋଲିସ ଓ ଅଗ୍ନିଶମ କର୍ମଚାରୀ ଖୋଜାଖୋଜି କରିବା ପରେ ମହିଳାଙ୍କ ମୃତଦେହ ନଦୀରୁ ଉଦ୍ଧାର କରିଥିଲେ।

## ମନ୍ତ୍ରୀ ଦିବ୍ୟଶଙ୍କରଙ୍କ ଗିରଫ ଦାବିରେ ସମାବେଶ

**ବେଗୁନିଆ,୭।୧୧(ଡି.ଏନ୍.ଏ.)**

ଅଧକ୍ଷା ମମିତା ମେହେର ହତ୍ୟାକାଣ୍ଡ ଘଟଣାରେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ବହିଷ୍କାର ଓ ଗିରଫ ଦାବିରେ ଶୁକ୍ରବାର ବେଗୁନିଆ ନିର୍ବାଚନମଣ୍ଡଳୀ ଭାଜପା ପକ୍ଷରୁ ରବିବାର ବେଗୁନିଆ ଥାନା ଆଗରେ ବିକ୍ଷୋଭ ସହ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଋଷଭ ନନ୍ଦଙ୍କ ନେତୃତ୍ୱରେ ସ୍ଥାନୀୟ ପୋଷ୍ଟ ଅଫିସ ଛକରୁ ଏକ ଶୋଭାଯାତ୍ରା ବାହାରି ଥାନା ଆଗରେ ପହଞ୍ଚିଥିଲା। ଭଗବାନ ପଣ୍ଡାଙ୍କ ସଭାପତିତ୍ୱରେ ଥାନା ସମ୍ମୁଖରେ ଏକ ସମାବେଶ ଅନୁଷ୍ଠିତ ହୋଇଥିଲା। ଦକ୍ଷିଣ ବେଗୁନିଆ ମଣ୍ଡଳ ସଭାପତି ଯଜ୍ଞେଶ୍ୱର ସୁନ୍ଦରାୟ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ରାଜ୍ୟ ପରିଷଦ ସଦସ୍ୟ ଲୋତକ ବିନ୍ଦୁ ପଟ୍ଟନାୟକ, ଜିଲା ମାଇନରଟି ସେଲ ସଭାପତି ସେକ୍ ହାଇଦର ଅଲ୍ଲୀ, ୬ଟି ମଣ୍ଡଳର ସଭାପତି ସଞ୍ଜୟ ବେହେରା, ଜନାବ ଦୌଲତ ଅଲ୍ଲୀ, ଅଶୋକ ରାଉତ, ହରିହର ମହାରଣା, ଅଜିତ ପଟ୍ଟନାୟକ, ଶାନ୍ତି ଶେଖର ମହାପାତ୍ର, ସୁବାସ ମିଶ୍ର, ପ୍ରଦୀପ ମଙ୍ଗରାଜ ଯୋଗଦେଇଥିଲେ। ସନାତନ ସାହୁ ଧନ୍ୟବାଦ ଦେଇଥିଲେ। ଏଥିସହ ଅବସରରେ ଥାନା ଅଧିକାରୀ ଲକ୍ଷ୍ମୀପ୍ରସାଦ ଶତପଥୀ ଓ ବାଘମାରୀ ଥାନା ଅଧିକାରୀ ଅର୍ଚ୍ଚନା ମଲ୍ଲିକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା।

## ଦୁର୍ଘଟଣା: ବାଇକ୍ ଆରୋହୀ ମୃତ

**ସାକ୍ଷୀଗୋପାଳ,୭।୧୧ (ସ୍ୱ.ପ୍ର./ ଡି.ଏନ୍.ଏ.)**

ସତ୍ୟବାଦୀ ଥାନା ସାକ୍ଷୀଗୋପାଳ–ଜୟରାମପୁର ରାସ୍ତାର ଜୟରାମପୁର ଗ୍ରାମ ନିକଟରେ ରବିବାର ଏକ ବାଇକ୍ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଆଉ ଜଣେ ଆହତ ହୋଇଛନ୍ତି। ମୃତକ ହେଲେ ଜୟରାମପୁର ଗ୍ରାମର ରବୀନ୍ଦ୍ର ବେହେରା(୨୮)। ସୂଚନା ମୁତାବକ, ସକାଳ ପ୍ରାୟ ୯ ଟାରେ ରବୀନ୍ଦ୍ର ଓ ଚନ୍ଦନ ବେହେରା ବାଇକ୍‌ରେ ଜୟରାମପୁର ଗ୍ରାମରୁ ସାକ୍ଷୀଗୋପାଳ ଆସୁଥିଲେ। ଜୟରାମପୁର ଗ୍ରାମ ନିକଟରେ ହଠାତ୍ ବାଇକ୍ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଉଭୟ ବାଇକ ଆରୋହୀ ରାସ୍ତା ଉପରେ ପଡି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଚିକିତ୍ସା ପାଇଁ ସାକ୍ଷୀଗୋପାଳ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ରବୀନ୍ଦ୍ରଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ସତ୍ୟବାଦୀ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।


ପୁରୀ ସମବାୟ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ରବିବାର ଅତିଥିମାନେ ଅକ୍ଷର ଯଜ୍ଞ ଓ ସ୍ୱର କବିତା ପୁସ୍ତକକୁ ଉନ୍ମୋଚନ କରୁଛନ୍ତି।


ଭୁବନେଶ୍ୱର ଲକ୍ଷ୍ମୀସାଗର ରିଫ୍ୟୁଜି କଲୋନୀସ୍ଥିତ ଗୁପ୍ତାକୁଟୀରରେ ମା' କାଳୀଙ୍କ ସମ୍ମୁଖରେ ମହିଳାମାନେ ସିନ୍ଦୂର ଖେଳ ଖେଳୁଛନ୍ତି।



ଭୁବନେଶ୍ୱରସ୍ଥିତ ଭାରତ ସ୍କାଉଟ୍‌ସ ଏବଂ ଗାଇଡ୍‌ସ ପରିସରରେ ରବିବାର ଅନୁଷ୍ଠିତ ଡଃ ଏସ୍.ଏନ୍.ସୁବାରାଓଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ଅତିଥିମାନେ।

## ଦାଦାବଟି ମାଗି ୨ ଗିରଫ: ଛୁରି, ଟଙ୍କା ଜବତ

**ପୁରୀ ଅଫିସ, ୭।୧୧:** ଦାଦାବଟି ମାଗିବା ଅଭିଯୋଗରେ ସମୁଦ୍ରକୂଳ ଥାନା ପୋଲିସ ୨ଜଣ ଅଭିଯୁକ୍ତଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ସେହି ଥାନା ଅନ୍ତର୍ଗତ ପେଣ୍ଠକଟା ଡିଏଜି କଲୋନୀ ପଛପାଖରେ ରହୁଥିବା ବିନ ବେହେରା ଓ ଶରତ ସାହୁ। ପୋଲିସ ଅଭିଯୁକ୍ତଙ୍କ ନିକଟରୁ ଦୁଇଟି ଛୁରୀ ଓ ନଗଦ ୬୫୫ ଟଙ୍କା ଜବତ କରିଛି। ଏ ନେଇ ପୋଲିସ ଏକ କେସ୍ (ନଂ ୨୪୧/୨୧) ରୁଜୁ କରିଛି। ସୂଚନା ଅନୁଯାୟୀ ଅଭିଯୁକ୍ତ ଦ୍ୱୟ ପେଣ୍ଠକଟା ବଜାର ଅଞ୍ଚଳରେ ମାରଣାସ୍ତ୍ର ଦେଖାଇ ଲୋକଙ୍କ ଠାରୁ ଦାଦାବଟି ଆଦାୟ କରୁଥିଲେ।



## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ

୭।୧୧।୨୦୨୧

| ୩,୬୯,୭୮୮ ଟଙ୍କା | |
|---|---|
| ସୁନା | ୨୦.୩୫୦ ଗ୍ରାମ |
| ରୁପା | ୩୪୦.୭୦୦ ଗ୍ରାମ |

# କେବିଏନ୍ ଗ୍ୟାଙ୍ଗର ନୂଆ ଭିଡିଓ ଭାଇରାଲ

**ଭୁବନେଶ୍ୱର,୭।୧୧(ବ୍ୟୁରୋ)**

ରାଜଧାନୀ ରାସ୍ତାରେ ସଶସ୍ତ୍ର ଆତଙ୍କ

■ ଗ୍ୟାଙ୍ଗ ସଦସ୍ୟଙ୍କୁ ଧରିବାକୁ ସ୍ୱତନ୍ତ୍ର ଟିମ୍

ରାଜଧାନୀ ଭୁବନେଶ୍ୱର ଅସୁରକ୍ଷିତ ହୋଇଗଲାଣି। ଆପରାଧିକ ଶ୍ରେଣୀର ଯୁବକମାନେ ବିଭିନ୍ନ ମାରଣାସ୍ତ୍ର ଧରି ରାତିରେ ରାସ୍ତାରେ ବୁଲୁଛନ୍ତି। ସେମାନେ ସିନେମା ଶୈଳୀରେ ଖଣ୍ଡା, ଭୁଜାଲି, ବନ୍ଧୁକ ଧରି ରାସ୍ତାମଝିରେ ସଙ୍ଗୀତ ବଜାଇ ନାଚଗୀତ କରୁଛନ୍ତି। ସେମାନଙ୍କୁ କେବିଏନ୍ ଗ୍ୟାଙ୍ଗ କୁହାଯାଉଛି। ସେମାନଙ୍କ ଆତଙ୍କର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଲୋକେ ଭୟଭୀତ ହୋଇଯାଇଛନ୍ତି। ରାତିରେ ଘରୁ ଗୋଡ଼ କାଢ଼ିବାକୁ ଡରୁଛନ୍ତି। ଭିଡିଓ ଭାଇରାଲ ପରେ କମିଶନରେଟ୍ ପୋଲିସ କିଛିଦିନ ତଳେ ୫ ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟମାନେ ନିଶ୍ଚିନ୍ତରେ ବୁଲାବୁଲି କରୁଛନ୍ତି। ଏପରି ସ୍ଥିତିରେ ପୁଣି ଉକ୍ତ ଗ୍ୟାଙ୍ଗର ଆଉ ଏକ ଭିଡିଓ ଭାଇରାଲ ହୋଇଛି। ଜଣେ ଯୁବକ ଏକ ବନ୍ଧୁକ ଧରି ଫାଙ୍କା ଗୁଳିଚାଳନା କରୁଥିବା ଭିଡିଓରେ ଦେଖାଯାଉଛି। ସେହି ଭିଡିଓ କେବେକାର ତାହା ସ୍ପଷ୍ଟ ହୋଇ ନ ଥିବା ବେଳେ କମିଶନରେଟ୍ ପୋଲିସ ପ୍ରତି ସେମାନଙ୍କ ଭୟ ନ ଥିବା ଜଣାପଡୁଛି। ଏନେଇ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ କହିଛନ୍ତି ଯେ, ଏହି ଗ୍ୟାଙ୍ଗର ଅନେକ ସଦସ୍ୟ ଗିରଫ ହୋଇଛନ୍ତି। ଫାଙ୍କା ଗୁଳିଚାଳନା କରୁଥିବା ଭିଡିଓଟି ପୁରୁଣା। ଉକ୍ତ ଯୁବକ ଗିରଫ ହୋଇଥିବାବେଳେ ତାଙ୍କଠୁ ବନ୍ଧୁକ ମଧ୍ୟ ଜବତ ହୋଇଛି। ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉଛି ବୋଲି ସେ କହିଛନ୍ତି। ଡିସିପି ଉମାଶଙ୍କର ଦାଶଙ୍କ କହିବା କଥା, ବନ୍ଧୁକ ଧରି ଗୁଳି ଫୁଟାଉଥିବା ଯୁବକ ଗିରଫ ହୋଇ ଜେଲ ଯାଇଛନ୍ତି। ଏହି ଗ୍ୟାଙ୍ଗକୁ ଆଖି ଆଗରେ ରଖି ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ତଦନ୍ତ କରାଯାଉଛି। ଗ୍ୟାଙ୍ଗର ଅନ୍ୟ ସଦସ୍ୟମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ସେ କହିଛନ୍ତି।



ଭାଇରାଲ ଭିଡିଓରେ ଦେଖାଯାଉଥିବା ବନ୍ଧୁକ।

## ଦୁର୍ଘଟଣା: ବାଇକ୍ ଆରୋହୀ ମୃତ

**ସାକ୍ଷୀଗୋପାଳ,୭।୧୧ (ସ୍ୱ.ପ୍ର./ଡି.ଏନ୍.ଏ.)**

ସତ୍ୟବାଦୀ ଥାନା ଅନ୍ତର୍ଗତ ସାକ୍ଷୀଗୋପାଳ- ଜୟରାମପୁର ରାସ୍ତାର ଜୟରାମପୁର ଗ୍ରାମ ନିକଟରେ ରବିବାର ଏକ ବାଇକ୍ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଆଉ ଜଣେ ଆହତ ହୋଇଛନ୍ତି। ମୃତକ ହେଲେ ଜୟରାମପୁର ଗ୍ରାମର ରବୀନ୍ଦ୍ର ବେହେରା(୨୮)। ସୂଚନା ମୁତାବକ, ସକାଳ ପ୍ରାୟ ୯ ଟାରେ ରବୀନ୍ଦ୍ର ଓ ଚନ୍ଦନ ବେହେରା ବାଇକ୍‌ରେ ଜୟରାମପୁର ଗ୍ରାମରୁ ସାକ୍ଷୀଗୋପାଳ ଆସୁଥିଲେ। ଜୟରାମପୁର ଗ୍ରାମ ନିକଟରେ ହଠାତ୍ ବାଇକ୍ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଉଭୟ ବାଇକ ଆରୋହୀ ରାସ୍ତା ଉପରେ ପଡି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଚିକିତ୍ସା ପାଇଁ ସାକ୍ଷୀଗୋପାଳ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ରବୀନ୍ଦ୍ରଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ସତ୍ୟବାଦୀ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏଥିସହ ପୋଲିସ ଦୁର୍ଘଟଣାଗ୍ରସ୍ତ ବାଇକକୁ ଜବତ କରିବା ସହ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି।

## କୋରେକ୍ସ ବିକି ଜଣେ ଗିରଫ

**ପୁରୀ ଅଫିସ, ୭।୧୧**

ବେଆଇନ ଭାବେ କୋରେକ୍ସ ବିକ୍ରି କରିବା ଅଭିଯୋଗରେ ଟାଉନଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ପୁରୀ ସଦର ଥାନା ଅନ୍ତର୍ଗତ ଖଣ୍ଡିଆ ବନ୍ଦ ଅଞ୍ଚଳର ତପନ କୁମାର ସାହୁ। ପୋଲିସ ତପନଙ୍କ ଠାରୁ ୧୫ଟି କୋରେକ୍ସ ବୋତଲ ଜବତ କରିଛି। ଏ ନେଇ ଏକ କେସ୍ (ନଂ ୩୧୬/୨୧) ରୁଜୁ ହୋଇଛି।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଭାଗ୍ୟରଥି



@ ହିତାଂଶୁ



@ ହାପି



@ ସୁଇଟି



@ ରାହୁଲ



ତହେସିନ୍

## ସଂକ୍ଷେପରେ

### ମହିଳାଙ୍କ ଆତ୍ମହତ୍ୟା ଅଭିଯୋଗ

**ଡେଲାଙ୍ଗ,୭।୧୧(ଡି.ଏନ୍.ଏ.):** ରେଙ୍ଗଲ ଗ୍ରାମରେ ଜଣେ ମହିଳା ରୋଗ ଯନ୍ତ୍ରଣା ସହିନପାରି ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତା ହେଲେ ଝୁନା ସାହୁ(୪୧)। ସୂଚନା ମୁତାବକ, ଝୁନା ମଧୁମେୟ ରୋଗରେ ପୀଡ଼ିତ ଥିବା ବେଳେ ତାଙ୍କ ହାତ ଓ ଗୋଡ ଫୁଲିଯାଇଥିଲା। ଫଳରେ ସେ କଷ୍ଟ ଅନୁଭବ କରୁଥିଲେ। ଯନ୍ତ୍ରଣା ସହି ନ ପାରି ଶନିବାର ରାତିରେ ଝୁନା ଆତ୍ମହତ୍ୟା କରିଛି ବୋଲି ତାଙ୍କ ଭାଇ ବାରଙ୍ଗ ଥାନା କଣ୍ଠାପାଟଣା ଗ୍ରାମର ଲକ୍ଷ୍ମୀଧର ସାହୁ ଅଭିଯୋଗ କରିଛନ୍ତି। ଖବରପାଇ ହରିରାଜପୁର ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୯/୨୧)ରୁଜୁ ହୋଇଥିବା ଡେଲାଙ୍ଗ ଥାନାଧିକାରୀ ରଶ୍ମିରଞ୍ଜନ ପଟ୍ଟନାୟକ କହିଛନ୍ତି।

### ସ୍କାଉଟ୍ସ ଓ ଗାଇଡ୍ସ ପ୍ରତିଷ୍ଠା ଦିବସ

**କଣାସ,୭।୧୧(ସ୍ୱ.ପ୍ର.):** କଣାସ ବ୍ଲକ ଅନ୍ତର୍ଗତ ସିରେଇ ଗ୍ରାମର ବିଶ୍ୱନାଥ ସ୍ମୃତି ବିଦ୍ୟାନିକେତନସ୍ଥିତ ସ୍କାଉଟ୍ ଭବନଠାରେ ସିରେଇ ନୋଡାଲ ଉପ୍ରା ବିଦ୍ୟାଳୟର କବ୍ ବୁଲ୍ ବୁଲ୍, ସ୍କାଉଟ୍-ଗାଇଡ୍, କବ୍ ମାଷ୍ଟର ଜିତେନ୍ଦ୍ର କୁମାର ପେଣ୍ଡୋଇ, ବୈଦ୍ୟନାଥପାଟଣା ପ୍ରଜେକ୍ଟ ପ୍ରାଥମିକ ବିଦ୍ୟାଳୟର କବ୍ ମାଷ୍ଟର କୃପାସିନ୍ଧୁ ସେଠି, ତିପୁରୀ ପ୍ରାଥମିକ ବିଦ୍ୟାଳୟର କବ୍ ମାଷ୍ଟର ଟୁଲୁ ଚନ୍ଦ୍ର ନାୟକ, କେ.ଏମ୍.ସି ଓପନ୍ ଗ୍ରୁପ୍ କଣାସର ରୋଭର୍‌ମାନେ କୋଭିଡ୍ ନିୟମ ପାଳନ କରି ଭାରତ ସ୍କାଉଟ୍-ଗାଇଡ୍ ପତାକା ଉତ୍ତୋଳନ କରି ବାଲଚର୍ ଇତିହାସର ସ୍ମୃତିଚାରଣ କରିଥିଲେ। ଉକ୍ତ ସଭାରେ ସମାଜସେବୀ ସୁକାନ୍ତ କିଶୋର ସାମନ୍ତରାୟ ସଭାପତିତ୍ୱ କରିଥିବା ବେଳେ ବରିଷ୍ଠ ରୋଭର ମହେଶ କୁମାର ସହଯୋଗ କରିଥିଲେ।

### ଦିଅର ମାଡ଼ରେ ଭାଉଜ ମୃତ

**ଜଟଣୀ,୭।୧୧(ଡି.ଏନ୍.ଏ.):** ଜଟଣୀ ପୌରାଞ୍ଚଳ କୁଦିଆରୀ ଗ୍ରାମରେ ରବିବାର ଦିଅର ମାଡ଼ରେ ଭାଉଜଙ୍କ ମୃତ୍ୟୁ ଘଟିଛି। ମୃତା ହେଲେ ପୁଷ୍ପଶ୍ରୀ ସାହୁ। ଏ ସମ୍ପର୍କରେ ପୋଲିସ ଏକ ହତ୍ୟା ମାମଲା(ନଂ.୫୮୭/୨୧) ରୁଜୁକରି ଅଭିଯୁକ୍ତ ଦିଅର ଅଜୟ ସାହୁଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ସୂଚନା ମୁତାବକ, କୁଦିଆରୀ ଗ୍ରାମ ମୁଖ୍ୟ ରାସ୍ତା ପାର୍ଶ୍ୱରେ ରହୁଥିବା ଅଜୟ ଏବଂ ଅଶୋକ ସାହୁଙ୍କ ମଧ୍ୟରେ ଘରବାରି ବଣ୍ଟନକୁ ନେଇ ଯୁକ୍ତିତର୍କ ହୋଇଥିଲା। ଅଜୟ ନିଜ ରୁମ୍‌ରୁ ସାମଗ୍ରୀ ନେବାକୁ ଆସିଥିଲେ। ଏହି ସମୟରେ ଅଶୋକ ପହଞ୍ଚି ଘରବାରି ସମସ୍ୟା ସମାଧାନ ହେବା ପରେ ସାମଗ୍ରୀ ନେବାକୁ କହିଥିଲେ। ଏନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ଓ ପରେ ଗଣ୍ଡଗୋଳ ହୋଇଥିଲା। ଏହା ଦେଖି ପୁଷ୍ପଶ୍ରୀ ମଝିକୁ ଆସିଯିବାରୁ ତାଙ୍କୁ ଆଘାତ ଲାଗିଥିଲା। ଫଳରେ ସେ ତଳେ ପଡିଯାଇଥିଲେ।



ପୁରୀ ସାଲବେଗ ପୀଠ ପରିସରରେ ରବିବାର ପୂର୍ଣ୍ଣଦାସ ଫାଉଣ୍ଡେଶନ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସତ୍ୟଭାମା ପ୍ରଧାନଙ୍କୁ ପୂର୍ଣ୍ଣବ୍ରହ୍ମ ସମ୍ମାନ -୨୦୨୧ ପ୍ରଦାନ କରାଯାଉଛି।

# 'ଜଗନ୍ନାଥ ହିଁ ପରମ ଭାଗବତ'

**ପୁରୀ ଅଫିସ, ୭।୧୧**

ସତ୍ୟଭାମା ପ୍ରଧାନଙ୍କୁ ପୂର୍ଣ୍ଣବ୍ରହ୍ମ ସମ୍ମାନ

ଆଧ୍ୟାତ୍ମିକ ଟ୍ରଷ୍ଟ ପୂର୍ଣ୍ଣଦାସ ଫାଉଣ୍ଡେଶନ ଆନୁକୂଲ୍ୟରେ ସ୍ତୁତିଗାନ ଆସର ଶ୍ରୀକ୍ଷେତ୍ରମଣି ରବିବାର ସ୍ଥାନୀୟ ଭକ୍ତ ସାଲବେଗ ପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଫାଉଣ୍ଡେଶନ ପକ୍ଷରୁ କବୟିତ୍ରୀ ସତ୍ୟଭାମା ପ୍ରଧାନଙ୍କୁ ପୂର୍ଣ୍ଣବ୍ରହ୍ମ ସମ୍ମାନ -୨୦୨୧ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ଡ. ହରିହର ହୋତା ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଡ. ଲିଙ୍ଗରାଜ ରଥ, ଡ. ଦିଲ୍ଲିପ କୁମାର ସେନାପତି, ସୁଲେଖା ଅଧ୍ୟକ୍ଷ ସଦାଶିବ ମିଶ୍ର ଏବଂ ଶ୍ରୀମନ୍ଦିର ପରିଚାଳନା କମିଟିର ପୂର୍ବତନ ସଦସ୍ୟ ରାମଚନ୍ଦ୍ର ଦାସ ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଅତିଥିମାନେ କହିଥିଲେ, ଜଗନ୍ନାଥ ହିଁ ପରମ ଭାଗବତ। ତାଙ୍କୁ ଯେତିକି ଜାଣି ହୁଏ, ତା'ଠୁ ଅଧିକ ବୁଝିବାକୁ ବାକି ରହେ। ତାଙ୍କ ପାଖରେ ଏକାନ୍ତ ସମର୍ପିତ ହେବା ଜୀବନର ପରମ ଲକ୍ଷ୍ୟ। ଉକ୍ତ କାର୍ଯ୍ୟକ୍ରମରେ ସାହିତ୍ୟିକ ଲିଙ୍ଗରାଜ ରଥଙ୍କ ପୁସ୍ତକ 'ଘାସ ଫୁଲଟିଏ ମୁହିଁ' ଉନ୍ମୋଚିତ ହୋଇଥିଲା। ଅନୁଷ୍ଠାନର ସଭାପତି ପୂର୍ଣ୍ଣଚନ୍ଦ୍ର ଦାସ ମଞ୍ଚାସୀନ ଥିବାବେଳେ ସମ୍ପାଦକ କବି ଶିବସୁନ୍ଦର ମିଶ୍ର କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଶେଷରେ ପୁରୁଷୋତ୍ତମ ନନ୍ଦ ଧନ୍ୟବାଦ ଦେଇଥିଲେ। କବି କ୍ରିଷ୍ଣା ମହାପାତ୍ର, ଡ. କଲ୍ୟାଣୀ ଶତପଥୀ, ମନୋରମା ଆଚାର୍ଯ୍ୟ, ଆଲୋକ କୁମାର ମନ୍ତ୍ରୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ବହୁ କବି, ସାହିତ୍ୟିକ, ପ୍ରାବନ୍ଧିକ ଓ ସାରସ୍ୱତ ସାଧକ ଉପସ୍ଥିତ ଥିଲେ।

## ୟୁଜର ଫି ଆଦାୟ ନିଷ୍ପତ୍ତିକୁ ବିରୋଧ

ଆନ୍ଦୋଳନକୁ ଓହ୍ଲାଇବେ ବିଭିନ୍ନ ଅନୁଷ୍ଠାନ

**ପୁରୀ ଅଫିସ, ୭।୧୧**

ପୁରୀ ପୌରସଂସ୍ଥା ପକ୍ଷରୁ ସହରବାସୀଙ୍କଠାରୁ ୟୁଜର ଫି ଆଦାୟ ନିଷ୍ପତ୍ତିକୁ ବିରୋଧ କରି ରବିବାର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସ୍ଥାନୀୟ ଭକ୍ତ ସାଲବେଗ ପୀଠ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା କହିଛନ୍ତି, ପୌରସଂସ୍ଥା ଲୋକଙ୍କଠାରୁ ହୋଲଡିଂ ଟ୍ୟାକ୍ସ ଆଦାୟ କରୁଥିବାବେଳେ ପୁନର୍ବାର ୟୁଜର ଫି ଆଦାୟ କରିବା ବେଆଇନ ଓ ଅମୂଳକ। ପ୍ରଶାସନର ଏପରି ଏକପାଖିଆ ଓ ମନମୁଖୀ ନିଷ୍ପତ୍ତିକୁ ବିରୋଧ କରାଯିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ତେଣୁ ସୋମବାର ପ୍ରଶାସନର ଏପରି ନିଷ୍ପତ୍ତିକୁ ବିରୋଧ କରି ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯିବ। ପ୍ରଶାସନ ଏହି ନିଷ୍ପତ୍ତି ପରିବର୍ତ୍ତନ ନ କଲେ ଆଗାମୀ ଦିନରେ ପୁରୀବାସୀ ଆନ୍ଦୋଳନ କରିବା ସହ ସତ୍ୟାଗ୍ରହ କରିବେ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଉକ୍ତ ବୈଠକରେ ନାରାୟଣ ଦାସ, ଜଗନ୍ନାଥ ବସ୍ତିଆ, ଆଇନଜୀବୀ ଶରତ କୁମାର ରାୟଗୁରୁ, ପ୍ରସନ୍ନ ଦାସ, ସୂର୍ଯ୍ୟନାରାୟଣ ରଥ, ଗୌରୀ ଶଙ୍କର ସାମନ୍ତରାୟ, ତ୍ରିଲୋଚନ ଦାସ, ନବ କିଶୋର ଶତପଥୀ, ବିଶ୍ୱଜିତ ପ୍ରଧାନ ଏବଂ ଆବାହକ ସ୍ୱାଧୀନ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ମହିଳା ବେଶରେ ଘରେ ପଶି ଆକ୍ରମଣ

**ନିମାପଡ଼ା,୭।୧୧(ଡି.ଏନ୍.ଏ.)**

ଦୋକାନ ମାଲିକ ଗୁରୁତର

■ ଯୁବକ ଗିରଫ, ୫୦ହଜାର ଟଙ୍କା ଜବତ

■ ପୂର୍ବରୁ ଅଭିଯୁକ୍ତ ଦୋକାନରେ କାମ କରୁଥିଲେ

ନିମାପଡ଼ା ବଡ଼ ବଜାରରେ ରବିବାର ସକାଳେ ଅଭାବନୀୟ ଘଟଣା ଘଟିଛି। ଜଣେ ଯୁବକ ମହିଳା ବେଶରେ କଳିଙ୍ଗ ହାର୍ଡୱେର ଦୋକାନ ମାଲିକ ଫକିର ଚନ୍ଦ୍ର ସାହୁଙ୍କ ଘରେ ପଶି ବେଲଣା କାଠିରେ ତାଙ୍କ ମୁଣ୍ଡକୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିସହ ଆଲମିରାରୁ ୫୦ହଜାର ଟଙ୍କା ନେଇ ଖସି ପଳାଇବାକୁ ଉଦ୍ୟମ କରୁଥିବା ବେଳେ ଫକିରଙ୍କ ଚିତ୍କାର ଶୁଣି ପରିବାର ଲୋକେ ପହଞ୍ଚି ଯୁବକଙ୍କୁ କାବୁ କରିଥିଲେ। ଖବରପାଇ ନିମାପଡ଼ା ଥାନା ପୋଲିସ ପହଞ୍ଚି ସମ୍ପୃକ୍ତ ଯୁବକଙ୍କୁ ଧରି ଥାନାକୁ ଆଣିଥିଲା। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୩୯୭/୨୧)ରୁଜୁ କରିବା ସହ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଅଭିଯୁକ୍ତ ହେଲେ ଏହି ଥାନା ଅଧୀନ ରଟିଲୋ ମେଲକସାହି ଗ୍ରାମର ବିନାୟକ ପରିଡ଼ା(୨୭)। ତାଙ୍କ ନିକଟରୁ ଲୁଟ୍ ହୋଇଥିବା ୫୦ହଜାର ଟଙ୍କା, ବେଲଣା କାଠି ଏବଂ ମୋବାଇଲ ଫୋନ ଜବତ ହୋଇଛି। ଜାମିନ ନାମଞ୍ଜୁର ପରେ ଅଭିଯୁକ୍ତ ବିନାୟକଙ୍କୁ ଜେଲ ପଠାଇ ଦିଆଯାଇଛି। ତଦନ୍ତକାରୀ ଅଧିକାରୀ ଏଏସ୍‌ଆଇ ସବିତା ମାର୍ଥା ଅଧିକ ତଦନ୍ତ ଚଳାଇଛନ୍ତି। ଅନ୍ୟପଟେ ଫକିରଙ୍କୁ ଆହତ ଅବସ୍ଥାରେ ପରିବାର ଲୋକେ ନିମାପଡ଼ା ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର କରାଯାଇଛି।

ସୂଚନାଥାଉ କି, ବିନାୟକ କିଛି ମାସ ପୂର୍ବେ ଫକିରଙ୍କ ଦୋକାନରେ କାର୍ଯ୍ୟ କରୁଥିଲେ। ଦୋକାନରୁ ବାରମ୍ବାର ଚୋରି କରି ଧରାପଡ଼ିବା ପରେ ଫକିର ତାଙ୍କୁ ବାହାର କରିଦେଇଥିଲେ। ଏଥିରେ କ୍ରୋଧାନ୍ୱିତ ହୋଇ ବିନାୟକ ଏଭଳି ଘଟଣା ଘଟାଇଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

## ଏସ୍‌ସିବିରେ ହେବ ଥାର୍ଡ ସ୍ପେସ୍ ଏଣ୍ଡୋସ୍କୋପି

**କଟକ ଅଫିସ,୭।୧୧**

ମିଳିବ ମାଗଣା ଚିକିତ୍ସା

ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲର ପ୍ଲାଟିନମ ଜୁବିଲି ପାଳନ ପରିପ୍ରେକ୍ଷୀରେ ଗ୍ୟାଷ୍ଟ୍ରୋଲୋଜି ବିଭାଗ ପକ୍ଷରୁ ମେଡିକାଲ ପରିସରରେ ରବିବାର ଏକ କର୍ମଶାଳା ଆୟୋଜିତ ହୋଇଯାଇଛି। ଏଥିରେ ନୂଆଦିଲ୍ଲୀସ୍ଥିତ ମେଦାନ୍ତ ହସ୍ପିଟାଲ ଏଣ୍ଡୋସ୍କୋପି ବିଭାଗର ନିର୍ଦ୍ଦେଶକ ଡ. ରାଜେଶ ପୁରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଏସ୍‌ସିବିରେ ଥାର୍ଡ ସ୍ପେସ୍ ଏଣ୍ଡୋସ୍କୋପି ଆରମ୍ଭ ହେବ ବୋଲି ଘୋଷଣା କରାଯାଇଛି। ଏହା ସାହାଯ୍ୟରେ ଖାଦ୍ୟନଳୀର ୱାଲ୍‌ରେ ଏକ ଛୋଟ କଣା କରାଯିବ। ଦୁଇ ୱାଲ ମଝିରେ ଯାଇ ସମସ୍ୟା ସୃଷ୍ଟିକାରୀ ମାଂସପେଶୀକୁ କାଟି କାଢ଼ି ଦିଆଯିବ। ତେବେ ପ୍ରଥମ ସରକାରୀ ହସ୍ପିଟାଲ ଭାବେ ଏସ୍‌ସିବିରେ ଏହି ଚିକିତ୍ସା ବ୍ୟବସ୍ଥା ଆରମ୍ଭ ହେବ ବୋଲି ବିଭାଗୀୟ ମୁଖ୍ୟ ପ୍ରଫେସର ଡ. ଚିତ୍ତରଞ୍ଜନ ପଣ୍ଡା କହିଛନ୍ତି। ଏସ୍‌ସିବିରେ ଏହି ଚିକିତ୍ସା ମାଗଣାରେ କରାଯିବ।



ଶିଶୁ ଅଧିକାର ଦିବସ ଅବସରରେ ରବିବାର ପୁରୀ ସ୍ୱର୍ଗଦ୍ୱାର ବାଳିକା ବିଦ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଶିଶୁ ସମାଚାର ପତ୍ରିକାକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।



ସାରଳା ସାହିତ୍ୟ ସଂସଦ ପକ୍ଷରୁ ରବିବାର କଟକ ସାରଳା ଭବନରେ ଆୟୋଜିତ ସମାରୋହରେ କବି ହରପ୍ରସାଦ ପରିଚ୍ଛା ପଟ୍ଟନାୟକଙ୍କୁ ସଚ୍ଚି ରାଉତରାୟ ସାରସ୍ୱତ ସମ୍ମାନ ପ୍ରଦାନ କରାଯାଉଛି।



କଟକ ଶ୍ରୀରାମଚନ୍ଦ୍ର ଭବନରେ ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ରବିବାର ଅନୁଷ୍ଠିତ ସାରସ୍ୱତ ସାଧକ ପ୍ରଫେସର ଗଣେଶ୍ୱର ମିଶ୍ରଙ୍କ ତୈଳଚିତ୍ର ଉନ୍ମୋଚନ ଉତ୍ସବରେ ଉପସ୍ଥିତ ଅତିଥିବୃନ୍ଦ।

## ସଂକ୍ଷେପରେ

### କୂଅରୁ ଚିତ୍ରଶିଳ୍ପୀଙ୍କ ମୃତଦେହ ମିଳିଲା

**ପୁରୁଣା ଭୁବନେଶ୍ୱର,୭।୧୧(ଡି.ଏନ୍.ଏ.):** ପୁରୁଣା ଭୁବନେଶ୍ୱରସ୍ଥିତ ତାରାସୁନ୍ଦରୀ ଲେନ ଅଞ୍ଚଳରେ ରହୁଥିବା ପ୍ରଖ୍ୟାତ ଚିତ୍ରଶିଳ୍ପୀ ତଥା ଲେଖକ ଅଜୟ କୁମାର ବୀର(୮୧)ଙ୍କ ମୃତଦେହ ରବିବାର ଲିଙ୍ଗରାଜ ଥାନା ପୋଲିସ କୂଅରୁ ଜବତ କରିଛି। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପ୍ରଦୀପ ସେବା ଟ୍ରଷ୍ଟର ଅଧ୍ୟକ୍ଷ ପ୍ରଦୀପ ପୃଷ୍ଟି କୂଅରୁ ତାଙ୍କ ମୃତଦେହ ଉଦ୍ଧାର କରିଥିଲେ। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୪୨/୨୧)ରୁଜୁ ହୋଇଛି। ତେବେ ଅଜୟଙ୍କ ଭାଉଜ ବମ୍ବେରୁ ଫେରିବା ପରେ ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ପଡୋଶୀ ଗୌରୀଶଙ୍କର ଶତପଥୀ କହିଛନ୍ତି।

### ଭାରତ ସ୍କାଉଟ୍ସ ଓ ଗାଇଡ୍ସର ପ୍ରତିଷ୍ଠା ଦିବସ ପାଳିତ

ପୁରୀ ଅଫିସ, ୭।୧୧: ଭାରତ ସ୍କାଉଟ ଓ ଗାଇଡ୍ର ୭୧ତମ ପ୍ରତିଷ୍ଠା ଦିବସ ଅବସରରେ ରବିବାର ପୁରୀ ଜିଲାର ବିଭିନ୍ନ ବିଦ୍ୟାଳୟରେ ପ୍ରତିଷ୍ଠା ଦିବସ ପାଳନ କରାଯାଇଛି । ଏହି ପରିପ୍ରେକ୍ଷୀରେ ପୁରୀ ସହରରେ ବିଭିନ୍ନ ବିଦ୍ୟାଳୟର ସ୍କାଉଟ ଓ ଗାଇଡ୍ଙ୍କ ଦ୍ୱାରା ଏକ ସାଇକେଲ ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ଏହି ଶୋଭାଯାତ୍ରା ଗୁଣ୍ଡିଚା ମନ୍ଦିରଠାରୁ ବାହାରି ସିଂହଦ୍ୱାର ସମ୍ମୁଖ ଦୋଳମଣ୍ଡପ ସାହି ହୋଇ ସମୁଦ୍ରକୂଳସ୍ଥିତ ଦିଗବାରେଣି ପାର୍କି ସ୍ଥାନସ୍ଥିତ ସ୍ୱାମୀ ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତି ନିକଟରେ ସମାପନ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଜିଲା କ୍ରୀଡ଼ା ନିରୀକ୍ଷକ ମହେନ୍ଦ୍ର କୁମାର ବିଶ୍ୱାଳ ଉଦ୍ଘାଟନ କରିଥିଲେ। ଭାରତ ସ୍କାଉଟ ଓ ଗାଇଡ୍ର ଜିଲା ସଙ୍ଗଠକ ମିନାକ୍ଷୀ ମିଶ୍ର ଏବଂ ଦେବାଶିଷ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସାଇକେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପୁରୀ ସହରର ବିଭିନ୍ନ ବିଦ୍ୟାଳୟର ଶତାଧିକ ସ୍କାଉଟ ଓ ଗାଇଡ୍ ସହ ସମସ୍ତ ସ୍କାଉଟ ମାଷ୍ଟର, ଗାଇଡ କ୍ୟାପ୍ଟେନ, କବ ମାଷ୍ଟର ଓ ରୋଭର ଓ ରେଞ୍ଜରମାନେ ଯୋଗଦେଇଥିଲେ।

### ମହିଳା କଲେଜ ନୂତନ ବିଲ୍ଡିଂ କାମ ଦେଖିଲେ ଏମ୍ପି

ପୁରୀ ଅଫିସ, ୭।୧୧:ପୁରୀ ନରେନ୍ଦ୍ରକୋଣସ୍ଥିତ ପୁରୀ ମହିଳା ମହାବିଦ୍ୟାଳୟର ନୂତନ ଗୃହ ଭାରତୀପୁରଠାରେ ନିର୍ମାଣ ଚାଲିଛି। କଲେଜର ନୂଆ ବିଲ୍ଡିଂ ପାଇଁ କାର୍ଯ୍ୟ ଚାଲୁଥିବା ବେଳେ ରବିବାର ଏହାକୁ ପୁରୀ ଏମ୍ପି ପିନାକୀ ମିଶ୍ର ଏବଂ ଜିଲାପାଳ ସମର୍ଥ ବର୍ମା ଅନୁଧ୍ୟାନ କରିଛନ୍ତି। ଏହି ଅବସରରେ ଆଖପାଖରେ ପଡ଼ିଥିବା ଆବର୍ଜନାକୁ ତୁରନ୍ତ ପରିଷ୍କାର କରିବାକୁ କର୍ମଚାରୀଙ୍କୁ ଏମ୍ପି ପରାମର୍ଶ ଦେବା ସହ ଖୁବଶୀଘ୍ର କାର୍ଯ୍ୟ ସାରିବା ପାଇଁ କହିଥିଲେ ପରିଦର୍ଶନ ସମୟରେ ମହାବିଦ୍ୟାଳୟର ଅଧକ୍ଷ ବିଶ୍ୱନାଥ ବଳିଆରସିଂ ଉପସ୍ଥିତ ଥିଲେ।

### କବିତା ପୁସ୍ତକ 'ରାତି ଏବେ ସରିନାହିଁ' ଉନ୍ମୋଚିତ

ଭୁବନେଶ୍ୱର, ୭।୧୧ (ବ୍ୟୁରୋ): ବର୍ଷା ପବ୍ଲିକେଶନ ପକ୍ଷରୁ ରୋଟାରୀ କ୍ଲବ୍ ସଭାକକ୍ଷରେ ଶନିବାର ଯୁବ କବି ପ୍ରିୟବ୍ରତ ଦାଶଙ୍କ ପ୍ରଥମ କବିତା ପୁସ୍ତକ 'ରାତି ଏବେ ସରିନାହିଁ' ଉନ୍ମୋଚିତ ହୋଇଯାଇଛି। ଉତ୍ସବରେ ବିଶିଷ୍ଟ କଥାକାର ଅଜୟ ସ୍ୱାଇଁ, କବି କାର୍ତ୍ତିକ ସ୍ୱାଇଁ, ଉଦ୍ୟୋଗପତି ନିହାର ସାମନ୍ତରାୟ, କବି ସୁରେନ୍ଦ୍ର କୁମାର ସାହୁ ଓ କବିଙ୍କ ପିତା ବିବେକାନନ୍ଦ ଦାଶ ପ୍ରମୁଖ ଯୋଗଦେଇଥିଲେ। ସତ୍ୟବ୍ରତ ଦାଶ ମଞ୍ଚ ପରିଚାଳନା କରିଥିବାବେଳେ ବର୍ଷା ପବ୍ଲିକେଶନର କାର୍ଯ୍ୟନିର୍ବାହୀ ପରିଚାଳକ ବାଦଲ ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ଉନ୍ମୋଚିତ କବିତା ପୁସ୍ତକରୁ କିଛି କବିତାକୁ ଯୁବ କବି ଅଶ୍ୱିନୀ ପୂଜାରୀ, ଲକ୍ଷ୍ମୀନାରାୟଣ ସାହୁ, ସ୍ୱୟଂପ୍ରକାଶ ପଣ୍ଡା ପାଠ କରିଥିଲେ।

# ରାତ୍ରି ଜଗୁଆଳିଙ୍କ ଭରସାରେ ପକ୍ଷୀ ସୁରକ୍ଷା



ପକ୍ଷୀ ସୁରକ୍ଷା ପାଇଁ ରହିଥିବା ଅସ୍ଥାୟୀ କ୍ୟାମ୍ପ।

**ଖୋର୍ଦ୍ଧା ଅଫିସ, ୭।୧୧**

- ନାହାନ୍ତି ଆବଶ୍ୟକ ସଂଖ୍ୟକ କର୍ମଚାରୀ
- ଦେଶୀୟ ପକ୍ଷୀଙ୍କୁ ନେଇ ପର୍ଯ୍ୟଟକଙ୍କ ଅସନ୍ତୋଷ

ମରାଳ ମାଳିନୀ ନୀଳାମ୍ବୁ ଚିଲିକାରେ ବିଦେଶାଗତ ପକ୍ଷୀଙ୍କ ଭିଡ଼ ଜମିଲାଣି। ପ୍ରଥମ ପର୍ଯ୍ୟାୟରେ ଚିଲିକାକୁ ୬୦ରୁ ଊର୍ଦ୍ଧ୍ୱ ପ୍ରଜାତିର ପ୍ରାୟ ୨୨ହଜାର ବିଦେଶାଗତ ପକ୍ଷୀଙ୍କ ଆଗମନ ହୋଇଥିବା ଚିଲିକା ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ସୂଚନା ମିଳିଛି। ଟାଙ୍ଗୀ ବନ୍ୟପ୍ରାଣୀ ବିଭାଗ ଅଧୀନ ମଙ୍ଗଳାଯୋଡି ଏବଂ ଅନ୍ୟ ଅଞ୍ଚଳକୁ ୨୦ରୁ ଊର୍ଦ୍ଧ୍ୱ ପ୍ରଜାତିର ପକ୍ଷୀ ଆସିଥିବା ଜଣାପଡ଼ିଛି। ପକ୍ଷୀଙ୍କ ସୁରକ୍ଷା ପାଇଁ ବିଭାଗ ପକ୍ଷରୁ ମୁଖ୍ୟତଃ ମଙ୍ଗଳାଯୋଡ଼ି, ଭୂଷଣ୍ଡପୁର, ବାଲିପାଟପୁର, ଦେଏପୁର, ଢୋଲପୁର, ବରୁଣପଡା, ହାଲିସିଙ୍ଗ, ଅଭିମାନପୁର, ସୁନ୍ଦରପୁର, ନଇରୀ, ସୋରଣ ପ୍ରଭୃତି ୧୧ଟି ଅସ୍ଥାୟୀ କ୍ୟାମ୍ପ କରାଯାଇଛି। ପ୍ରତି କ୍ୟାମ୍ପରେ ଜଣେ ଫରେଷ୍ଟରଙ୍କ ସମେତ ଫରେଷ୍ଟ ଗାର୍ଡ ଏବଂ ରାତ୍ରି ଜଗୁଆଳି (ନାଇଟ ୱାଚର)ଙ୍କୁ ନିୟୋଜିତ କରାଯାଇଛି। ପ୍ରତିବର୍ଷ ଶୀତଋତୁରେ ବିଦେଶାଗତ ପକ୍ଷୀଙ୍କ ଆଗମନ ବଢିଲେ, ଚିଲିକା ଉପକୂଳବର୍ତ୍ତୀ ଅଞ୍ଚଳରେ ବ୍ୟାପକ ପକ୍ଷୀ ଶିକାର ହୋଇଥାଏ। ଏହାକୁ ରୋକିବା ପାଇଁ ବିଭାଗ ପକ୍ଷରୁ ଅସ୍ଥାୟୀ କ୍ୟାମ୍ପ କରାଯାଉଛି। ତେବେ ଅଧିକାଂଶ କ୍ୟାମ୍ପ କେବଳ ରାତ୍ରି ଜଗୁଆଳିଙ୍କ ଭରସାରେ ଚାଲିଛି। କ୍ୟାମ୍ପଗୁଡ଼ିକୁ ରାତ୍ର ଜଗୁଆଳି ଜଗି ଥିବାବେଳେ କର୍ମଚାରୀଙ୍କ ଦେଖାନାହିଁ। ଉପରୋକ୍ତ ଗ୍ରାମଗୁଡ଼ିକରେ ବିଭାଗ ପକ୍ଷରୁ ଅସ୍ଥାୟୀ ଶିବିର ନାମଫଳକ ଲଗାଯାଇଛି।

ଚିଲିକାର ନୀଳ ଜଳରାଶି, ମନୋରମ ଦୃଶ୍ୟ ସହ ବିଭିନ୍ନ ରଙ୍ଗବେରଙ୍ଗ ପକ୍ଷୀଙ୍କ ସମାଗମ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ନଳବଣ ଓ ରାଜଦଳରେ ଖାଦ୍ୟ ଅନ୍ୱେଷଣ କରୁଥିବା କିମ୍ବା ଉଡୁଥିବା ପକ୍ଷୀଙ୍କ ଫଟୋ ଉଠାଇବା ପାଇଁ ପର୍ଯ୍ୟଟକ ଆଗ୍ରହ ପ୍ରକାଶ କରିଥାନ୍ତି। ତେବେ ମଙ୍ଗଳାଯୋଡ଼ିକୁ ଆଖିଦୃଶିଆ ଭାବେ ବିଦେଶାଗତ ପକ୍ଷୀଙ୍କ ଆଗମନ ଘଟି ନ ଥିବା ଏବଂ ଦେଶୀୟ ପକ୍ଷୀ ବିଚରଣ କରୁଥିବା ଦେଖିବାକୁ ମିଳିଛି ବୋଲି ରବିବାର ମଙ୍ଗଳାଯୋଡ଼ି ବୁଲିବାକୁ ଆସିଥିବା କେତେଜଣ ପର୍ଯ୍ୟଟକ କହିଛନ୍ତି। ଭୁବନେଶ୍ୱରରୁ ଆସିଥିବା ଏକ ପର୍ଯ୍ୟଟକ ଟିମ କହିଛନ୍ତି, ପ୍ରତିବର୍ଷ ନଭେମ୍ବର ପହିଲାରେ ମଙ୍ଗଳାଯୋଡ଼ିକୁ ବିଦେଶାଗତ ପକ୍ଷୀଙ୍କୁ ଦେଖିବାକୁ ଆସିଥାଉ। ତେବେ ବୁଲିବା ବେଳେ ଦେଖାଯାଉଥିବା ଅଧିକାଂଶ ପକ୍ଷୀ ଦେଶୀୟ ପ୍ରଜାତିର ବୋଲି ଜଣାପଡୁଛି। ସେହିପରି କେତେଜଣ ଗାଇଡ୍ସଙ୍କ ସୂଚନା ଅନୁସାରେ ବର୍ତ୍ତମାନ ଦେଶୀୟ ପକ୍ଷୀଙ୍କ ଆଗମନ ବେଶି ରହିଛି। ଶୀତ ବଢିଲେ ବିଦେଶାଗତ ପକ୍ଷୀଙ୍କ ଆଗମନ ବଢିବ। ଟାଙ୍ଗୀ ବନ୍ୟପ୍ରାଣୀ ଅଧିକାରୀ ସି.ଏଚ୍. ମୁର୍ମୁ କହିଛନ୍ତି,ସମସ୍ତ ଅସ୍ଥାୟୀ କ୍ୟାମ୍ପରେ ଫରେଷ୍ଟ ଗାର୍ଡ ନିୟୋଜିତ ଅଛନ୍ତି। ସେମାନେ ନିଜ ପରିସୀମା ମଧ୍ୟରେ ସ୍ଥାନୀୟ ଲୋକଙ୍କ ସହିତ ଯୋଗାଯୋଗ ରଖି ପକ୍ଷୀଙ୍କ ସୁରକ୍ଷା ଉପରେ ଗୁରୁତ୍ୱ ଦେଉଛନ୍ତି। ଫରେଷ୍ଟରଙ୍କ ସଂଖ୍ୟା କମ୍ ଥିବାରୁ ଜଣେ ଗାର୍ଡଙ୍କୁ ଦୁଇଟି କ୍ୟାମ୍ପ ଦାୟିତ୍ୱ ଦିଆଯାଇଛି। ଅନ୍ୟପକ୍ଷରେ ପରିବେଶବିତ୍ ଜୟକୃଷ୍ଣ ପାଣିଗ୍ରାହୀ କହିଛନ୍ତି, ମଙ୍ଗଳାଯୋଡ଼ିରେ ଧୀରେ ରାଜଦଳ ଓ ନଳଘାସ ମାଡ଼ିଗଲାଣି। ଚିଲିକା ଧୀରେ ଧୀରେ ପୋତି ହୋଇଗଲାଣି। ଜୈବ ବିବିଧତା ନଷ୍ଟ ହେବା ସହ ବହୁ ଜଳଚର ଜୀବଙ୍କ ସଂଖ୍ୟା ମଧ୍ୟ କମିବାରେ ଲାଗିଛି। ବିଦେଶାଗତ ପକ୍ଷୀ ଖାଦ୍ୟ ଅନ୍ୱେଷଣରେ ଏଠାକୁ ଆସନ୍ତି। ଯଦି ଏଠାରେ ଖାଦ୍ୟ ଉପଲବ୍ଧ ନ ହେବ, ତେବେ ପକ୍ଷୀଙ୍କ ଆଗମନ ମଧ୍ୟ କମିଯିବ। ଏଣୁ ଚିଲିକାକୁ ବର୍ଜ୍ୟବସ୍ତୁ ଓ ପ୍ରଦୂଷଣମୁକ୍ତ ରଖିବା ସହ ଏହାର ସୁରକ୍ଷା ପାଇଁ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ, ବନ୍ୟପ୍ରାଣୀ ବିଭାଗ, ମତ୍ସ୍ୟ ବିଭାଗ ଏବଂ ଜିଲା ପ୍ରଶାସନ ମିଳିତ ଭାବେ ପଦକ୍ଷେପ ନେବା ଉଚିତ।

### ନଦୀରୁ ମହିଳାଙ୍କ ମୃତଦେହ ଜବତ

**କୋଣାର୍କ,୭।୧୧(ଡି.ଏନ୍.ଏ.):** କୋଣାର୍କ ଥାନା ଅନ୍ତର୍ଗତ ତେଲିକୁଦ ଗ୍ରାମର ଜଣେ ମହିଳା ନିଖୋଜ ଥିବା ବେଳେ ରବିବାର କାଦୁଆ ନଦୀରୁ ତାଙ୍କ ମୃତଦେହ ଜବତ ହୋଇଛି। ସେ ହେଲେ ଏହି ଗ୍ରାମର ଧନେଶର ଦାସଙ୍କ ସ୍ତ୍ରୀ ଗୀତାଞ୍ଜଳି ଦାସ(୪୩)। ସୂଚନା ମୁତାବକ, ଶନିବାର ରାତିରେ ଶନିମେଳା ସରିବା ପରେ ଗୀତାଞ୍ଜଳି ପୂଜା ସାମଗ୍ରୀ ନଦୀକୁ ପକାଇବାକୁ ଯାଇଥିଲେ। ଦୀର୍ଘ ସମୟ ଧରି ଘରକୁ ନ ଫେରିବାରୁ ପରିବାରଲୋକେ କୋଣାର୍କ ଥାନାକୁ ଜଣାଇଥିଲେ। ଖବରପାଇ ପୋଲିସ ଅଗ୍ନିଶମ କର୍ମଚାରୀ ପହଞ୍ଚି ଖୋଜାଖୋଜି କରିବା ପରେ ମହିଳାଙ୍କ ମୃତଦେହ ନଦୀରୁ ଉଦ୍ଧାର କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୨୧/୨୧)ରୁଜୁ ହୋଇଥିବା ଥାନା ଅଧିକାରୀ ରଞ୍ଜନ କୁମାର ମଲ୍ଲିକ କହିଛନ୍ତି।

### ସ୍କାଉଟ୍ସ ଓ ଗାଇଡ୍ସ ପ୍ରତିଷ୍ଠା ଦିବସ

**ବଳଙ୍ଗା,୭।୧୧(ଡି.ଏନ୍.ଏ.):** ବଳଙ୍ଗା ମହାବିଦ୍ୟାଳୟରେ ସ୍କାଉଟ ଓ ଗାଇଡ୍ ପ୍ରତିଷ୍ଠା ଦିବସ ରବିବାର ପାଳିତ ହୋଇଯାଇଛି। ଅଧ୍ୟକ୍ଷ ତପନ କୁମାର ପଟ୍ଟନାୟକ ସମ୍ପୃକ୍ତ ବିଭାଗ ପତାକା ଉତ୍ତୋଳନ କରି ଉଦ୍‌ବୋଧନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ବିଜୟ କୁମାର ଦାଶ, ଅଶୋକ କୁମାର ମିଶ୍ର, ଅଧ୍ୟାପିକା ବନଜା ସାହୁ ସ୍କାଉଟ ଗାଇଡର ମୂଳ ଲକ୍ଷ୍ୟ ଉପରେ ଆଲୋକପାତ କରିଥିଲେ। ସଂସ୍ଥାର କାର୍ଯ୍ୟ ନିର୍ବାହୀ ଅଧ୍ୟାପକ ବ୍ରଜବନ୍ଧୁ ପ୍ରଧାନ ସମାଜସେବା ଏବଂ ପ୍ରକୃତିର ସୁରକ୍ଷା ନିମନ୍ତେ ଛାତ୍ରୀଛାତ୍ର ତଥା ସ୍ୱେଚ୍ଛାସେବୀଙ୍କୁ ଶପଥ ପାଠ କରାଇଥିଲେ।

### ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ: ୬ ଗିରଫ

**ଡେଲାଙ୍ଗ,୭।୧୧(ଡି.ଏନ୍.ଏ.):** ଡେଲାଙ୍ଗ ଥାନା ଅନ୍ତର୍ଗତ ବାରବାଟି ଗ୍ରାମରେ ବାଡବୁଜାକୁ କେନ୍ଦ୍ରକରି ୨ପରିବାର ମଧ୍ୟରେ ଗଣ୍ଡଗୋଳ ଘଟି ଦୁଇ ଜଣ ଆହତ ହୋଇଛନ୍ତି। ଏନେଇ ଉଭୟ ପକ୍ଷଙ୍କ ଅଭିଯୋଗକ୍ରମେ ପୋଲିସ ଦୁଇଟି ମାମଲା (ନଂ.୨୫୪,୨୫୫/୨୧)ରୁଜୁକରି ଉଭୟ ପକ୍ଷର ୬ଜଣଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଗୀତାରାଣୀ ମଲ୍ଲିକ, କବି ମଲ୍ଲିକ, ବାଟେଇ ମଲ୍ଲିକ, କୃଷ୍ଣଚନ୍ଦ୍ର ମଲ୍ଲିକ, ଦନେଇ ମଲ୍ଲିକ ଓ ଅଗୁଡୁ ମଲ୍ଲିକ। ସୂଚନା ମୁତାବକ, ଏହି ଗ୍ରାମର ବାସନ୍ତୀ ମଲ୍ଲିକ ବାଗିରେ ବାଡ ବୁଜୁ ଥିବା ବେଳେ ପଡୋଶୀ ଗୀତାରାଣୀ, କବି, ବାଟେଇ ଓ ତାଙ୍କ ସହଯୋଗୀମାନେ ସେଠାରେ ପହଞ୍ଚି ଗଣ୍ଡଗୋଳ କରିଥିଲେ। ଏଥିରେ ବାସନ୍ତୀ ଓ ମମତା ମଲ୍ଲିକ ଆହତ ହୋଇଥିଲେ। ଏନେଇ ଅଭିଯୋଗ ପରେ ପୋଲିସ ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ସେହିପରି ଗୀତାରାଣୀଙ୍କ ଅଭିଯୋଗକ୍ରମେ ପୋଲିସ ଅନ୍ୟମାନଙ୍କୁ ଗିରଫ କରିଥିଲା।

### ଶିଳ୍ପଭିତ୍ତିକ ସଚେତନତା କାର୍ଯ୍ୟକ୍ରମ

**କଣାସ,୭।୧୧(ସ୍ୱ.ପ୍ର.):** ଜିଲା ଶିଳ୍ପ କେନ୍ଦ୍ର ଆନୁକୂଲ୍ୟରେ ଶିଳ୍ପ ସଚେତନତା କାର୍ଯ୍ୟକ୍ରମ କଣାସ ବ୍ଲକ ଶିଳ୍ପ ବିକାଶ ଅଧିକାରୀ ଇଂ.ପ୍ରଶାନ୍ତ ପରିଜାଙ୍କ ତତ୍ତ୍ୱାବଧାନରେ ତିପୁରୀ ଗ୍ରାମର ସଂସ୍କୃତି ଭବନଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ପଲ୍ଲୀ ସଂସ୍କୃତି କଳାପରିଷଦର ସଭାପତି କରୁଣାକର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସରପଞ୍ଚ ରାଜକିଶୋର ସାମନ୍ତରାୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ପଟଚିତ୍ର ଶିଳ୍ପୀ ନିରଞ୍ଜନ ମହାପାତ୍ର ଅତିଥିଭାବେ ଯୋଗଦେଇଥିଲେ। ଇଂ. ପରିଜା କ୍ଷୁଦ୍ର ଶିଳ୍ପ ଉପରେ ଆଲୋକପାତ କରିଥିଲେ। ସ୍ଥାନୀୟ ଶିଳ୍ପ ଉଦ୍ୟୋଗୀ ନାରାୟଣ ସାହୁଙ୍କୁ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦକ ଅପର୍ତ୍ତି ମହାପାତ୍ର ଧନ୍ୟବାଦ ଦେଇଥିଲେ।

# 'ପ୍ରମୋଦ ଭଗତଙ୍କୁ ପ୍ରଦ୍ୟୁମ୍ନ କ୍ରୀଡ଼ା ସମ୍ମାନ'

**ଭୁବନେଶ୍ୱର, ୭।୧୧(ବ୍ୟୁରୋ)**

ପ୍ରଗତିବାଦୀର ପ୍ରତିଷ୍ଠାତା ତଥା ଜନନେତା ପ୍ରଦ୍ୟୁମ୍ନ ବଳଙ୍କ ୮୯ତମ ଜୟନ୍ତୀ ସମାରୋହ ସୋମବାର ଅନୁଷ୍ଠିତ ହେବ। ଏହାର ଅବ୍ୟବହିତ ପୂର୍ବରୁ ରବିବାର ସନ୍ଧ୍ୟାରେ ପ୍ରଗତିବାଦୀ ପରିସରରେ ଫଟୋ ପ୍ରଦର୍ଶନୀ ଓ 'ପ୍ରଦ୍ୟୁମ୍ନ କ୍ରୀଡ଼ା ସମ୍ମାନ' ପ୍ରଦାନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଉନ୍ନୟନ କମିଶନର ପ୍ରଦୀପ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ବ୍ୟକ୍ତିଗତ ଭାବେ ପ୍ରଥମ କ୍ୟାରିୟରେ ମୁଁ ପ୍ରଦ୍ୟୁମ୍ନ ବଳଙ୍କ ସହ ଦୁଇତିନି ଥର ଭେଟିବାର ସୁଯୋଗ ପାଇଛି। ସେହି ସମୟରେ ସେ କହିଥିଲେ ଯେ, ତମେ ଚାକିରି କରୁଛ ବିଭିନ୍ନ ପ୍ରକାର ଲୋକଙ୍କ ସଂସ୍ପର୍ଶରେ ଆସିବ। କିଏ ଖରାପ କିଏ ଭଲ ତାହା ଜାଣିପାରିବ ନାହିଁ। ଦ୍ୱନ୍ଦ୍ୱ ଭିତରେ ଆଗକୁ ବଢ଼ିବାକୁ ହେବ। ନିଜର ବିଚାରଧାରାକୁ ନେଇ କାର୍ଯ୍ୟ କରିବ ବୋଲି ପରାମର୍ଶ ଦେଇଥିଲେ। ମୁଁ ତାଙ୍କର ସମ୍ପାଦକୀୟକୁ ଭଲ ଭାବେ ପଢ଼େ। ସେ ପ୍ରସଙ୍ଗ ଭିତ୍ତିକ ସମ୍ପାଦକୀୟ ଲେଖନ୍ତି, ତାହା ନିର୍ଭୀକତା ଥାଏ। ନିର୍ଭୀକ ସାମ୍ବାଦିକତା କଷ୍ଟକର ହେଲେ ବି ସେ ତାହାକୁ ପ୍ରତିପାଦିତ କରନ୍ତି ବୋଲି ଜେନା କହିଥିଲେ। ପ୍ରଗତିବାଦୀର ଅଧ୍ୟକ୍ଷା ଶାଶ୍ୱତୀ ବଳ ତାଙ୍କ ବକ୍ତବ୍ୟରେ ସ୍ୱତନ୍ତ୍ରତା ବଜାୟ ରଖିବା ଉପରେ କହିଥିଲେ। ଏହି ଅବସରରେ ପ୍ରମୋଦ ଭଗତଙ୍କୁ ପ୍ରଦ୍ୟୁମ୍ନ କ୍ରୀଡ଼ା ସମ୍ମାନ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ପ୍ରଗତିବାଦୀର କାର୍ଯ୍ୟନିର୍ବାହୀ ସମ୍ପାଦକ ବିରୂପାକ୍ଷ ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ।


କ୍ରୀଡ଼ାବିତ୍ ପ୍ରମୋଦ ଭଗତଙ୍କୁ ' ପ୍ରଦ୍ୟୁମ୍ନ କ୍ରୀଡ଼ା ସମ୍ମାନ' ପ୍ରଦାନ ଅବସରରେ ଉନ୍ନୟନ କମିଶନର ପ୍ରଦୀପ ଜେନା, ପ୍ରଗତିବାଦୀର ଅଧ୍ୟକ୍ଷା ଶାଶ୍ୱତୀ ବଳ ଓ ଅନ୍ୟ ଅତିଥିମାନେ।

# ପଞ୍ଚାୟତ ଭୋଟରେ ସଫଳତା ପାଇଁ ମନ୍ତ୍ରୀଙ୍କ ଆହ୍ୱାନ

**ବିଜେଡିରେ ମିଶିଲେ ୨୪୦ ପରିବାର**

**ସାକ୍ଷୀଗୋପାଳ,୭।୧୧(ଡି.ଏନ୍.ଏ.):** ପୁରୀ ଜିଲା ସାକ୍ଷୀଗୋପାଳ ମନ୍ଦିର ସିଂହଦ୍ୱାର ସମ୍ମୁଖରେ ବିଜୁ ଜନତା ଦଳର ଏକ ମିଶ୍ରଣ ପର୍ବ ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଥିଲେ। ଆଗାମୀ ପଞ୍ଚାୟତ ନିର୍ବାଚନରେ ସତ୍ୟବାଦୀ ବିଧାନସଭା ଅଞ୍ଚଳରୁ ୬ ଜିଲା ପରିଷଦ, ୨ ସମିତି ଅଧ୍ୟକ୍ଷ ସମେତ ଶତ ପ୍ରତିଶତ ସଫଳତା ଆଣିବାକୁ ମନ୍ତ୍ରୀ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ଅତିଥିଭାବେ ଏମ୍ପି ପିନାକୀ ମିଶ୍ର, ବିଧାୟକ ଉମାକାନ୍ତ ସାମନ୍ତରାୟ, ବ୍ଲକ ଅଧ୍ୟକ୍ଷା ସସ୍ମିତା ପ୍ରଧାନ, ଉପାଧ୍ୟକ୍ଷ ବିକ୍ରମ କୁମାର ଜେନା, ଆମ୍ବ ଅଧ୍ୟକ୍ଷ ରାମଚନ୍ଦ୍ର ମହାନ୍ତି, ଜିଲାପରିଷଦ ସଭ୍ୟ ପ୍ରହ୍ଲାଦ ଘଟୁଆରୀ, ବ୍ଲକ ବିଜେଡି ସଭାପତି ପ୍ରମୋଦ କୁମାର ରାଉତରାୟ ଓ ବ୍ଲକ ମହିଳା ବିଜେଡି ସଭାନେତ୍ରୀ ହରପ୍ରିୟା ବେହେରା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଜୟପୁର ପଞ୍ଚାୟତର ୨୪୦ ପରିବାର ବିଜେଡିରେ ଯୋଗଦେଇଥିଲେ। ସାକ୍ଷୀଗୋପାଳ ସେବାୟତ ସଂଘ ସଭାପତି ଶ୍ରୀବତ୍ସ ମହାପାତ୍ର, ସମ୍ପାଦକ ବିଜୟ କୁମାର ନନ୍ଦ, ପୂର୍ବତନ ସଭାପତି ରାମଚନ୍ଦ୍ର ମହାପାତ୍ର, ପୂର୍ବତନ ସରପଞ୍ଚ ବିଶ୍ୱନାଥ ମହାପାତ୍ର, ସିଂହଦ୍ୱାର ବ୍ୟବସାୟୀ ସଂଘର ସନ୍ତୋଷ କୁମାର ମିଶ୍ର, ଜୟନ୍ତ କୁମାର ନନ୍ଦ, କାଳୀ ପ୍ରସାଦ ମହାପାତ୍ର, ରଘୁନାଥ ମହାପାତ୍ର ପ୍ରମୁଖ ବିଜେଡିରେ ସାମିଲ ହୋଇଥିଲେ। ଦଳରେ ଯୋଗଦେଇଥିବା ବ୍ୟକ୍ତି ମାନଙ୍କୁ ଦଳୀୟ ଉତ୍ତରୀୟ ଓ ଟୋପି ପିନ୍ଧାଇ ଅତିଥିମାନେ ସ୍ୱାଗତ କରିଥିଲେ। ଦେବୀଦତ୍ତ ସାମନ୍ତରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଆଲୋକ କୁମାର ଖୁଣ୍ଟିଆ ଧନ୍ୟବାଦ ଦେଇଥିଲେ।

# ବିଭିନ୍ନ ଐତିହ୍ୟସ୍ଥଳୀ ବୁଲିଲେ ଛାତ୍ରୀଛାତ୍ର

**ପୁରୀ ଅଫିସ, ୭।୧୧:**

ହେରିଟେଜ ରାଇଡରେ ଛାତ୍ରୀଛାତ୍ରମାନେ ସାମିଲ ହୋଇ ରବିବାର ବିଭିନ୍ନ ଐତିହ୍ୟସ୍ଥଳୀ ବୁଲି ଦେଖିବା ସହ ଖୁସିବ୍ୟକ୍ତ କରିଛନ୍ତି। ନୀଳାଦ୍ରି ବେଳାଭୂମିରୁ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଓ ଗଦାଧର ହାଇସ୍କୁଲର ୩୪ ଜଣ ଛାତ୍ରୀଛାତ୍ର ପ୍ରଥମେ ପୌର କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ସେମାନଙ୍କୁ ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କରେ ଅବଗତ କରାଯାଇଥିଲା। ଏହାପରେ ସେମାନେ ରାଧାକାନ୍ତ ମଠ ବୁଲିଥିଲେ। ସେଠାରେ ସେମାନଙ୍କୁ ଚୈତନ୍ୟଙ୍କ ଭକ୍ତିଯୋଗ ସମ୍ପର୍କରେ ବୁଝାଇ ଦିଆଯାଇଥିଲା। ପରେ ସେମାନେ ସିଦ୍ଧବକୁଳ ମଠ, ଶଙ୍କରାଚାର୍ଯ୍ୟ ମଠ, ଜିଆର ସ୍ୱାମୀ ମଠ, କରାଳ ଆଶ୍ରମ ଆଦି ବୁଲି ଦେଖିବା ସହ ଐତିହ୍ୟସ୍ଥଳୀ ସମ୍ପର୍କରେ ପଚାରି ବୁଝିଥିଲେ। ବିଭିନ୍ନ ଐତିହ୍ୟସ୍ଥଳୀ ସମ୍ପର୍କରେ ଜିଜ୍ଞାସା ସୃଷ୍ଟି କରିବାକୁ ଜିଲାପାଳ ସମର୍ଥ ବର୍ମାଙ୍କ ତତ୍ତ୍ୱାବଧାନରେ ପ୍ରଶାସନ ପକ୍ଷରୁ ଓ ଇକୋ ଟୁରିଜମ ଫାଉଣ୍ଡେଶନ ସହଯୋଗରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ଏହି ଅବସରରେ ଜିଲା ପର୍ଯ୍ୟଟନ ଅଧିକାରୀ ସରୋଜକାନ୍ତ ପ୍ରଧାନ, ଇକୋ ଟୁରିଜମ କ୍ଲବର ପ୍ରତିଷ୍ଠାତା ଯୁଗବ୍ରତ କର, ଶିକ୍ଷୟିତ୍ରୀ ସସ୍ମିତା ରାଉତରାୟ, ଶିକ୍ଷକ କାମଦେବ ପ୍ରଧାନ ଏବଂ ବେୟାରଫୁଟ ଅନୁଷ୍ଠାନର ସ୍ୱେଚ୍ଛାସେବୀ ପ୍ରମୁଖ ଉପସ୍ଥିତ ଥିଲେ।

# ଆଇନ ସତ୍ତ୍ୱେ ସୁରକ୍ଷିତ ହୋଇପାରିନାହାନ୍ତି ଶିଶୁ

**ପୁରୀ ଅଫିସ, ୭।୧୧:**

ଦେଶରେ ଶିଶୁଙ୍କ ପାଇଁ ଅଧିକାର ଓ ସୁରକ୍ଷା ସମ୍ପର୍କିତ ଆଇନ ତିଆରି ହୋଇଥିଲେ ମଧ୍ୟ ଶିଶୁମାନେ ସାମାଜିକ, ଆର୍ଥିକ ଓ ନ୍ୟାୟିକ ଭାବେ ସୁରକ୍ଷିତ ହୋଇପାରିନାହାନ୍ତି। ବିଶ୍ୱ ଶିଶୁ ଅଧିକାର ଦିବସ ପରିପ୍ରେକ୍ଷୀରେ ରବିବାର ଶିଶୁ ସମାଚାର ତରଫରୁ ଗୌଡ଼ବାଡ ସାହିସ୍ଥିତ ସୁଖଲତା ସ୍ମୃତି ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଇନଜୀବୀ ଶରତ କୁମାର ରାୟଗୁରୁ ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ ପୂର୍ବତନ ଜିଲା ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ସିଦ୍ଧାର୍ଥ ରାୟ, ଶିଶୁ ଅଧିକାର କର୍ମୀ ସଂଗ୍ରାମ ସାମଲ, ଶିକ୍ଷାବିତ୍ ପ୍ରମୋଦ କୁମାର କର, ଅବିନାଶ ରଥ, ଆଇନଜୀବୀ ପୁଷ୍କର ମହାପାତ୍ର ଯୋଗଦେଇଥିଲେ। ପ୍ରାରମ୍ଭରେ ଶିଶୁ ସମାଚାର ସମ୍ପାଦକ ସୁକାନ୍ତ ପଣ୍ଡା ସ୍ୱାଗତ ଭାଷଣ ଦେବା ସହ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଦେଶରେ ଶିଶୁ ସୁରକ୍ଷା ଓ ଅଧିକାର ସମ୍ପର୍କରେ ଅନେକ ଆଇନ ପ୍ରଣୟନ ହୋଇଥିଲେ ମଧ୍ୟ ସେଗୁଡ଼ିକର କାର୍ଯ୍ୟକାରିତା କ୍ଷେତ୍ରରେ ଜନସାଧାରଣଙ୍କ ସହଯୋଗ ନ ରହିଲେ ଶିଶୁ ସାମାଜିକ କ୍ଷେତ୍ରରେ ସୁରକ୍ଷିତ ହୋଇପାରିବ ନାହିଁ ବୋଲି କହିଥିଲେ। ଏହି ଅବସରରେ ପିଲାଙ୍କୁ ପାଠ୍ୟ ଉପକରଣ ବଣ୍ଟାଯାଇଥିଲା। ବିଜୟ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ।

# ତୈଳ ଦର ବୃଦ୍ଧି ପ୍ରତିବାଦରେ ସମାବେଶ

**କଣାସ,୭।୧୧(ସ୍ୱ.ପ୍ର.):**

ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି କଣାସ ବ୍ଲକ କମିଟି ପକ୍ଷରୁ ପେଟ୍ରୋଲ୍, ଡିଜେଲ୍ ଓ ରନ୍ଧନଗ୍ୟାସର ଅହେତୁକ ଦର ବୃଦ୍ଧି ପ୍ରତିବାଦରେ ଜଙ୍କିଆ ଛକଠାରେ ଏକ ସମାବେଶ ଅନୁଷ୍ଠିତ ହୋଇଯାଇଛି। କରୋନା ସମୟରେ ରୋଜଗାର ହରାଇଥିବା ଗରିବ ଓ ଦିନ ମଜୁରିଆ ଏହି ଦର ବୃଦ୍ଧି ଯୋଗୁ କ୍ଷତିଗ୍ରସ୍ତ ହେଉଛନ୍ତି ବୋଲି ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତିର ସଦସ୍ୟ ମିନତୀ ପାଣିଗ୍ରାହୀ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ସଭାନେତ୍ରୀ ହରାମଣି ମହାପାତ୍ର, ସମ୍ପାଦିକା ସୁଷମା ବେହେରା, ଭୀମସେନ ସ୍ୱାଇଁ, ଧନେଶ୍ୱର ସ୍ୱାଇଁ, ସ୍ମୃତିରଞ୍ଜନ ଦାସ ପ୍ରମୁଖ ମତବ୍ୟକ୍ତ କରିଥିଲେ। ଆଗାମୀ ଦିନରେ କଣାସରେ ଥିବା ରାଷ୍ଟ୍ରାୟତ୍ତ ବ୍ୟାଙ୍କମାନେ ମହିଳାମାନଙ୍କୁ ସ୍ୱଳ୍ପ ସୁଧରେ ଋଣ ଯୋଗାଇ ନ ଦେଲେ ଆନ୍ଦୋଳନ କରାଯିବ ବୋଲି ନିରୁପମା ପ୍ରଧାନ, କୁମୁଦ ସ୍ୱାଇଁ ପ୍ରମୁଖ କହିଛନ୍ତି।



ପୁରୀ ସମବାୟ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ରବିବାର ଅତିଥିମାନେ ଅକ୍ଷର ଯଜ୍ଞ ଓ ସ୍ୱର କବିତା ପୁସ୍ତକକୁ ଉନ୍ମୋଚନ କରୁଛନ୍ତି।


ଭୁବନେଶ୍ୱର ଲକ୍ଷ୍ମୀସାଗର ରିଫ୍ୟୁଜି କଲୋନୀସ୍ଥିତ ଗୁପ୍ତାକୁଟିରରେ ମା' କାଳୀଙ୍କ ସମ୍ମୁଖରେ ମହିଳାମାନେ ସିନ୍ଦୂର ଖେଳ ଖେଳୁଛନ୍ତି।



ଭୁବନେଶ୍ୱରସ୍ଥିତ ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସ ପରିସରରେ ରବିବାର ଅନୁଷ୍ଠିତ ଡଃ ଏସ୍.ଏନ୍.ସୁବାରାଓଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ଅତିଥିମାନେ।

## ସଂକ୍ଷେପରେ

### ୫-ଟିରେ ସାମିଲ ହେବ ୩ ହାଇସ୍କୁଲ

**କଟକ ସଦର,୭।୧୧(ଡି.ଏନ୍.ଏ.):** କଟକ ସଦର ବ୍ଲକ ଅନ୍ତର୍ଗତ ୩ଟି ହାଇସ୍କୁଲକୁ ୫-ଟିରେ ସାମିଲ କରାଯିବା ପାଇଁ ସ୍ଥାନୀୟ ବିଧାୟକ ଚନ୍ଦ୍ରସାରଥି ବେହେରା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସେଗୁଡିକ ହେଲା ପରମହଂସ ଗ୍ରାମର ହଂସନାଥ ହାଇସ୍କୁଲ , ବିରିବାଟିର ରତ୍ନାକର ବିଦ୍ୟାମନ୍ଦିର ଓ ବେଣ୍ଟକାର ହାଇସ୍କୁଲ। ୨୦୨୧ ମସିହାରେ ପ୍ରତିସ୍କୁଲକୁ ୬୦ ଲକ୍ଷ ଟଙ୍କା ଆସିବ। ଏଥିରେ ନୂଆ ଶ୍ରେଣୀଗୃହ ନିର୍ମାଣ, ଇ-ଲାଇବ୍ରେରୀ ସମେତ ଭିତ୍ତିଭୂମିର ବିକାଶ କରାଯିବ। ଫଳରେ ପିଲାମାନଙ୍କୁ ପଢିବାରେ ସୁବିଧା ହେବ।

### ମନ୍ଦିର ନିର୍ମାଣ ପାଇଁ ଭୂମି ପୂଜନ

**କଣ୍ଟାପଡା,୭।୧୧(ଡି.ଏନ୍.ଏ.):** କଣ୍ଟାପଡା ବ୍ଲକ ଅଧୀନ ସାଇଲୋ ବଡବିଲିଠାରେ ଆମ ଅଧିକାର ସାମାଜିକ ସଙ୍ଗଠନ ପକ୍ଷରୁ ଏକ ଶହୀଦ ମନ୍ଦିର ନିର୍ମାଣ ପାଇଁ ରବିବାର ଭୂମି ପୂଜନ କରାଯାଇଛି। ଅନୁଷ୍ଠାନର ସଭାପତି ପ୍ରଦୀପ କୁମାର ସାହୁଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଏହି ମନ୍ଦିରରେ ପୁଲୱାମା ବିସ୍ଫୋରଣରେ ଶହୀଦ ହୋଇଥିବା ଯବାନଙ୍କ ସମେତ ଅନ୍ୟ ଶହୀଦମାନଙ୍କ ଫଟୋଚିତ୍ର ସ୍ଥାନିତ ହେବ ବୋଲି ସମ୍ପାଦକ ପ୍ରମୋଦ ନାୟକ କହିଛନ୍ତି। ଏହି ଉତ୍ସବରେ ସ୍ଥାନୀୟ ଗ୍ରାମର ମାନ୍ୟଗଣ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ।

### ଦକ୍ଷତା ବିକାଶ ତାଲିମ ଶିବିର

**କଟକ ଅଫିସ,୭।୧୧:** କଟକ ଇଷ୍ଟ ରୋଟାରୀ କ୍ଲବ ପକ୍ଷରୁ ଦକ୍ଷତା ବିକାଶ ତାଲିମ ଶିବିର ସ୍ଥାନୀୟ ରାଧାନାଥ ଉ.ପ୍ରା. ବିଦ୍ୟାଳୟ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାୟ ୨୦ ଜଣ ମହିଳା ଯୋଗଦେଇ ଫିନାଇଲ ପ୍ରସ୍ତୁତି ସମ୍ପର୍କରେ ତାଲିମ ନେଇଥିଲେ। ଉକ୍ତ କ୍ଲବ ପକ୍ଷରୁ ଏହି ମହିଳାମାନଙ୍କୁ ବୈଷୟିକ ଓ ଆର୍ଥିକ ସାହାଯ୍ୟ ପ୍ରଦାନ କରାଯିବ ବୋଲି କ୍ଲବ ସଭାପତି ଇଂ. ସୁବୋଧ ରାଉତରାୟ କହିଛନ୍ତି। କ୍ଲବର ସ୍କିଲ୍ ଡେଭେଲପମେଣ୍ଟ କୋଅର୍ଡିନେଟର ରୋଟାରିଆନ୍ ଶରତ ଚନ୍ଦ୍ର ଦାଶ ପ୍ରଶିକ୍ଷକ ଭାବେ ଯୋଗଦେଇଥିଲେ। ପ୍ରମୋଦ ପ୍ରତିହାରୀ, ସୁଶାନ୍ତ ପଣ୍ଡା, ପ୍ରଦୀପ ଦାସ, ଶତ୍ରୁଘ୍ନ ନାୟକ ଓ ଇଂ. ପ୍ରଭାକର ବସ୍ତିଆ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ମନ୍ଦିର ସଫେଇ କାର୍ଯ୍ୟକ୍ରମ

**କଟକ ଅଫିସ,୭।୧୧:** ଦେବାଳୟ ବିମୋଚନ ଟ୍ରଷ୍ଟ ପକ୍ଷରୁ ରବିବାର କଟକ ନୂଆବଜାର ଅଞ୍ଚଳ ସାର୍ଥୋଲରେ ଥିବା ହନୁମାନ ମନ୍ଦିର ପରିସର ସଫେଇ କରାଯାଇଥିଲା। ସଙ୍ଗଠନର ମୁଖ୍ୟ ଟ୍ରଷ୍ଟି ପ୍ରଦୀପ୍ତ ଜେନାଙ୍କ ନେତୃତ୍ୱରେ ଅନୁଷ୍ଠିତ ସଫେଇ କାର୍ଯ୍ୟକ୍ରମରେ ବିଭୂତି ଭୂଷଣ ଦାଶ, ଜ୍ଞାନରଞ୍ଜନ ନନ୍ଦ, ଅଗଣି ନାୟକ, ରୋଜାଲିନ ବସ୍ତିଆ, ପି.କେ ପାଢ଼ୀ, ଦେବବ୍ରତ ରାୟ, ରାଜେନ୍ଦ୍ର ମହାପାତ୍ର, ଅଶୋକ ବାରିକ, ସୁରେନ୍ଦ୍ର ପାଣ୍ଡବଙ୍କ ସହ ଅନ୍ୟମାନେ ସାମିଲ ହୋଇଥିଲେ। ସୂଚନାଯୋଗ୍ୟ, ମଠ, ମନ୍ଦିରକୁ ସରକାରୀ ନିୟନ୍ତ୍ରଣରୁ ମୁକ୍ତ କରାଇବା ଲକ୍ଷ୍ୟରେ ଗଠିତ ଏହି ସଙ୍ଗଠନ ପକ୍ଷରୁ ପ୍ରତି ରବିବାର ସକାଳେ କଟକ ସହର ଓ ଆଖପାଖ ଅଞ୍ଚଳ ସଫେଇ କରାଯାଉଛି।

### ଗାନ୍ଧିବାଦୀ ନେତା ସୁବାରାଓଙ୍କ ଶ୍ରଦ୍ଧାଞ୍ଜଳି ସଭା

**କଟକ ଅଫିସ,୭।୧୧:** କଟକ ବାଖରାବାଦସ୍ଥିତ ଗାନ୍ଧୀ ଭବନରେ ସ୍ୱାଧୀନତା ସଂଗ୍ରାମୀ ଏସ୍. ଏନ୍. ସୁବାରାଓଙ୍କ ଶ୍ରଦ୍ଧାଞ୍ଜଳି ସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜଷ୍ଟିସ୍ ମନୋରଞ୍ଜନ ମହାନ୍ତି ସଭାପତିତ୍ୱ କରିଥିଲେ। ପ୍ରାରମ୍ଭରେ ସ୍ୱାଧୀନତା ସଂଗ୍ରାମୀ ନିଶାକର ଦାସ ସର୍ବଧର୍ମ ପ୍ରାର୍ଥନା ଗାନ କରିଥିଲେ । ଏହି ସଭାରେ ରାଜ୍ୟ ସଭା ସଦସ୍ୟ ସୁବାସ ସିଂ, ଆଲୋକ ପଣ୍ଡା, କବିର ଜେନା, ଅଶୋକ ଦଲାଇ, ଜୟନ୍ତ ଦାସ, ସାମ୍ବାଦିକ ଅରୁଣ ପଣ୍ଡା, ଲକ୍ଷ୍ମୀପ୍ରିୟା ମହାନ୍ତି, ଅନିମା ରାୟ, ଅମୀୟ ସାହୁ, ପ୍ରଭାସ ମହାପାତ୍ର, ବଳରାମ ଜାଲି ଉପସ୍ଥିତଥିଲେ।

# କେବିଏନ୍ ଗ୍ୟାଙ୍ଗର ନୂଆ ଭିଡିଓ ଭାଇରାଲ

**ଭୁବନେଶ୍ୱର,୭।୧୧(ବ୍ୟୁରୋ)**

**ରାଜଧାନୀ ରାସ୍ତାରେ ସଶସ୍ତ୍ର ଆତଙ୍କ**

**■ଗ୍ୟାଙ୍ଗ ସଦସ୍ୟଙ୍କୁ ଧରିବାକୁ ସ୍ୱତନ୍ତ୍ର ଟିମ୍**


ଭାଇରାଲ ଭିଡିଓରେ ଦେଖାଯାଉଥିବା ବନ୍ଧୁକ।

ରାଜଧାନୀ ଭୁବନେଶ୍ୱର ଅସୁରକ୍ଷିତ ହୋଇଗଲାଣି। ଆପରାଧିକ ଶ୍ରେଣୀର ଯୁବକମାନେ ବିଭିନ୍ନ ମାରଣାସ୍ତ୍ର ଧରି ରାତିରେ ରାସ୍ତାରେ ବୁଲୁଛନ୍ତି। ସେମାନେ ସିନେମା ଶୈଳୀରେ ଖଣ୍ଡା, ଭୁଜାଲି, ବନ୍ଧୁକ ଧରି ରାସ୍ତାମଝିରେ ସଙ୍ଗୀତ ବଜାଇ ନାଚଗୀତ କରୁଛନ୍ତି। ସେମାନଙ୍କୁ କେବିଏନ୍ ଗ୍ୟାଙ୍ଗ କୁହାଯାଉଛି। ସେମାନଙ୍କ ଆତଙ୍କର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଲୋକେ ଭୟଭୀତ ହୋଇଯାଇଛନ୍ତି। ରାତିରେ ଘରୁ ଗୋଡ଼ କାଢ଼ିବାକୁ ଡରୁଛନ୍ତି। ଭିଡିଓ ଭାଇରାଲ ପରେ କମିଶନରେଟ୍ ପୋଲିସ କିଛିଦିନ ତଳେ ୫ ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟମାନେ ନିଶ୍ଚିନ୍ତରେ ବୁଲାବୁଲି କରୁଛନ୍ତି। ଏପରି ସ୍ଥିତିରେ ପୁଣି ଉକ୍ତ ଗ୍ୟାଙ୍ଗର ଆଉ ଏକ ଭିଡିଓ ଭାଇରାଲ ହୋଇଛି। ଜଣେ ଯୁବକ ଏକ ବନ୍ଧୁକ ଧରି ଫାଙ୍କା ଗୁଳିଚାଳନା କରୁଥିବା ଭିଡିଓରେ ଦେଖାଯାଉଛି। ସେହି ଭିଡିଓ କେବେକାର ତାହା ସ୍ପଷ୍ଟ ହୋଇ ନ ଥିବା ବେଳେ କମିଶନରେଟ୍ ପୋଲିସ ପ୍ରତି ସେମାନଙ୍କ ଭୟ ନ ଥିବା ଜଣାପଡୁଛି। ଏନେଇ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ କହିଛନ୍ତି ଯେ, ଏହି ଗ୍ୟାଙ୍ଗର ଅନେକ ସଦସ୍ୟ ଗିରଫ ହୋଇଛନ୍ତି। ଫାଙ୍କା ଗୁଳିଚାଳନା କରୁଥିବା ଭିଡିଓଟି ପୁରୁଣା। ଉକ୍ତ ଯୁବକ ଗିରଫ ହୋଇଥିବାବେଳେ ତାଙ୍କଠୁ ବନ୍ଧୁକ ମଧ୍ୟ ଜବତ ହୋଇଛି। ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉଛି ବୋଲି ସେ କହିଛନ୍ତି। ଡିସିପି ଉମାଶଙ୍କର ଦାଶଙ୍କ କହିବା କଥା, ବନ୍ଧୁକ ଧରି ଗୁଳି ଫୁଟାଉଥିବା ଯୁବକ ଗିରଫ ହୋଇ ଜେଲ ଯାଇଛନ୍ତି। ଏହି ଗ୍ୟାଙ୍ଗକୁ ଆଖି ଆଗରେ ରଖି ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ତଦନ୍ତ କରାଯାଉଛି। ଗ୍ୟାଙ୍ଗର ଅନ୍ୟ ସଦସ୍ୟମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ସେ କହିଛନ୍ତି।


ପୁରୀ ସାଲବେଗ ପୀଠ ପରିସରରେ ରବିବାର ପୂର୍ଣ୍ଣଦାସ ଫାଉଣ୍ଡେଶନ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସତ୍ୟଭାମା ପ୍ରଧାନଙ୍କୁ ପୂର୍ଣ୍ଣବ୍ରହ୍ମ ସମ୍ମାନ –୨୦୨୧ ପ୍ରଦାନ କରାଯାଉଛି।

## ରାଜ୍ୟସ୍ତରୀୟ ନେଟ୍‌ବଲ ପ୍ରତିଯୋଗିତା ଉଦ୍‌ଯାପିତ

**ଚୌଦ୍ୱାର,୭।୧୧(ଡି.ଏନ୍.ଏ.)**

ଟାଙ୍ଗୀ–ଚୌଦ୍ୱାର ବ୍ଲକ ବାଣୀପଦାସ୍ଥିତ ଉତ୍କଳ ଇଣ୍ଟରନ୍ୟାଶନାଲ ସ୍କୁଲ ପରିସରରେ ୨ ଦିନ ଧରି ଚାଲିଥିବା ୨୩ତମ ରାଜ୍ୟସ୍ତରୀୟ ନେଟ୍‌ବଲ ଚାମ୍ପିୟନଶିପ ରବିବାର ଉଦ୍‌ଯାପିତ ହୋଇଯାଇଛି। ମହିଳା ବିଭାଗରେ କଟକ ସଦର ଓ କଟକ ଜିଲା ଟିମ୍ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ କଟକ ଜିଲା ଟିମ୍ ବିଜୟୀ ହୋଇଥିଲା। ସେହିପରି ପୁରୁଷ ବିଭାଗରେ କଟକ ସଦର ଓ କଟକର ଜାଗୁଲାଇ ଟିମ୍ ମଧ୍ୟରେ ଫାଇନାଲ ମ୍ୟାଚ୍ ହୋଇଥିଲା। ଏଥିରେ କଟକ ସଦର ବିଜୟୀ ହୋଇଥିଲା। ସ୍କୁଲର ପ୍ରତିଷ୍ଠାତା ଗଣେଶ ପ୍ରସାଦ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ରାଜ୍ୟ ନେଟ୍‌ବଲ ସଂଘର ସାଧାରଣ ସମ୍ପାଦକ ପ୍ରମୋଦ କୁମାର ପଣ୍ଡା, ସାମାଜିକ କର୍ମୀ ତୀର୍ଥାନନ୍ଦ ସୁବୁଦ୍ଧିରାୟ, ଲକ୍ଷ୍ମଣ ରାଉତ, ସତ୍ୟବ୍ରତ ଦାସ ଓ ସହଦେବ ବରାଳ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଉଭୟ ବିଭାଗର ବିଜୟୀ ଓ ରନର୍ସଅପ୍ ଦଳକୁ ପୁରସ୍କୃତ କରିଥିଲେ। ଏଥିସହ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ସମସ୍ତ ଖେଳାଳିଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ସ୍କୁଲ ଅଧ୍ୟକ୍ଷ ବୈକୁଣ୍ଠନାଥ ତାରେଣିଆ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସ୍ୱାଧୀନତା ସଂଗ୍ରାମୀଙ୍କ ଜନ୍ମ ଶତବାର୍ଷିକୀ ପାଳନ ପ୍ରସ୍ତୁତି ବୈଠକ

**କଟକ ଅଫିସ,୭।୧୧**

ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଅମିତାଭ ମହାପାତ୍ରଙ୍କ ଜନ୍ମ ଶତବାର୍ଷିକୀ ଉତ୍ସବ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ସ୍ୱରାଜ ଆଶ୍ରମ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ହାଇକୋର୍ଟ ଆଇନଜୀବୀ ନିରଞ୍ଜନ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସରଳାଦେବୀ–ଭାଗୀରଥି ମହାପାତ୍ର ଟ୍ରଷ୍ଟ ଏବଂ ଅଳକା ଆଶ୍ରମ ଟ୍ରଷ୍ଟ ପକ୍ଷରୁ ବର୍ଷବ୍ୟାପୀ ଆୟୋଜନ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ନିଷ୍ପତ୍ତି ନିଆଯାଇଥିଲା। ଆସନ୍ତା ୧୯ ତାରିଖରେ ଅମିତାଭଙ୍କ ଜୟନ୍ତୀ ଦିବସ ଥିବାରୁ ବିଭିନ୍ନ ସ୍ଥାନରେ ସାଧାରଣ ସଭା, ଚାରାରୋପଣ, ଦରିଦ୍ରନାରାୟଣ ସେବା, ବସ୍ତି ଉନ୍ନୟନ କାର୍ଯ୍ୟ, ସଂଗ୍ରାମୀ ସମ୍ବର୍ଦ୍ଧନା ଏବଂ ମେଧା ପ୍ରୋତ୍ସାହନ କାର୍ଯ୍ୟକ୍ରମ ଆରମ୍ଭ ହୋଇ ବର୍ଷବ୍ୟାପୀ ଚାଲିବ ବୋଲି ସ୍ଥିର ହୋଇଛି। ଏହି ଅବସରରେ ଏକ ଶତବାର୍ଷିକୀ କମିଟି ଗଠନ କରାଯାଇଛି। ଏହି ବୈଠକରେ ଆଇନଜୀବୀ ଶଶିଭୂଷଣ ଦାସ, ଲକ୍ଷ୍ମୀପ୍ରକାଶ ମହାପାତ୍ର, କବିତା ମହାପାତ୍ର, ଜ୍ଞାନରଞ୍ଜନ ସାମନ୍ତରାୟ, ସରୋଜ ଦାସ, ପ୍ରତାପଚନ୍ଦ୍ର ସାହୁ, ଦେବୀପ୍ରସନ୍ନ ମହାପାତ୍ର, ଦ୍ୱିଜବର ମହାପାତ୍ର, ଉପେନ୍ଦ୍ର ବେହେରା, ବିଜୟ ପଣ୍ଡା, ବନଶ୍ରୀ ମହାପାତ୍ର, ଅସିତ୍ କୁମାର ଜେନା ପ୍ରମୁଖ ଉପସ୍ଥିତଥିଲେ।

## ଆୱେକନର ପ୍ରତିଷ୍ଠା ଦିବସ

**କଟକ ଅଫିସ, ୭।୧୧**

ଆୱେକନ କ୍ୟାନ୍‌ସର ଟ୍ରଷ୍ଟର ପ୍ରଥମ ପ୍ରତିଷ୍ଠା ଦିବସ କଟକସ୍ଥିତ ନୌବାଣିଜ୍ୟ ସଂଗ୍ରହାଳୟ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଯୋଗଦେଇ କର୍କଟ ରୋଗ ସମ୍ପର୍କରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ସହ କର୍କଟ ରୋଗୀଙ୍କୁ ସାହାଯ୍ୟ ଓ ସହଯୋଗ କରିବା ଦିଗରେ ଏହି ଟ୍ରଷ୍ଟ ସହାୟକ ହେବ ବୋଲି କହିଥିଲେ। ସୁଧିରଞ୍ଜନ ମିଶ୍ର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିବାବେଳେ ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ରୀନା ରାଉତରାୟ ଯୋଗଦେଇଥିଲେ। ୨୦୩୦ ସୁଦ୍ଧା ଓଡ଼ିଶାକୁ କର୍କଟ ରୋଗ ସଚେତନ ରାଜ୍ୟ ରୂପେ ପରିଣତ କରିବା ମୁଖ୍ୟ ଲକ୍ଷ୍ୟ ବୋଲି ଟ୍ରଷ୍ଟର ପ୍ରତିଷ୍ଠାତା ସ୍ୱାଗତିକା ଆଚାର୍ଯ୍ୟ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ସମ୍ପାଦକ ସୁଶୀଲ କୁମାର ବେହେରା, ସଭାପତି ମନୀଷା ପଣ୍ଡା ଓ ଉପସଭାପତି ସୁଜିତ୍ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

**ସେଲ୍‌ଫି କର୍ଣ୍ଣର ଧରିତ୍ରୀ**

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି**

metroselfie@gmail.com


@ ଭାଗ୍ୟରଥି


@ ହିତାଂଶୁ


@ ହାପି


@ ସୁଇଟି


@ ରାହୁଲ


ତହେସିନ୍

# ଗୋଚର ଜମିରେ ପାନୀୟଜଳ ପ୍ରକଳ୍ପ ନିର୍ମାଣ

**କଟକ ସଦର, ୭।୧୧(ଡି.ଏନ୍.ଏ.)**

**ସରପଞ୍ଚଙ୍କ କ୍ଷମତାକୁ ନେଇ ପ୍ରଶ୍ନବାଚୀ**

କଟକ ସଦର ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତରେ ଜଳ ଜୀବନ ମିଶନ ଯୋଜନାରେ ପାନୀୟଜଳ ପ୍ରକଳ୍ପ ଖନନ ସହ ଓଭରହେଡ୍ ଟାଙ୍କି ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ହେଲେ ଅଧିକାଂଶ କାର୍ଯ୍ୟ ଗୋଚର କିସମ ଜମିରେ କରାଯାଉଥିବାର ସୂଚନା ମିଳିଛି। ଗୋଚର ଓ ଅନ୍ୟ କିସମ ଜମିରେ ଜଳ ଜୀବନ ମିଶନ ଯୋଜନାର କାମ କରିବା ପାଇଁ ସ୍ଥାନୀୟ ସରପଞ୍ଚ ଅନୁମତି ଦେଇଥିବା ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟରୁ ଜଣାପଡିଛି। କଟକ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ମିଶନ ଡିଭିଜନର ଜନସୂଚନା ଅଧିକାରୀ ପତ୍ରସଂଖ୍ୟା ୫୮୪୭/୫।୧୦।୨୦୨୧ରେ ଏହି ତଥ୍ୟ ଦେଇଛନ୍ତି। ଉକ୍ତ ବ୍ଲକର ବହଳପଡ଼ା, ଶିଶୁଆ, ବସନ୍ତକୁଣ୍ଡଳ, ଭାରଗୋଳ, ଶବଳପୁର, ବିଶାଳପଡ଼ା, ଜଗନ୍ନାଥପୁର ଓ ଚାଞ୍ଚପଡ଼ା ଗ୍ରାମର ଗୋଚର ଜମିରେ ନିର୍ମାଣାଧୀନ ପାନୀୟଜଳ ପ୍ରକଳ୍ପ ପାଇଁ ସ୍ଥାନୀୟ ସରପଞ୍ଚ ଅନୁମତି ଦେଇଥିବାରୁ ଜମିର ମାଲିକାନା ସଂକ୍ରାନ୍ତୀୟ କାଗଜପତ୍ର ସେମାନଙ୍କ ପାଖରେ ଥାଇପାରେ ବୋଲି ସମ୍ପୃକ୍ତ ଜନସୂଚନା ଅଧିକାରୀ ଜଣାଇଛନ୍ତି। ହେଲେ ବିଭିନ୍ନ କିସମର ସରକାରୀ ଜମିରେ ସ୍ଥାୟୀ ନିର୍ମାଣ ପାଇଁ କେବଳ ଜିଲାପାଳଙ୍କଠାରୁ ଆରମ୍ଭ କରି ତଦୂର୍ଦ୍ଧ୍ୱ ରାଜସ୍ୱ ଅଧିକାରୀମାନେ ଅନୁମତି ଦେବାର କ୍ଷମତା ପାଇଛନ୍ତି ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ପତ୍ରସଂଖ୍ୟା ୩୯୪୦୩/୧୫।୧୨।୨୦୧୬ରେ ଉଲ୍ଲେଖ ରହିଛି। ଏଭଳି ପରିସ୍ଥିତିରେ ସରପଞ୍ଚମାନେ ସରକାରୀ ଜମି ହସ୍ତାନ୍ତର କ୍ଷମତା କେବେ ପାଇଲେ ତାହାର ସବିଶେଷ ସୂଚନା ମିଳିପାରୁନାହିଁ। ତେଣୁ ସରପଞ୍ଚଙ୍କ କ୍ଷମତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟିହୋଇଛି। ଏ ସମ୍ପର୍କରେ କଟକ ସଦର ତହସିଲଦାର ସସ୍ମିତ ଗଡ଼ନାୟକଙ୍କୁ ପଚାରିବାରୁ ତାଙ୍କ ପାଖରେ କୌଣସି ସୂଚନା ନାହିଁ ବୋଲି କହିଥିଲେ।

# କରୋନା କଟକଣାରେ ହେବ କାର୍ତ୍ତିକେଶ୍ୱର ପୂଜା

**କଟକ ଅଫିସ,୭।୧୧**

କଟକ ମହାନଗର ପୂଜା କମିଟି ସମ୍ପାଦକଙ୍କ ଆବାସିକ କାର୍ଯ୍ୟାଳୟଠାରେ କାର୍ତ୍ତିକେଶ୍ୱର ପୂଜା ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠି ଅଧ୍ୟକ୍ଷତା କରିଥିଲେ। ଚଳିତବର୍ଷ କରୋନା କଟକଣା ମଧ୍ୟରେ ପୂଜା କରାଯିବା ପାଇଁ ସ୍ଥିର ହୋଇଛି। ଆସନ୍ତା ୧୫ ତାରିଖରେ କାର୍ତ୍ତିକେଶ୍ୱର ପୂଜା ଆରମ୍ଭ ହୋଇ ୧୯ ତାରିଖରେ ଶେଷ ହେବ। ୨୦ ଓ ୨୧ ତାରିଖ ଦୁଇ ଦିନ ମଧ୍ୟରେ ଭଶାଣି କାର୍ଯ୍ୟକ୍ରମ ସମାପ୍ତ ହେବ। ପରମ୍ପରା ଅନୁସାରେ ଗଡ଼ଗଡ଼ିଆ ଘାଟରେ କାର୍ତ୍ତିକେଶ୍ୱରଙ୍କ ମୃଣ୍ମୟ ପ୍ରତିମା ବିସର୍ଜନ ନିମନ୍ତେ ଜିଲା ଓ ପୋଲିସ ପ୍ରଶାସନକୁ ନିବେଦନ କରାଯାଇଛି। ଏହି ବୈଠକରେ ମହାନଗର ଶାନ୍ତି କମିଟି ସଭାପତି ଦେବେନ୍ଦ୍ରନାଥ ସାହୁ, ଭିକାରୀ ଦାସ, ପୂର୍ବାଞ୍ଚଳ ଶାନ୍ତି କମିଟି ସଭାପତି ବିଜୟ ସାହୁ, ପ୍ରଫୁଲ୍ଲ ସାହୁ, ପ୍ରଦୀପ ସିହ୍ନା, ବିଜୟ ଦାଶ, କିଶୋର ବେହେରା, ନୃସିଂହ ଚରଣ ଚୌଧୁରୀ, ତାପସ ପ୍ରହରାଜ, ଧର୍ମେଶ ନାୟକ, ନରେଶଚନ୍ଦ୍ର ସାହୁ, ଦେବାଶିଷ ରାୟ ଓ ବିଜୟ ବେହେରା ପ୍ରମୁଖ ଉପସ୍ଥିତଥିଲେ।

# ହରପ୍ରସାଦ ପାଇଲେ ସଚ୍ଚି ରାଉତରାୟ ସାରସ୍ୱତ ସମ୍ମାନ

**କଟକ ଅଫିସ, ୭।୧୧**

କଟକ ସାରଳା ଭବନଠାରେ ସାରଳା ସାହିତ୍ୟ ସଂସଦ ପକ୍ଷରୁ ପଦ୍ମଶ୍ରୀ ସଚ୍ଚି ରାଉତରାୟଙ୍କ ସ୍ମୃତିରେ ସାରସ୍ୱତ ସମାରୋହ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର କମିଶନର ଡ. ସୁରେଶ ଚନ୍ଦ୍ର ଦଳାଇ ଉଦ୍‌ଘାଟନ କରି କହିଥିଲେ, ସଚ୍ଚି ରାଉତରାୟ ଥିଲେ ଓଡ଼ିଆ କବିତାରେ ଆଧୁନିକତାର ପ୍ରବର୍ତ୍ତକ। ସଂସଦର ସଭାପତି ଇଂ. ପ୍ରଭାକର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ପୂର୍ବତନ ପୋଲିସ ମହାନିର୍ଦ୍ଦେଶକ ବିପିନ ବିହାରୀ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ସଚ୍ଚିଙ୍କ କାର୍ଯ୍ୟପ୍ରତିଭା ସମଗ୍ର ଭାରତୀୟ ସାହିତ୍ୟରେ ବିରଳ। ଏଥିରେ ନାଇଜରର କୁଳସଚିବ ଅଭୟ କୁମାର ନାୟକ ସମ୍ମାନିତ ଅତିଥି ଓ ଡ. ବିଷ୍ଣୁପ୍ରିୟା ଓତା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବିଶିଷ୍ଟ କବି ଡ. ହରପ୍ରସାଦ ପରିଚ୍ଛା ପଟ୍ଟନାୟକଙ୍କୁ ସଚ୍ଚି ରାଉତରାୟ ସାରସ୍ୱତ ସମ୍ମାନ ପ୍ରଦାନ କରାଯାଇଥିଲା। ଏହି ସମାରୋହରେ ସଞ୍ଜିତ ପଟ୍ଟନାୟକ, ଅଧ୍ୟାପକ ବିରଞ୍ଚି କୁମାର ସାହୁ, ଶ୍ରୀହର୍ଷ ରାଉତରାୟ, ଉଷା ଦେବୀ, କୈଳାସ ଚନ୍ଦ୍ର ବରାଳ, ଇଂ. ସୁଶାନ୍ତ ସେଠୀ, ହେମନ୍ତ ମହାରଣା, ମାନସ ସାହୁ, ହୃଷୀକେଶ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଭାଜପା ପକ୍ଷରୁ ଚୌଦ୍ୱାର ଥାନା ଘେରାଉ

**ଚୌଦ୍ୱାର, ୭।୧୧(ଡି.ଏନ୍.ଏ.)**

**ମମିତା ହତ୍ୟା ଘଟଣା**

କଳାହାଣ୍ଡି ଜିଲା ମହାଲିଙ୍ଗସ୍ଥିତ ଏକ ଘରୋଇ ସ୍କୁଲ ଅଧ୍ୟକ୍ଷା ମମିତା ମେହେର ହତ୍ୟା ଘଟଣାରେ ରାଜ୍ୟ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ଇସ୍ତଫା ଦାବିରେ ରବିବାର ଚୌଦ୍ୱାର ଓ ଇନ୍ଦ୍ରାଣୀପାଟଣା ଭାଜପା ମଣ୍ଡଳ ପକ୍ଷରୁ ସ୍ଥାନୀୟ ଥାନା ଘେରାଉ କରାଯାଇଥିଲା। ଏଥିସହ ଏକ ଦାବିପତ୍ର ଥାନା ଅଧିକାରୀଙ୍କୁ ଦିଆଯାଇଛି। ଭାଜପା ନେତା ନୟନ କିଶୋର ମହାନ୍ତିଙ୍କ ଆବାହକତ୍ୱରେ ଚୌଦ୍ୱାର ଭାଜପା ମଣ୍ଡଳ ସଭାପତି କୈଳାସ ବେହେରା ଓ ଯୁବନେତା ଜୟନ୍ତ ସ୍ୱାଇଁଙ୍କ ସମେତ ୫ଟି ପଞ୍ଚାୟତର ବହୁସଂଖ୍ୟକ କର୍ମୀ ଗାନ୍ଧୀଛକଠାରୁ ପଦଯାତ୍ରାରେ ଆସି ଥାନା ଘେରାଉ କରିଥିଲେ। ଏଥିସହ ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ଜିଲା ସମ୍ପାଦକ ବୈରାଗୀ ଚରଣ ପ୍ରଧାନ, ଉପସଭାପତି ପ୍ରଶାନ୍ତ କୁମାର ହୋତା, ପ୍ରକାଶ ଚନ୍ଦ୍ର ବଡଜେନା, ଅଜିତ ସୁବୁଦ୍ଧିରାୟ, କମଳ ମହାନ୍ତି, ଅକ୍ଷୟ ଭୂୟାଁ, ମହାନଦୀ ମଣ୍ଡଳ ସଭାପତି ମାନସ ମହାନ୍ତି, ସୀତା ସାହୁ ଓ କବିତା ନାୟକ ପ୍ରମୁଖ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ।


ଶିଶୁ ଅଧିକାର ଦିବସ ଅବସରରେ ରବିବାର ପୁରୀ ସ୍ୱର୍ଗଦ୍ୱାର ବାଳିକା ବିଦ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଶିଶୁ ସମାଚାର ପତ୍ରିକାକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।


ସାରଳା ସାହିତ୍ୟ ସଂସଦ ପକ୍ଷରୁ ରବିବାର କଟକ ସାରଳା ଭବନରେ ଆୟୋଜିତ ସମାରୋହରେ କବି ହରପ୍ରସାଦ ପରିଚ୍ଛା ପଟ୍ଟନାୟକଙ୍କୁ ସଚ୍ଚି ରାଉତରାୟ ସାରସ୍ୱତ ସମ୍ମାନ ପ୍ରଦାନ କରାଯାଉଛି।


କଟକ ଶ୍ରୀରାମଚନ୍ଦ୍ର ଭବନରେ ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ରବିବାର ଅନୁଷ୍ଠିତ ସାରସ୍ୱତ ସାଧକ ପ୍ରଫେସର ଗଣେଶ୍ୱର ମିଶ୍ରଙ୍କ ତୈଳଚିତ୍ର ଉନ୍ମୋଚନ ଉତ୍ସବରେ ଉପସ୍ଥିତ ଅତିଥିବୃନ୍ଦ।

## ସଂକ୍ଷେପରେ

### ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ, ହତ୍ୟା ଅଭିଯୋଗ

କଟକ ଅଫିସ,୭ା୧୧: ଜଗତ୍‌ପୁର ଥାନା ଅନ୍ତର୍ଗତ ଗୋପୀନାଥପୁରଠାରେ ଥିବା ଏକ ଗୋ-ଫାର୍ମ ପରିସରରୁ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ମଧକଚ୍ଛ ଅଞ୍ଚଳର ଅରକ୍ଷିତ ଭୋଇଙ୍କ ଝିଅ ପ୍ରେମଲତା ଭୋଇ(୨୫)। ତାଙ୍କୁ କେହି ହତ୍ୟା କରି ଝୁଲାଇ ଦେଇଥିବା ନେଇ ଅରକ୍ଷିତ ଥାନାରେ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗକୁ ଭିତ୍ତିକରି ପୋଲିସ ଦଫା ୩୦୨ ଅନୁଯାୟୀ ଏକ ହତ୍ୟା ମାମଲା(ନଂ.୪୭୦/୨୧) ରୁଜୁ କରି ତଦନ୍ତ ଚଳାଇଛି। ଏହି ଘଟଣାରେ ଜଣଙ୍କୁ ଅଟକ ରଖି ପଚରାଉଚରା କରିଥିବାବେଳେ ମୃତଦେହ ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲ ପଠାଇଛି। ଅଭିଯୋଗ ଅନୁଯାୟୀ, ଜଗତ୍‌ପୁର ଥାନା ଅଧୀନ ପଶ୍ଚିମକଚ୍ଛ ଅଞ୍ଚଳର କାଳନ୍ଦୀ ସାମଲଙ୍କୁ ୪ ବର୍ଷ ତଳେ ପ୍ରେମଲତା ବିବାହ କରିଥିଲେ । ପରେ କାଳନ୍ଦୀ ପ୍ରେମଲତାଙ୍କୁ ଉକ୍ତ ଫାର୍ମରେ ଗୋସେବା ପାଇଁ ରଖିଥିଲେ। ପ୍ରେମଲତାଙ୍କ ମୃତ୍ୟୁ ଖବର ପାଇବା ପରେ ଅରକ୍ଷିତ ଗୋଫାର୍ମରେ ପହଞ୍ଚିଥିଲେ। ସେଠାରେ ତାଙ୍କ ଝିଅ ବେକରେ ଶାଢ଼ି ସାହାଯ୍ୟରେ ଝୁଲୁଥିବା ଦେଖିଥିଲେ।

### ଧବଳେଶ୍ୱରଙ୍କୁ ଦର୍ଶନ କଲେ ୧୦ ହଜାର ଶ୍ରଦ୍ଧାଳୁ

ଖୁଣ୍ଟୁଣୀ,୭ା୧୧(ଡି.ଏନ୍.ଏ.): କାର୍ତ୍ତିକ ମାସର ସୋମବାର ପାଇଁ କଟକ ଜିଲା ଆଠଗଡ଼ର ପ୍ରସିଦ୍ଧ ଧବଳେଶ୍ୱରଙ୍କ ପୀଠରେ ୧୪୪ ଧାରା ଜାରି କରାଯାଇଛି। ହେଲେ ଏହା ପୂର୍ବରୁ ଅର୍ଥାତ୍ ରବିବାର ଉକ୍ତ ପୀଠରେ ୧୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ସେହିପରି ଗତ ଶନିବାର ୫ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଧବଳେଶ୍ୱରଙ୍କୁ ଦର୍ଶନ କରିଥିବା ଦେବୋତ୍ତର ବିଭାଗର ସୁପରଭାଇଜର ଭବାନୀ ଶଙ୍କର ପଣ୍ଡା ଓ ଦେଉଳୀକରଣ ସାଗର ରଞ୍ଜନ ଦାଶ କହିଛନ୍ତି। ଏହି ଭିଡ଼କୁ ଦୃଷ୍ଟିରେ ରଖି ପୀଠରେ ୨ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା। ଆଠଗଡ଼ ଉପଜିଲାପାଳ ହେମନ୍ତ କୁମାର ସ୍ୱାଇଁ ଓ ତହସିଲଦାର ପ୍ରିୟବ୍ରତ ଦାସ ପୀଠରେ ପହଞ୍ଚି ବ୍ୟବସ୍ଥା ସମ୍ପର୍କରେ ତଦାରଖ କରିଥିଲେ। ପ୍ରତିବର୍ଷ କାର୍ତ୍ତିକ ସୋମବାରରେ ଉକ୍ତ ପୀଠକୁ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ବହୁସଂଖ୍ୟକ ଭକ୍ତ ଆସିଥାନ୍ତି। ଚଳିତବର୍ଷ କୋଭିଡ୍ ସଂକ୍ରମଣକୁ ଦୃଷ୍ଟିରେ ରଖି ଉପଜିଲାପାଳ ସ୍ୱାଇଁ ଉକ୍ତ ପୀଠରେ ୧୪୪ ଧାରା ଜାରି କରିଛନ୍ତି। ଏ ସମ୍ପର୍କରେ ଧବଳେଶ୍ୱର ପୂଜକ ସମାଜ ସଭାପତି ବିଷ୍ଣୁଚରଣ ପତ୍ରି କହିଛନ୍ତି, ସୋମବାର ପାଇଁ ୧୪୪ ଧାରା ଜାରି ହୋଇଥିବାରୁ ଶନିବାର ଓ ରବିବାର ଭିଡ ହେଉଛି।

### ନୃତ୍ୟଗୁରୁ ଗୋପୀକୃଷ୍ଣ ବେହେରାଙ୍କ ଚତୁର୍ଥ ଶ୍ରାଦ୍ଧବାର୍ଷିକୀ

ବାଙ୍କୀ,୭ା୧୧(ସ୍ୱ.ପ୍ର.): ନୃତ୍ୟଗୁରୁ ଗୋପୀକୃଷ୍ଣ ବେହେରାଙ୍କ ଚତୁର୍ଥ ଶ୍ରାଦ୍ଧବାର୍ଷିକୀ ଉତ୍ସବ ରବିବାର ବାଙ୍କୀ ଟାଉନସ୍ଥିତ କଳା, ସାହିତ୍ୟ ଓ ସଂସ୍କୃତି ପରିଷଦ କବିଚନ୍ଦ୍ର ଭବନରେ ସ୍ମୃତି ସଂସଦ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସ୍ମୃତି ସଭାରେ ସାମାଜିକ କର୍ମୀ କେଶବ ଚନ୍ଦ୍ର ବେହେରା ସଭାପତିତ୍ୱ କରିଥିଲେ। ଆବାହକ ଅକ୍ଷୟ କୁମାର ସାମଲଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଭାପତି ବଳଭଦ୍ର ପଣ୍ଡା, ପ୍ରାଧାପକ ମନୋଜ କୁମାର ମହାପାତ୍ର, ଅଶୋକ କୁମାର ଗିରି, ଗୌତମ ମିଶ୍ର, ଡମପଡ଼ା କଲେଜ ଅଧକ୍ଷ ସଚ୍ଚିଦାନନ୍ଦ ସାମଲ, ପ୍ରେସ୍ କ୍ଲବ ଉପସଭାପତି ସମରେନ୍ଦ୍ର ମହାପାତ୍ର, କଟକ ଜିଲା ବିଜେଡି ସାଧାରଣ ସମ୍ପାଦକ ସନାତନ ବେହେରା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ବେହେରାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍ମୃତିସଂସଦ ସମ୍ପାଦକ ମନୋଜ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

# ରାତ୍ରି ଜଗୁଆଳିଙ୍କ ଭରସାରେ ପକ୍ଷୀ ସୁରକ୍ଷା

■ନାହାନ୍ତି ଆବଶ୍ୟକ ସଂଖ୍ୟକ କର୍ମଚାରୀ
■ଦେଶୀୟ ପକ୍ଷୀଙ୍କୁ ନେଇ ପର୍ଯ୍ୟଟକଙ୍କ ଅସନ୍ତୋଷ

ଖୋର୍ଦ୍ଧା ଅଫିସ, ୭ା୧୧



ପକ୍ଷୀ ସୁରକ୍ଷା ପାଇଁ ରହିଥିବା ଅସ୍ଥାୟୀ କ୍ୟାମ୍ପ।

ମରାଳ ମାଳିନୀ ନୀଳାମ୍ବୁ ଚିଲିକାରେ ବିଦେଶାଗତ ପକ୍ଷୀଙ୍କ ଭିଡ଼ ଜମିଲାଣି। ପ୍ରଥମ ପର୍ଯ୍ୟାୟରେ ଚିଲିକାକୁ ୬୦ରୁ ଊର୍ଦ୍ଧ୍ୱ ପ୍ରଜାତିର ପ୍ରାୟ ୨୨ହଜାର ବିଦେଶାଗତ ପକ୍ଷୀଙ୍କ ଆଗମନ ହୋଇଥିବା ଚିଲିକା ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ସୂଚନା ମିଳିଛି। ଟାଙ୍ଗୀ ବନ୍ୟପ୍ରାଣୀ ବିଭାଗ ଅଧୀନ ମଙ୍ଗଳାଯୋଡ଼ି ଏବଂ ଅନ୍ୟ ଅଞ୍ଚଳକୁ ୨୦ରୁ ଊର୍ଦ୍ଧ୍ୱ ପ୍ରଜାତିର ପକ୍ଷୀ ଆସିଥିବା ଜଣାପଡ଼ିଛି। ପକ୍ଷୀଙ୍କ ସୁରକ୍ଷା ପାଇଁ ବିଭାଗ ପକ୍ଷରୁ ମୁଖ୍ୟତଃ ମଙ୍ଗଳାଯୋଡ଼ି, ଭୂଷଣ୍ଡପୁର, ବାଲିପାଟପୁର, ଦେଏପୁର, ଢୋଲପୁର, ବରୁଣପଡା, ହାଲିସିଙ୍ଗ, ଅଭିମାନପୁର, ସୁନ୍ଦରପୁର, ନଇରୀ, ସୋରଣ ପ୍ରଭୃତି ୧୧ଟି ଅସ୍ଥାୟୀ କ୍ୟାମ୍ପ କରାଯାଇଛି। ପ୍ରତି କ୍ୟାମ୍ପରେ ଜଣେ ଫରେଷ୍ଟରଙ୍କ ସମେତ ଫରେଷ୍ଟ ଗାର୍ଡ ଏବଂ ରାତ୍ରି ଜଗୁଆଳି (ନାଇଟ ୱାଚର)ଙ୍କୁ ନିୟୋଜିତ କରାଯାଇଛି। ପ୍ରତିବର୍ଷ ଶୀତଋତୁରେ ବିଦେଶାଗତ ପକ୍ଷୀଙ୍କ ଆଗମନ ବଢ଼ିଲେ, ଚିଲିକା ଉପକୂଳବର୍ତ୍ତୀ ଅଞ୍ଚଳରେ ବ୍ୟାପକ ପକ୍ଷୀ ଶିକାର ହୋଇଥାଏ। ଏହାକୁ ରୋକିବା ପାଇଁ ବିଭାଗ ପକ୍ଷରୁ ଅସ୍ଥାୟୀ କ୍ୟାମ୍ପ କରାଯାଉଛି। ତେବେ ଅଧିକାଂଶ କ୍ୟାମ୍ପ କେବଳ ରାତ୍ରି ଜଗୁଆଳିଙ୍କ ଭରସାରେ ଚାଲିଛି। କ୍ୟାମ୍ପଗୁଡ଼ିକୁ ରାତ୍ର ଜଗୁଆଳି ଜଗି ଥିବାବେଳେ କର୍ମଚାରୀଙ୍କ ଦେଖାନାହିଁ। ଉପରୋକ୍ତ ଗ୍ରାମଗୁଡ଼ିକରେ ବିଭାଗ ପକ୍ଷରୁ ଅସ୍ଥାୟୀ ଶିବିର ନାମଫଳକ ଲଗାଯାଇଛି।

ଚିଲିକାର ନୀଳ ଜଳରାଶି, ମନୋରମ ଦୃଶ୍ୟ ସହ ବିଭିନ୍ନ ରଙ୍ଗବେରଙ୍ଗ ପକ୍ଷୀଙ୍କ ସମାଗମ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ନଳବଣ ଓ ରାଜଦଳରେ ଖାଦ୍ୟ ଅନ୍ୱେଷଣ କରୁଥିବା କିମ୍ବା ଉଡୁଥିବା ପକ୍ଷୀଙ୍କ ଫଟୋ ଉଠାଇବା ପାଇଁ ପର୍ଯ୍ୟଟକ ଆଗ୍ରହ ପ୍ରକାଶ କରିଥାନ୍ତି। ତେବେ ମଙ୍ଗଳାଯୋଡ଼ିକୁ ଆଖିଦୃଶିଆ ଭାବେ ବିଦେଶାଗତ ପକ୍ଷୀଙ୍କ ଆଗମନ ଘଟି ନ ଥିବା ଏବଂ ଦେଶୀୟ ପକ୍ଷୀ ବିଚରଣ କରୁଥିବା ଦେଖିବାକୁ ମିଳିଛି ବୋଲି ରବିବାର ମଙ୍ଗଳାଯୋଡ଼ି ବୁଲିବାକୁ ଆସିଥିବା କେତେଜଣ ପର୍ଯ୍ୟଟକ କହିଛନ୍ତି। ଭୁବନେଶ୍ୱରରୁ ଆସିଥିବା ଏକ ପର୍ଯ୍ୟଟକ ଟିମ କହିଛନ୍ତି, ପ୍ରତିବର୍ଷ ନଭେମ୍ବର ପହିଲାରେ ମଙ୍ଗଳାଯୋଡ଼ିକୁ ବିଦେଶାଗତ ପକ୍ଷୀଙ୍କୁ ଦେଖିବାକୁ ଆସିଥାଉ। ତେବେ ବୁଲିବା ବେଳେ ଦେଖାଯାଉଥିବା ଅଧିକାଂଶ ପକ୍ଷୀ ଦେଶୀୟ ପ୍ରଜାତିର ବୋଲି ଜଣାପଡୁଛି। ସେହିପରି କେତେଜଣ ଗାଇଡ୍‌ସଙ୍କ ସୂଚନା ଅନୁସାରେ ବର୍ତ୍ତମାନ ଦେଶୀୟ ପକ୍ଷୀଙ୍କ ଆଗମନ ବେଶି ରହିଛି। ଶୀତ ବଢ଼ିଲେ ବିଦେଶାଗତ ପକ୍ଷୀଙ୍କ ଆଗମନ ବଢ଼ିବ। ଟାଙ୍ଗୀ ବନ୍ୟପ୍ରାଣୀ ଅଧିକାରୀ ସି.ଏଚ୍. ମୁର୍ମୁ କହିଛନ୍ତି,ସମସ୍ତ ଅସ୍ଥାୟୀ କ୍ୟାମ୍ପରେ ଫରେଷ୍ଟ ଗାର୍ଡ ନିୟୋଜିତ ଅଛନ୍ତି। ସେମାନେ ନିଜ ପରିସୀମା ମଧ୍ୟରେ ସ୍ଥାନୀୟ ଲୋକଙ୍କ ସହିତ ଯୋଗାଯୋଗ ରଖି ପକ୍ଷୀଙ୍କ ସୁରକ୍ଷା ଉପରେ ଗୁରୁତ୍ୱ ଦେଉଛନ୍ତି। ଫରେଷ୍ଟରଙ୍କ ସଂଖ୍ୟା କମ୍ ଥିବାରୁ ଜଣେ ଗାର୍ଡଙ୍କୁ ଦୁଇଟି କ୍ୟାମ୍ପ ଦାୟିତ୍ୱ ଦିଆଯାଇଛି। ଅନ୍ୟପକ୍ଷରେ ପରିବେଶବିତ୍ ଜୟକୃଷ୍ଣ ପାଣିଗ୍ରାହୀ କହିଛନ୍ତି, ମଙ୍ଗଳାଯୋଡ଼ିରେ ଧୀରେ ରାଜଦଳ ଓ ନଳଘାସ ମାଡ଼ିଗଲାଣି। ଚିଲିକା ଧୀରେ ଧୀରେ ପୋତି ହୋଇଗଲାଣି। ଜୈବ ବିବିଧତା ନଷ୍ଟ ହେବା ସହ ବହୁ ଜଳଚର ଜୀବଙ୍କ ସଂଖ୍ୟା ମଧ୍ୟ କମିବାରେ ଲାଗିଛି। ବିଦେଶାଗତ ପକ୍ଷୀ ଖାଦ୍ୟ ଅନ୍ୱେଷଣରେ ଏଠାକୁ ଆସନ୍ତି। ଯଦି ଏଠାରେ ଖାଦ୍ୟ ଉପଲବ୍ଧ ନ ହେବ, ତେବେ ପକ୍ଷୀଙ୍କ ଆଗମନ ମଧ୍ୟ କମିଯିବ। ଏଣୁ ଚିଲିକାକୁ ବର୍ଜ୍ୟବସ୍ତୁ ଓ ପ୍ରଦୂଷଣମୁକ୍ତ ରଖିବା ସହ ଏହାର ସୁରକ୍ଷା ପାଇଁ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ, ବନ୍ୟପ୍ରାଣୀ ବିଭାଗ, ମତ୍ସ୍ୟ ବିଭାଗ ଏବଂ ଜିଲା ପ୍ରଶାସନ ମିଳିତ ଭାବେ ପଦକ୍ଷେପ ନେବା ଉଚିତ।

### ବାଙ୍କୀରେ ଐତିହ୍ୟ ପଦଯାତ୍ରା

ବାଙ୍କୀ,୭ା୧୧(ସ୍ୱ.ପ୍ର.)

କଟକ ହେରିଟେଜ୍ ୱାର୍କସ ଓ ପର୍ଯ୍ୟଟନ ବିଭାଗର ମିଳିତ ଆନୁକୂଲ୍ୟରେ ବାଙ୍କୀରେ ରବିବାର ଐତିହ୍ୟ ପଦଯାତ୍ରା ଆରମ୍ଭ ହୋଇଛି। କଟକ ହେରିଟେଜ୍ ୱାର୍କସର ଆବାହକ ଦୀପକ କୁମାର ସାମନ୍ତରାୟଙ୍କ ନେତୃତ୍ୱରେ ରବିବାର ଏକ ୨୫ ଜଣିଆ ପ୍ରତିନିଧି ଦଳ ବାଙ୍କୀରେ ପହଞ୍ଚି ବିଭିନ୍ନ ଐତିହ୍ୟ ପର୍ଯ୍ୟଟନସ୍ଥଳ ବୁଲି ଦେଖିଥିଲେ। ସେମାନେ ବାଙ୍କୀର ଗୟଳବାଙ୍କ ନିକଟରେ ଥିବା ଦେବୀଦ୍ୱାର ମନ୍ଦିରଠାରୁ ଆରମ୍ଭ କରି ସରଣ୍ଡାଗଡ଼ାର କୀର୍ତ୍ତିରାଜି , ଘୋଡାବର ରାଧାକାନ୍ତ ମନ୍ଦିର, ସୁବର୍ଣ୍ଣପୁର ଗ୍ରାମର ତୃତୀୟ ଦେବ ଜଗନ୍ନାଥ ମନ୍ଦିର , ରଗଡିର ମହିମାମଣି ମନ୍ଦିର ଏବଂ ତନ୍ତ ବାନ୍ଧ କାମ ବୁଲିଦେଖିଥିଲେ। ଶେଷରେ ଚର୍ଚ୍ଚିକା ମନ୍ଦିର ପରିଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ସିଆରଟିଡିର ସମ୍ପାଦକ ଲଳିତମୋହନ ପଣ୍ଡା ଓ ସଂଯୋଜକ ଅମିତ୍ କୁମାର ସାହୁଙ୍କ ସମେତ ଦିଲୀପ କୁମାର ଦାସ, ପଲ୍ଲଭିକା ତ୍ରିପାଠୀ, ଗୌତମ ମିଶ୍ର, ମନୋଜ ମହାପାତ୍ର, ଦିଲୀପ ପରିଡା, ସନ୍ତୋଷ ସିଂ, ମଧୁଜ୍ୟୋତ୍ସ୍ନା ସିଂହ, ଦୀକ୍ଷଶା କାଜରିଆ, ଅଞ୍ଜନା ପାଲଟା ସିଂହ ଓ ସିଦ୍ଧାର୍ଥ ଦେ ପ୍ରମୁଖ ଉପସ୍ଥିତ ଥିଲେ।

## ‘ପ୍ରମୋଦ ଭଗତଙ୍କୁ ପ୍ରଦ୍ୟୁମ୍ନ କ୍ରୀଡ଼ା ସମ୍ମାନ’

ଭୁବନେଶ୍ୱର, ୭ା୧୧(ବ୍ୟୁରୋ)

ପ୍ରଗତିବାଦୀର ପ୍ରତିଷ୍ଠାତା ତଥା ଜନନେତା ପ୍ରଦ୍ୟୁମ୍ନ ବଳଙ୍କ ୮୯ତମ ଜୟନ୍ତୀ ସମାରୋହ ସୋମବାର ଅନୁଷ୍ଠିତ ହେବ। ଏହାର ଅବ୍ୟବହିତ ପୂର୍ବରୁ ରବିବାର ସନ୍ଧ୍ୟାରେ ପ୍ରଗତିବାଦୀ ପରିସରରେ ଫଟୋ ପ୍ରଦର୍ଶନୀ ଓ ‘ପ୍ରଦ୍ୟୁମ୍ନ କ୍ରୀଡ଼ା ସମ୍ମାନ’ ପ୍ରଦାନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଉନ୍ନୟନ କମିଶନର ପ୍ରଦୀପ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ବ୍ୟକ୍ତିଗତ ଭାବେ ପ୍ରଥମ କ୍ୟାରିୟରେ ମୁଁ ପ୍ରଦ୍ୟୁମ୍ନ ବଳଙ୍କ ସହ ଦୁଇତିନି ଥର ଭେଟିବାର ସୁଯୋଗ ପାଇଛି। ସେହି ସମୟରେ ସେ କହିଥିଲେ ଯେ, ତମେ ଚାକିରି କରୁଛ ବିଭିନ୍ନ ପ୍ରକାର ଲୋକଙ୍କ ସଂସ୍ପର୍ଶରେ ଆସିବ। କିଏ ଖରାପ କିଏ ଭଲ ତାହା ଜାଣିପାରିବ ନାହିଁ। ଦ୍ୱନ୍ଦ୍ୱ ଭିତରେ ଆଗକୁ ବଢ଼ିବାକୁ ହେବ। ନିଜର ବିଚାରଧାରାକୁ ନେଇ କାର୍ଯ୍ୟ କରିବ ବୋଲି ପରାମର୍ଶ ଦେଇଥିଲେ। ମୁଁ ତାଙ୍କର ସମ୍ପାଦକୀୟକୁ ଭଲ ଭାବେ ପଢ଼େ। ସେ ପ୍ରସଙ୍ଗ ଭିତ୍ତିକ ସମ୍ପାଦକୀୟ ଲେଖନ୍ତି, ତାହା ନିର୍ଭୀକତା ଥାଏ। ନିର୍ଭୀକ ସାମ୍ବାଦିକତା କଷ୍ଟକର ହେଲେ ବି ସେ ତାହାକୁ ପ୍ରତିପାଦିତ କରନ୍ତି ବୋଲି ଜେନା କହିଥିଲେ। ପ୍ରଗତିବାଦୀର ଅଧ୍ୟକ୍ଷା ଶାଶ୍ୱତୀ ବଳ ତାଙ୍କ ବକ୍ତବ୍ୟରେ ସ୍ୱତନ୍ତ୍ରତା ବଜାୟ ରଖିବା ଉପରେ କହିଥିଲେ। ଏହି ଅବସରରେ ପ୍ରମୋଦ ଭଗତଙ୍କୁ ପ୍ରଦ୍ୟୁମ୍ନ କ୍ରୀଡ଼ା ସମ୍ମାନ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ପ୍ରଗତିବାଦୀର କାର୍ଯ୍ୟନିର୍ବାହୀ ସମ୍ପାଦକ ବିରୂପାକ୍ଷ ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ।


କ୍ରୀଡ଼ାବିତ୍ ପ୍ରମୋଦ ଭଗତଙ୍କୁ ‘ ପ୍ରଦ୍ୟୁମ୍ନ କ୍ରୀଡ଼ା ସମ୍ମାନ’ ପ୍ରଦାନ ଅବସରରେ ଉନ୍ନୟନ କମିଶନର ପ୍ରଦୀପ ଜେନା, ପ୍ରଗତିବାଦୀର ଅଧ୍ୟକ୍ଷା ଶାଶ୍ୱତୀ ବଳ ଓ ଅନ୍ୟ ଅତିଥିମାନେ।

### ‘କଳା, ସଂସ୍କୃତି ସୁସ୍ଥ ସମାଜ ଗଠନ କରେ’

କଟକ ଅଫିସ, ୭ା୧୧

ପ୍ରତିଭା ସାଂସ୍କୃତିକ କଳା ପରିଷଦ ପକ୍ଷରୁ ୪୨ ମୌଜାସ୍ଥିତ କନକଦୁର୍ଗା ମଣ୍ଡପଠାରେ ରବିବାର ପ୍ରତିଭା ସମ୍ମାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଚାର୍ଯ୍ୟ ସ୍ୱାମୀ କୃଷ୍ଣପ୍ରେମାନନ୍ଦ ସରସ୍ୱତୀ ଯୋଗଦେଇ କଳା ସଂସ୍କୃତି ହିଁ ସୁସ୍ଥ ସମାଜ ଗଠନ କରେ ବୋଲି କହିଥିଲେ। ପରିଷଦର ସଭାପତି ଆଲୋକ କୁମାର ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଭରତିଆ ଚାରିଟେବୁଲ ଟ୍ରଷ୍ଟ ଅଧ୍ୟକ୍ଷ ଡ. କିଶନ ଲାଲ ଅଗ୍ରୱାଲ, ମୁଖ୍ୟବକ୍ତା ଭାବେ ୧୪ ଦିଗଭାଗ ସଂର୍କୀନ ମଣ୍ଡଳି ସର୍ବମହନ୍ତ ସୁରେନ୍ଦ୍ର କୁମାର ପଣ୍ଡା, ସମ୍ମାନିତ ଅତିଥି ଭାବେ ଷ୍ଟେଟ୍ ହେଲ୍‌ଥ ଆସ୍ୟୁରାନ୍ସ ସୋସାଇଟିର ଯୁଗ୍ମ ସଚିବ ଡା. ଶୁଭ୍ରଜ୍ୟୋତି ରାଓ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଡା. ଦିଲ୍ଲୀପ ଦାସ, ସସ୍ମିତା ପାଲୁର, ବିଜୟ କୁମାର ପାତ୍ର ଓ ଡା. ରାକେଶ କୁମାର ଜେନାଙ୍କୁ କରୋନା ଯୋଦ୍ଧା ଭାବେ ସମ୍ମାନିତ କରାଯାଇଥିଲା। ସେହିପରି ବାଦ୍ୟ, ନୃତ୍ୟ, ନାଟ୍ୟ କଳା ଓ ଶିକ୍ଷା କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବିଷ୍ଣୁଚରଣ ସେଠୀ, ବିତ୍ର ପ୍ରଧାନ, ସୋମନାଥ ଶତପଥୀ, ଅଶୋକ ଜେନା, ସୁବାସ ମହାପାତ୍ର, ବିଶ୍ୱ ରଞ୍ଜନ ପତି, ହୃଦାନନ୍ଦ ବିଶ୍ୱାଳ ଓ ସତ୍ୟଦୀପ ସାହୁଙ୍କ ସମେତ ୨୫ଜଣଙ୍କୁ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ଉପଦେଷ୍ଟା ରଣଜିତ ମହାନ୍ତି, ଆଡ୍‌ଭୋକେଟ୍ କୈଳାସ ଚନ୍ଦ୍ର ସ୍ୱାଇଁ ଉପସ୍ଥିତ ଥିଲେ। ପ୍ରଭାତ କୁମାର ଦେବତା ସ୍ୱାଗତ ଭାଷଣ, ସାଧାରଣ ସମ୍ପାଦକ ରାମଚନ୍ଦ୍ର ଗୋଚ୍ଛାୟତ ବିବରଣୀ ଓ ବୀରବର ଲେଙ୍କା ଧନ୍ୟବାଦ ଦେଇଥିଲେ। ବିନୋଦ ବିହାରୀ ବେହେରା, ଦୁଃଖିଶ୍ୟାମ ପ୍ରଧାନ, ଅରୁପାନନ୍ଦ ଚୌଧୁରୀ, ସୁବୋଧ ବେହେରା, ଋଷି କାଣ୍ଡି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କର୍ମସଂସ୍ଥାନ ଅଭାବରୁ ବିଦେଶ ଠିକଣା

କଟକ ଅଫିସ,୭ା୧୧


କଟକ ରେଳ ଷ୍ଟେଶନ ବାହାରେ ଟ୍ରେନ୍‌କୁ ଅପେକ୍ଷା କରିଥିବା ଯୁବକମାନେ।

**ରାତିର ସହର...**

ଦଶମ, ଯୁକ୍ତ ଦୁଇ ପାଠ ପର୍ଯ୍ୟନ୍ତ ପଢ଼ିଛୁ। ଏତିକିରେ ଚାକିରି ମିଳୁ ନାହିଁ। କିନ୍ତୁ କରିବୁ କ’ଣ। ଆମ କଥା ବୁଝୁଛି କିଏ। ସଂସାର ଚାଲିବ କେମିତି। ଚାକିରି କଥା ଛାଡ଼। ବେପାର କରିବାକୁ ଟଙ୍କା ବି ନାହିଁ। ବ୍ୟାଙ୍କରୁ ଋଣ ମିଳୁନାହିଁ,ବନ୍ଧକ ଦରକାର ପଡୁଛି। ତାହା ଆମ ପାଖରେ ନାହିଁ। ପେଟ ପାଟଣାପାଇଁ ତ ରୋଜଗାର କରିବାକୁ ପଡ଼ିବ। ତେଣୁ କର୍ମସଂସ୍ଥାନ ପାଇଁ ବାହାରିଛୁ ଗୁଜରାଟ ସୁରଟ। ଏହା ହେଉଛି କଟକ ରେଳ ଷ୍ଟେଶନ ବାହାରେ ରାତିସାରା ଟ୍ରେନକୁ ଅପେକ୍ଷାରତ କେତେଜଣ ଶ୍ରମିକଙ୍କ ମନର କଥା। ଦୀପକ, ବବଲୁ, ସର୍ବେଶ୍ୱର, ସୁନୀଲଙ୍କୁ ଶୁକ୍ରବାର ରାତି ସାଢେ ୧୨ରେ ଧରିତ୍ରୀର ରାତିର ସହର ଟିମ୍ ଭେଟିଥିଲା।

ଶନିବାର ସକାଳ ସାଢେ ୭ରେ ଟ୍ରେନ୍। କିନ୍ତୁ ଘର ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ନେହେରୁ ପଡ଼ିଆ ନିକଟରେ। କଟକରୁ ୫୦କିଲୋମିଟର ଦୂର। ଭୋରରୁ ଆସି ଷ୍ଟେଶନରେ ପହଞ୍ଚିବା କଷ୍ଟକର। ତେଣୁ ପୂର୍ବ ରାତିରୁ ଆସି ପଡ଼ିରହିଛୁ। ପାଖରେ ଟିକେଟ ଅଛି, କିନ୍ତୁ ୨ ଘଣ୍ଟା ପୂର୍ବରୁ ଷ୍ଟେଶନରେ ପ୍ରବେଶ ଅନୁମତି ରହିଛି। ଏବେ ଷ୍ଟେଶନ ବାହାରେ ୮/୧୦ଘଣ୍ଟା ଅପେକ୍ଷା କରିବାକୁ ପଡ଼ିବ। ତେଣୁ ଷ୍ଟେଶନ ବାହାରେ ଥଣ୍ଡା, କାକରରେ ବିଶ୍ରାମ ନେଉଛୁ। ଏଠାରେ ଯାତ୍ରୀଙ୍କ ବିଶ୍ରାମ ପାଇଁ ବି ବ୍ୟବସ୍ଥା କରାଯାଇନାହିଁ ବୋଲି ଦୀପକ କହିଥିଲେ।

ଓଡ଼ିଶାରେ ଅଣ କୁଶଳୀଙ୍କ ପାଇଁ ସେମିତି କିଛି ରୋଜଗାର ବ୍ୟବସ୍ଥା ନାହିଁ। ତେଣୁ ରାଜ୍ୟର ଅଧିକାଂଶ ବେକାରି ଯୁବକ ବାହାର ରାଜ୍ୟ ତଥା ସୁରଟ, ଲୁଧିଆନା ମୁହାଁ ହେଉଛନ୍ତି। କହିବାକୁ ଗଲେ, ଓଡିଆଙ୍କ ଠିକଣା ଏକପ୍ରକାର ସୁରଟ ଲୁଧିଆନା ପାଲଟିଛି। ଆମେ ଓଡିଶାରେ ଜନ୍ମ ହୋଇଛୁ ସତ, ସେଥିପାଇଁ ଗର୍ବ କରୁଛୁ ମଧ୍ୟ। କିନ୍ତୁ ଏଠାରେ କର୍ମସଂସ୍ଥାନ ନାହିଁ। ସେଥିପାଇଁ ପେଟ ଚାଖଣ୍ଡକ ପାଇଁ ବାହାର ସହରକୁ ଯିବାକୁ ପଡୁଛି। କିନ୍ତୁ ସେଠାରେ ପରିବାରଠାରୁ ଦୂରରେ ରହି ବହୁ କଷ୍ଟରେ ରହୁଛୁ। ଯଦି ରାଜ୍ୟ ସରକାର ଆମପରି ଅଣକୁଶଳୀଙ୍କ ପାଇଁ କିଛି ବ୍ୟବସ୍ଥା କରନ୍ତେ ଆମେ ନିଜ ରାଜ୍ୟରେ ରହି କାମ କରନ୍ତୁ ବୋଲି ସେମାନେ ଆମ ପ୍ରତିନିଧିଙ୍କୁ କହିଥିଲେ। ଦୀପକ କିଛି ବର୍ଷଧରି ସୁରଟ ନିକଟ ଦମନର ଏକ ପ୍ଲାଷ୍ଟିକ କାରଖାନାରେ କାମ କରି ଆସୁଛନ୍ତି। ସେ ରୋଜଗାର କରିବା ପାଇଁ ଗାଁର ଅନ୍ୟ ୩ଜଣଙ୍କୁ ଡାକି ନେଉଛନ୍ତି।

## ଏସ୍‌ସିବିରେ ହେବ ଥାର୍ଡ ସ୍ପେସ୍ ଏଣ୍ଡୋସ୍କୋପି

**ମିଳିବ ମାଗଣା ଚିକିତ୍ସା**

କଟକ ଅଫିସ,୭ା୧୧

ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲର ପ୍ଲାଟିନମ ଜୁବିଲି ପାଳନ ପରିପ୍ରେକ୍ଷୀରେ ଗ୍ୟାଷ୍ଟ୍ରୋଲୋଜି ବିଭାଗ ପକ୍ଷରୁ ମେଡିକାଲ ପରିସରରେ ରବିବାର ଏକ କର୍ମଶାଳା ଆୟୋଜିତ ହୋଇଯାଇଛି। ଏଥିରେ ନୂଆଦିଲ୍ଲୀସ୍ଥିତ ମେଦାନ୍ତ ହସ୍ପିଟାଲ ଏଣ୍ଡୋସ୍କୋପି ବିଭାଗର ନିର୍ଦ୍ଦେଶକ ଡ. ରାଜେଶ ପୁରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଏସ୍‌ସିବିରେ ଥାର୍ଡ ସ୍ପେସ୍ ଏଣ୍ଡୋସ୍କୋପି ଆରମ୍ଭ ହେବ ବୋଲି ଘୋଷଣା କରାଯାଇଛି। ଏହା ସାହାଯ୍ୟରେ ଖାଦ୍ୟନଳୀର ୱାଲ୍‌ରେ ଏକ ଛୋଟ କଣା କରାଯିବ। ଦୁଇ ୱାଲ ମଝିରେ ଯାଇ ସମସ୍ୟା ସୃଷ୍ଟିକାରୀ ମାଂସପେଶୀକୁ କାଟି କାଢ଼ି ଦିଆଯିବ। ତେବେ ପ୍ରଥମ ସରକାରୀ ହସ୍ପିଟାଲ ଭାବେ ଏସ୍‌ସିବିରେ ଏହି ଚିକିତ୍ସା ବ୍ୟବସ୍ଥା ଆରମ୍ଭ ହେବ ବୋଲି ବିଭାଗୀୟ ମୁଖ୍ୟ ପ୍ରଫେସର ଡ. ଚିତ୍ତରଞ୍ଜନ ପଣ୍ଡା କହିଛନ୍ତି। ପୂର୍ବରୁ ଏହି ଚିକିତ୍ସା ବ୍ୟବସ୍ଥା ଓଡ଼ିଶାର ବିଭିନ୍ନ ଘରୋଇ ହସ୍ପିଟାଲରେ ରହିଛି। ହେଲେ ଚିକିତ୍ସା ପାଇଁ ରୋଗୀଙ୍କୁ ୨ରୁ ୩ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ପଡୁଥିଲା। ଏବେ ଏସ୍‌ସିବିରେ ଏହି ଚିକିତ୍ସା ମାଗଣାରେ କରାଯିବ। ଏହି କର୍ମଶାଳାରେ ଏସ୍‌ସିବି ମେଡିକାଲ ଅଧ୍ୟକ୍ଷ ପ୍ରଫେସର ଦଣ୍ଡେଶ୍ୱର ହୋତା, ଡ. ଏସ୍.ପି. ସିଂ, ବନବିହାରୀ ମିଶ୍ର, ଗ୍ୟାଷ୍ଟ୍ରୋଲୋଜି ବିଭାଗର ଆସୋସିଏଟ ପ୍ରଫେସର ପ୍ରଶାନ୍ତ ପରିଡ଼ା ପ୍ରମୁଖ ଉପସ୍ଥିତ ରହି ନୂତନ ଚିକିତ୍ସା ବ୍ୟବସ୍ଥା ସମ୍ପର୍କରେ ଆଲୋକପାତ କରିଥିଲେ।

## ସ୍କାଉଟ୍ସ ଓ ଗାଇଡ୍ସର ପ୍ରତିଷ୍ଠା ଦିବସ

ବାଙ୍କୀ,୭ା୧୧(ସ୍ୱ.ପ୍ର.)

ଭାରତ ସ୍କାଉଟ୍ସ ଗାଇଡ୍ସର ୭୧ତମ ପ୍ରତିଷ୍ଠା ଦିବସ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ମହାବିଦ୍ୟାଳୟର ସ୍କାଉଟ୍ସ ଓ ଗାଇଡ୍ସର ରୋଭର ଓ ରେଞ୍ଜର ବିଭାଗ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମକୁ ରୋଭର ଲିଡର ଭୂପତି ଭୂଷଣ ପ୍ରଧାନ ପରିଚାଳନା କରିଥିଲେ। ରେଞ୍ଜର ଲିଡର ଅଧ୍ୟାପିକା ଦେବସ୍ମିତା ରାଉତ ବିବରଣୀ ପାଠ କରିଥିଲେ। ମୁଖ୍ୟଅତିଥିଭାବେ ଅଧକ୍ଷ ଡ.ଅରୁଣ କୁମାର ବେହେରା, ସମ୍ମାନିତ ଅତିଥି ଭାବେ ଉପାଧକ୍ଷ ମନୋଜ ମହାପାତ୍ର, ପୂର୍ବତନ ପରୀକ୍ଷା ନିୟନ୍ତ୍ରକ ଡ.ନିବାସିନୀ ପଣ୍ଡା, ପ୍ରାଧାପକ ନିରଞ୍ଜନ ମହାନ୍ତି, ଡ.ମୁରଲୀଧର ରଥ, ପ୍ରାଧାପକ ତ୍ରୈଲୋକ୍ୟନାଥ ଦାସ, ବୃନ୍ଦାବନ ପ୍ରଧାନ, ପ୍ରଶାନ୍ତ ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ।



ପୁରୀ ସମବାୟ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ରବିବାର ଅତିଥିମାନେ ଅକ୍ଷର ଯଜ୍ଞ ଓ ସ୍ୱର କବିତା ପୁସ୍ତକକୁ ଉନ୍ମୋଚନ କରୁଛନ୍ତି।


ଭୁବନେଶ୍ୱର ଲକ୍ଷ୍ମୀସାଗର ରିଫ୍ୟୁଜି କଲୋନୀସ୍ଥିତ ଗୁପ୍ତାକୁଟୀରରେ ମା’ କାଳୀଙ୍କ ସମ୍ମୁଖରେ ମହିଳାମାନେ ସିନ୍ଦୂର ଖେଳ ଖେଳୁଛନ୍ତି।



ଭୁବନେଶ୍ୱରସ୍ଥିତ ଭାରତ ସ୍କାଉଟ୍‌ସ ଏବଂ ଗାଇଡ୍‌ସ ପରିସରରେ ରବିବାର ଅନୁଷ୍ଠିତ ଡଃ ଏସ୍.ଏନ୍.ସୁବାରାଓଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ଅତିଥିମାନେ।